**ଭଦ୍ରକ, ୮।୯ (ସନାତନ ରାଉତ)**

ଭଦ୍ରକ କଲେଜ ମୁଖ୍ୟ ଫାଟକରୁ ବ୍ୟାନର କଢ଼ାଯିବାକୁ ନେଇ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସନ୍ଧ୍ୟାରେ ଏସ୍‌ପି ଓ ଟାଉନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯିବା ସହ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି।

ସୂଚନା ଅନୁଯାୟୀ, ନିକଟରେ କଲେଜ ପଡ଼ିଆରେ ସ୍ଥାନୀୟ ଏକ କ୍ଲବ୍ ପକ୍ଷରୁ ଗଣେଶ ପୂଜା କରାଯାଇଥିଲା। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା କଲେଜର ମୁଖ୍ୟ ଫାଟକରେ ସେହି କ୍ଲବ୍‌ର ଏକ ବ୍ୟାନର ଲଗାଯାଇଥିଲା। ଏହାକୁ ନେଇ କେତେଜଣ କଲେଜ ଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କଲେଜ ଫାଟକରେ ନିର୍ଦ୍ଦିଷ୍ଟ ଏକ କ୍ଲବ୍‌ର ବ୍ୟାନର ଲଗାଯିବାକୁ ସେମାନେ ବିରୋଧ କରିବା ପରେ ତାହାକୁ ହଟାଇ ଦିଆଯାଇଥିଲା। ସୋମବାର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଲେଖାଥିବା ଏକ ବ୍ୟାନର ଫାଟକରେ ଲଗାଯାଇଥିଲା। କଲେଜର ଅନ୍ୟ ଏକ ଛାତ୍ର ଗୋଷ୍ଠୀ ଅପରାହ୍ନରେ ଏହି ବ୍ୟାନରକୁ ଖୋଲିଦେବାରୁ ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। କେତେଜଣ ଛାତ୍ର ବ୍ୟାନର କାହିଁକି ଖୋଲାଗଲା ବୋଲି କହି ହୋହଲ୍ଲା କରିଥିଲେ। ଉତ୍ତେଜନା ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ସହ ଆଲୋଚନା କରିଛି। ଛାତ୍ର ଓଁକାର ମହାନ୍ତି କହିଛନ୍ତି, ଗେଟ୍‌ରେ ନିଜ କଲେଜର ନାମ ଲେଖାଥିବା ଏକ ବ୍ୟାନର ଅଧ୍ୟକ୍ଷଙ୍କ ସ୍ୱୀକୃତି ନେଇ ଲଗାଯାଇଥିଲା। ସେମାନଙ୍କୁ ନ ଜଣାଇ ତାହାକୁ ଖୋଲି ଦିଆଯିବା ନିନ୍ଦନୀୟ ଘଟଣା। ସେହି ବ୍ୟାନର ପୁଣିଥରେ ଲଗାଇବା ସହ କଲେଜ ଫାଟକ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରାଯିବାକୁ ସେ ଦାବି କରିଛନ୍ତି।



ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ-ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। -ଶ୍ରୀମା



# ଯୁବ ମେଣ୍ଢା

ହିମାଳୟ ଦେଶ ନେପାଳରେ ସରକାର ବିରୋଧୀ ବିକ୍ଷୋଭ ଶୀର୍ଷରେ ପହଞ୍ଚିଛି। କିଛିଦିନ ପୂର୍ବରୁ ସେଠାରେ ରାଜତନ୍ତ୍ର ସପକ୍ଷରେ ଆନ୍ଦୋଳନ ଦେଖାଦେଇଥିଲା। ହେଲେ ଏବର ପ୍ରତିବାଦର ନେତୃତ୍ୱ ନେଉଛନ୍ତି ଜେନ୍ ଜେଡ୍ ବର୍ଗ। ଉଲ୍ଲେଖଯୋଗ୍ୟ ଯେ, ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଏହି ପିଢ଼ି ଦେଶରେ ଗତ ୪ ତାରିଖରୁ ସେଠାକାର ସରକାରଙ୍କ ଦ୍ୱାରା ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ହ୍ୱାଟ୍‌ସଆପ୍ ଭଳି ୨୬ଟି ସୋସିଆଲ ମିଡିଆକୁ ଅଚଳ କରିଦିଆଯିବା ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି। ନାଗରିକର ବାକ୍ ସ୍ୱାଧୀନତା ଓ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଯିବାରୁ 'ହାମି ନେପାଳ' ଆହ୍ୱାନରେ ଯୁବବର୍ଗ ୮ ସେପ୍ଟେମ୍ବରରେ କାଠମାଣ୍ଡୁସ୍ଥିତ ପାର୍ଲାମେଣ୍ଟ ଭବନ ଆଡ଼କୁ ମାଡ଼ି ଆସିଛନ୍ତି। ବିକ୍ଷୋଭକୁ ପ୍ରତିହତ କରିବା ଲାଗି ଓ.ପି. ଶର୍ମା ଓଲି ସରକାର କଠୋର ହେବାରୁ ୨୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୫୦ରୁ ଅଧିକ ଆହତ ହୋଇଛନ୍ତି। ସୋସିଆଲ ମିଡିଆ ବନ୍ଦ ସପକ୍ଷରେ ସରକାର ସଫେଇ ଦେଉଛନ୍ତି ଯେ, ସମ୍ପୃକ୍ତ କମ୍ପାନୀଗୁଡ଼ିକ ସରକାରୀ ନିୟମାବଳୀକୁ ଉଲ୍ଲଂଘନ କରିବା ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ପଞ୍ଜୀକୃତ ହେଉ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ହେଲେ ଭିତିରି କଥା ଦେଖିଲେ ଦେଶରୁ ଦୁର୍ନୀତି ହଟାଇବା, ସରକାରଙ୍କ ଏକଚ୍ଛତ୍ରବାଦୀ ଶାସନ ଏବଂ ନେପାଳର ଦୁର୍ବଳ ଗଣତନ୍ତ୍ରରେ ଚାଇନାର ଅଯଥା ହସ୍ତକ୍ଷେପକୁ ବିରୋଧ କରି ଯୁବବର୍ଗ ପ୍ରତିବାଦର ସ୍ୱରକୁ ଦୃଢ଼ କରିଛନ୍ତି। ବର୍ଷ ବର୍ଷ ଧରି ନେପାଳର ରାଜନୈତିକ ଅସ୍ଥିରତା, ଅର୍ଥନୈତିକ ମାନ୍ଦାବସ୍ଥା ଓ ନାଗରିକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଉ ନ ଥିବାରୁ ସେଠାକାର ଯୁବବର୍ଗ ସରକାର ବିରୋଧରେ ବିକ୍ଷୋଭ କରିବା ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ଯୌବନକୁ କେବଳ କ୍ୟାଲେଣ୍ଡର ବର୍ଷରେ ମାପିହୁଏ ନାହିଁ। ଯୌବନକୁ ଚିହ୍ନିବା ପାଇଁ ଦୃଢ଼ ମାନସିକ ଅଭିମୁଖ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ କହନ୍ତି ଯେ, ଭବିଷ୍ୟତ ନାଗରିକର ହିତ ସକାଶେ ଆଜିର ଦେଶକୁ ଗଠନ କରାଯିବା ଦରକାର। ସେତେବେଳେ ଯୁବପିଢ଼ି ସବୁ କ୍ଷେତ୍ରରେ ଯୋଗ୍ୟ ହେବା ପାଇଁ ଚେଷ୍ଟା କରିବା ଆବଶ୍ୟକ। ଯୁବପିଢ଼ିର କର୍ତ୍ତବ୍ୟ ହେଉଛି ପୁରୁଣା ଢାଞ୍ଚାକୁ ଭାଙ୍ଗି ନୂଆ ସମାଜ ଓ ବ୍ୟବସ୍ଥା ସକାଶେ ପ୍ରଚେଷ୍ଟା କରିବା। ସେଥିରୁ ଓହରି ଗଲେ ଏବଂ କେବଳ ସ୍ୱାର୍ଥପର ହୋଇ ସମୂହ ବିକାଶକୁ ଅଣଦେଖା କରୁଥିଲେ ତାହାକୁ ଯୁବପିଢ଼ି କୁହାଯିବ ନାହିଁ। ଯେମିତି ଅନ୍ୟ ଦେଶଗୁଡ଼ିକରେ ଯୁବପିଢ଼ି ସବୁବେଳେ ଆନ୍ଦୋଳନ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ଆଇନ ବଦଳାଇ ଦେଇଥାଏ, ସେହିଭଳି ସ୍ଥିତି ଆଜି ନେପାଳରେ ଦେଖିବାକୁ ମିଳିଛି। ଭାରତର ପଡ଼ୋଶୀ ନେପାଳର ଯୁବପିଢ଼ି ନିଜର ସ୍ଥାନ ଭିନ୍ନ ସ୍ତରକୁ ନେଇପାରିଛି। ଯେତେବେଳେ ପାକିସ୍ତାନ, ଭାରତ ଓ ବାଂଲାଦେଶ ଭଳି ରାଷ୍ଟ୍ରରେ ଇଣ୍ଟରନେଟ୍ ବନ୍ଦ କରାଯାଉଛି ଓ ସୋସିଆଲ ମିଡିଆକୁ ଅଟକାଇ ଦିଆଯାଉଛି, ସେତେବେଳେ ଯୁବଶକ୍ତିର କୌଣସି ପ୍ରତିବାଦର ସ୍ୱର ଶୁଣିବାକୁ ମିଳୁନାହିଁ। ତାହା ପ୍ରମାଣ କରୁଛି ଯେ ଭାରତ ଭଳି ଦେଶରେ, ଶାରୀରିକ ବା କ୍ୟାଲେଣ୍ଡର ବୟସକୁ ଦେଖିଲେ ଅଧିକ ଯୁବ ଜନସଂଖ୍ୟା ଥିବା ସତ୍ତ୍ୱେ, ଯୁବଶକ୍ତି ସମ୍ପୂର୍ଣ୍ଣ ଭାବେ ଶିଥିଳ ପଡ଼ିଯାଇଛି। ଏହା ପ୍ରମାଣ କରୁଛି ଯେ, ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ। ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାତି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।

> ଭାରତର ଯୁବବର୍ଗ ନୂତନତ୍ୱ ବୁଝିବା ପରିବର୍ତ୍ତେ କେବଳ ତତ୍‌କ୍ଷଣାତ୍ ସୁବିଧା ଖୋଜୁଥିବା ହେତୁ ସେମାନେ ଏହି ଦେଶର ଭବିଷ୍ୟତରେ ପରିବର୍ତ୍ତନ ଆଣିଲା ଭଳି ଦେଖାଯାଉ ନାହିଁ ମନେରଖିବାକୁ ହେବ ଯେ, ପାଟିଫିଟାଇ ନିଜ ମତବ୍ୟକ୍ତ କରିବାକୁ ଅନିଚ୍ଛୁକ ଯୁବପିଢ଼ି କେବଳ ମେଣ୍ଢା ଭାବେ ପଲରେ ମାତି ଡେଇଁଲେ ଉନ୍ନତ ଜାତି ସୃଷ୍ଟି ହେବ ନାହିଁ।

ନେପାଳର ଯୁବପିଢ଼ି ନିଜର ଭିନ୍ନତା ପ୍ରମାଣ କରିପାରିଛି। ଏଭଳି ଧରଣର ବିକ୍ଷୋଭ ପଡ଼ୋଶୀ ଦେଶରେ ଦେଖିବାକୁ ମିଳୁ ନ ଥିଲା। ପ୍ରଥମେ ବାଂଲାଦେଶରେ ଛାତ୍ର ଓ ଯୁବବର୍ଗ ସେଠାକାର ସରକାର ପରିବର୍ତ୍ତନ କରିବାରେ ସଫଳ ହେଲେ। ଏବେ ନେପାଳର ଯୁବଶକ୍ତି ଏକ ନୂତନ ଲଢ଼େଇ ଆରମ୍ଭ କରିଛନ୍ତି। ସେମାନେ ଯଦି ସଫଳ ହୁଅନ୍ତି, ତେବେ ପ୍ରମାଣ ମିଳିବ ଯେ ଯୁବପିଢ଼ି ଯେଉଁଠାରେ ନୂଆ ବାଟ ଖୋଜିବ ସେଠାରେ ସଫଳତା ନିଶ୍ଚୟ ମିଳିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | 8 | | | |
| | | | 7 | | 5 | | | |
| 5 | | 4 | | 6 | | | | |
| 9 | 4 | | | | | | | |
| | | | 6 | | | | 2 | 1 |
| 3 | | | | | | | | 4 |
| | | 8 | | 7 | | | 4 | |
| | | | 5 | 2 | | | 9 | |
| | | 1 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 1 | 2 | 8 | 3 | 6 | 9 |
| 3 | 1 | 6 | 9 | 5 | 4 | 2 | 8 | 7 |
| 9 | 8 | 2 | 7 | 6 | 3 | 1 | 5 | 4 |
| 1 | 5 | 8 | 3 | 4 | 7 | 6 | 9 | 2 |
| 6 | 2 | 9 | 5 | 8 | 1 | 7 | 4 | 3 |
| 7 | 3 | 4 | 6 | 9 | 2 | 8 | 1 | 5 |
| 5 | 4 | 1 | 2 | 7 | 6 | 9 | 3 | 8 |
| 2 | 9 | 3 | 8 | 1 | 5 | 4 | 7 | 6 |
| 8 | 6 | 7 | 4 | 3 | 9 | 5 | 2 | 1 |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

# ପାଗଳ ପ୍ରେମିକ ଦଳ

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆମ ସମୟର ଜଣେ ପ୍ରଥିତଯଶା ମାନବବାଦୀ କବି ସୂର୍ଯ୍ୟ ମିଶ୍ରଙ୍କର ଏକ କାବ୍ୟଗ୍ରନ୍ଥର ନାମ 'ପାଗଳ ପ୍ରେମିକ ଦଳ'। ପ୍ରାୟ ୨୦ ବର୍ଷ ପୂର୍ବରୁ ପ୍ରକାଶିତ ଏହି କବିତା ସଂକଳନର ଶୀର୍ଷକ କବିତାର କେତୋଟି ପଂକ୍ତି ଥିଲା ପ୍ରେମୀମାନଙ୍କ ଚରିତ୍ର ଚିତ୍ରଣର ଏକ ଉଦ୍ଦାମ ପରିଭାଷା। ସେ ପୁରୁଷ ହୁଅନ୍ତୁ କି ନାରୀ, ସେମାନଙ୍କ ଉଚ୍ଛୁଳା ପ୍ରେମ ପ୍ରବାହର ଏକ ମନୋରମ ଚିତ୍ର ଆଙ୍କି କବି ଲେଖିଥିଲେ, ''ସେମାନେ ନିଆଁରେ ଚାଲିବେ, ପବନକୁ ହାତମୁଠାରେ ରଖିବେ, ଲହୁଣିର କଣ୍ଢେଇକୁ ଶିଖାଇବେ ଦୁଃସାହସ। ମାନ ସମ୍ମାନ, ଭୟଭ୍ରାନ୍ତି ଓ ଲାଜ ସରମକୁ ତୁଚ୍ଛ କରି ସେମାନେ ଲେଖିବେ ଭଲପାଇବାର ଅକ୍ଷର; ଝଲସିବ ଯେଉଁଥିରେ ତ୍ରିକାଳ କପାଳ, ସେମାନେ ପାଗଳ ପ୍ରେମିକ ଦଳ''। ପ୍ରେମିକଙ୍କ ପ୍ରେମ ପ୍ରବଣତାର ଏକ ପ୍ରକାର କାବ୍ୟିକ ପରିଭାଷା ମଧ୍ୟରେ ପ୍ରତିଫଳିତ ହେଉଥିଲା ପ୍ରାଚୀନ କାଳର ରାଧାକୃଷ୍ଣ ପ୍ରେମ। କୃଷ୍ଣଙ୍କ ପ୍ରେମରେ ମତୁଆଲା ହୋଇ ନିଜ ସଂଭ୍ରାନ୍ତ ଆଭିଜାତ୍ୟକୁ ପାସୋରି ପକାଇଥିବା ମୀରାଙ୍କ ପାଗଳ ପ୍ରେମ ମଧ୍ୟ ଏହି ପର୍ଯ୍ୟାୟର। ଆମ ଲୋକକଥାରେ ବର୍ଣ୍ଣିତ ନିଜ ନାୟିକା ସହ ମିଳନର ଇଚ୍ଛା ନେଇ ଭୟଙ୍କର ବର୍ଷଣମୁଖର ରାତିରେ ବିଷଧର ସାପ ପିଠିରେ ନଦୀ ପାର ହୋଇଥିବା ପାଗଳ ପ୍ରେମିକ ବିଲ୍ୱମଙ୍ଗଳଙ୍କ ପାଗଳାମିର ପଟାନ୍ତର ନାହିଁ। କବିଙ୍କ କଳନାରେ ଏଇମାନେ ହିଁ ପାଗଳ ପ୍ରେମିକ ଦଳ, ଦୃଷ୍ଟାନ୍ତନୀୟ ଓ ଆଦର୍ଶସ୍ଥାନୀୟ। ଅଥଚ କଥିତ କବିତାର ଆଉ କେଇପାଦ ଆଗକୁ ପଢ଼ିଲେ ଏମିତି ଥୋକେ ପାଗଳ ପ୍ରେମିକଙ୍କୁ ସାମ୍ନା କରିବାକୁ ପଡ଼େ, ଯେଉଁମାନେ ସମ୍ପୂର୍ଣ୍ଣ ଭିନ୍ନ ସମ୍ପ୍ରଦାୟର। ଏମାନଙ୍କ ପ୍ରେମ -ପାଗଳାମିରେ ନା ଥାଏ ଦିବ୍ୟ ପ୍ରେମର ଅନୁଭବ, ନା ଥାଏ ସାନ୍ନିଧ ଓ ସମର୍ପଣର ଆଦର୍ଶବୋଧ। ନା ଥାଏ ଆମ ସଂସ୍କୃତି ଓ ପରମ୍ପରା ପ୍ରତି ସମ୍ମାନବୋଧ ନା ଥାଏ ସାମାଜିକ ସଂସ୍କାର ପାଇଁ ନିମ୍ନତମ ସମ୍ଭ୍ରମବୋଧ। ବାସ୍, କେବଳ କୁତ୍ସିତ ଦେହଭୋଗର ଉତ୍କଟ ଉଦ୍ଦାମତା, ଆଉ ଉଦ୍ଦଣ୍ଡ ଯୌବନର ଉଲଗ୍ନ ଅସଭ୍ୟତା। ସାମ୍ପ୍ରତିକ କାଳରେ ବାରମ୍ବାର ଆଖିରେ ପଡୁଥିବା ଏଇ ପାଗଳ ପ୍ରେମୀଙ୍କ ଚିତ୍ର ଓ ଚରିତ୍ର କୋଡ଼ିଏ ବର୍ଷ ତଳେ କ୍ରାନ୍ତିଦ୍ରଷ୍ଟା କବିଙ୍କ ଚେତନାରେ କେମିତି ପ୍ରତିବିମ୍ବିତ ହୋଇଥିଲା କେଜାଣି, ତାଙ୍କ କବିତାରେ ଚିତ୍ରିତ ହୋଇଥିଲା ଏକ ଭୟଙ୍କର ଚେତାବନୀ। ସେ ଆଙ୍କିଥିଲେ ଆସ୍ତେ ଆସ୍ତେ ଅସୁସ୍ଥ ହୋଇ ପଡୁଥିବା ଗୋଟିଏ ଅସହାୟ ସମାଜର କରୁଣ ଚିତ୍ରପଟ। କବି ଲେଖିଥିଲେ- ''ବର୍ଷ କେଇଟାରେ ବଦଳିଗଲା ପ୍ରେମର ପରିଭାଷା। ଉଲଙ୍ଗ ନାଚ ଆରମ୍ଭ କଲା ତା'ର ରୁଦ୍ଧ ଅହଂକାର, ଆଦର୍ଶ ଲୁଚାଇ ରଖିଲା ଆପଣାର ଅର୍ଥ, ପ୍ରେମର ଅନନ୍ତ ଶୋଷ ପିଇଲା ଗରଳ। ପ୍ରେମର ମଞ୍ଚ ଉପରେ ଅଶ୍ଳୀଳ ଅଭିନୟ ଲାଗି ସେଇ ପ୍ରେମିକ ଦଳ ଅତ୍ୟନ୍ତ ପାଗଳ।''

ଅଳ୍ପଦିନ ତଳେ ଆମ ରାଜ୍ୟର ପଞ୍ଚାମୁଣ୍ଡାଇ ଅଞ୍ଚଳର କଲେଜ ଛାତ୍ରୀ ଜଣେ ନିଜ ଦେହରେ ନିଆଁ ଲଗାଇ ମରିବା ମୂଳରେ ହେଲା ପ୍ରେମର ଏହି ପାଗଳପଣ। ପୁଣି କେଇ ମାସ ତଳେ ରାଜଧାନୀର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ରୀଙ୍କ ଆତ୍ମହତ୍ୟା ପଛରେ ଥିଲା ଏଇ ପ୍ରେମର ବିଷମ ପରିଣାମ। ପ୍ରେମ ନାମରେ କାମନାବାସନା ରାଜ୍ୟରେ ବିଚରଣ କରୁଥିବା ଏଇ ତରୁଣ ବିଦ୍ୟାର୍ଥୀଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ପାଠ ପଢ଼ିବା ପାଇଁ କଲେଜକୁ ଆସିଥିବା ଛାତ୍ରୀ ବା ଛାତ୍ରଟିଏ ଶିକ୍ଷାୟତନରେ ଆଧୁନିକତା ନାମରେ ଅଙ୍କୁଶବିହୀନ ସମ୍ପର୍କ, ସମ୍ପର୍କରୁ ପ୍ରେମ, ପ୍ରଣୟ ଓ ଆଜୀବନ ସଙ୍ଗୀ ହୋଇ ରହିବାର ପ୍ରତିଶ୍ରୁତି ଓ ପରେ ମୋବାଇଲରେ ଅନ୍ତରଙ୍ଗ ମୁହୂର୍ତ୍ତର ଚିତ୍ରକୁ ସର୍ବଜନବିଦିତ କରିବାର ଧମକ ଦେଇ ଏକ ଅମୂଲ୍ୟ ଜୀବନର ଅକାଳ ଅବସାଦ। ଆଉ ଦିବ୍ୟ ଯୌବନର କି ଦୁର୍ଭାଗ୍ୟପୂର୍ଣ୍ଣ ଯବନିକା ପତନ! କେଇ ଦିନ ତଳେ ସୋସିଆଲ ମିଡିଆରେ ଖେଳି ବୁଲୁଥିବା ଦୃଶ୍ୟଟି ଦେଖି ଦଶବର୍ଷ ତଳୁ ଅବସର ନେଇ ସାରିଥିବା ଏଇ ଅଧ୍ୟାପକ ଜଣକ ଲାଜରେ ମୁହଁ ଲୁଚାଇବାକୁ ଜାଗା ପାଉ ନ ଥିଲା। କୌଣସି କଲେଜର ୟୁନିଫର୍ମପିନ୍ଧା ଛାତ୍ରୀଛାତ୍ର ଦୁହିଁଙ୍କୁ ସହରର ଏକ ନିକାଞ୍ଚନ ସ୍ଥାନରେ ଆପତ୍ତିଜନକ ମୁଦ୍ରାରେ ଆବିଷ୍କାର କରିଥିଲେ କେଇଜଣ ସ୍ଥାନୀୟ ଯୁବକ। ଅସଂଯତ ଅବସ୍ଥାରେ ଥିବା ଛାତ୍ରୀଟି ବିକଳରେ ତା' ଫଟୋ ନ ଉଠାଇବାକୁ ଅନୁନୟ ହେଉଥିବାର ଦୃଶ୍ୟ ଏ ଲେଖକ ମନରେ ଭାବାନ୍ତର ସୃଷ୍ଟି କରୁଥିଲା। କଲେଜକୁ ପାଠ ପଢ଼ିବାକୁ ଯାଉଛି କହି ଘର ଛାଡ଼ିଥିବା ନିଜ କନ୍ୟାର କୁତ୍ସିତ ରୂପ ଓ କଳଙ୍କିତ କାହାଣୀ ହୁଏତ ପ୍ରତ୍ୟକ୍ଷ କରୁଥିବେ ସମାଜରେ ସଂସ୍କାରସମ୍ପନ୍ନ ଭାବେ ପରିଚିତ ହେଉଥିବା ତା'ର ମାତାପିତା। ଚରମ ଅସ୍ୱସ୍ତି ଓ ଅପମାନରେ ମଳି ହୋଇ ଯାଇଥିବ ସେମାନଙ୍କ ହୃଦୟ। ସମପକାର ବିଘଟନର ସମ୍ଭାବନାରେ ଆତଙ୍କିତ ହୋଇ ଉଠିଥିବେ କଲେଜପଢୁଆ କନ୍ୟାମାନଙ୍କର ଅବଶିଷ୍ଟ ମାତାପିତାମାନେ। ନିଜ ପିଲାମାନଙ୍କୁ ଦେଇଥିବା ଶିକ୍ଷା, ଦୀକ୍ଷା ଓ ସଂସ୍କାରର ସମୀକ୍ଷା କରିଥିବେ ସେମାନେ ଏବଂ ନୀରବରେ ନିନ୍ଦୁଥିବେ ନିଜ ଦୁର୍ଭାଗ୍ୟକୁ। ମାତ୍ର ବିଡ଼ମ୍ବନାର ବିଷୟ, ଝିଅପୁଅମାନେ କିନ୍ତୁ ସେମାନଙ୍କ ମା'ବାପା ଦେଇଥିବା ସଂସ୍କାର କେବେ ସମୀକ୍ଷା କରନ୍ତି ନାହିଁ। ସେମାନଙ୍କ ପାଇଁ ମାତାପିତାଙ୍କ ତ୍ୟାଗ ଓ ତପସ୍ୟାକୁ ମନେପକାନ୍ତି ନାହିଁ। ସେମାନଙ୍କ ଶିକ୍ଷା ପାଇଁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ବା ସେମାନଙ୍କୁ ନେଇ ଦେଖୁଥିବା ସ୍ୱପ୍ନ ସମ୍ପର୍କରେ ଚିନ୍ତା କରିବାକୁ ସେମାନଙ୍କର ନା ଥାଏ ସ୍ପୃହା ନା ସମୟ! ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇ ସେମାନେ ଅମଡ଼ାବାଟରେ ପାଦ ଥାପନ୍ତି। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। କେଉଁଠି ଆଦିମ କ୍ରୀଡ଼ାର ସେଇ ଗୋପନୀୟ ଦୃଶ୍ୟ ସର୍ବଜନବ୍ୟାପ୍ତ ହୁଏ ତ ଅନ୍ୟ କେଉଁଠି ଅବାଞ୍ଛିତ ଗର୍ଭଧାରଣର ଜ୍ୱଳନ ନିଜ ସହିତ ନିଜ ମା'ବାପାଙ୍କୁ ଦଗ୍ଧିଭୂତ କରେ। କେଉଁଠି ଅନୂଢ଼ା କିଶୋରୀଟିଏ ଆତ୍ମହତ୍ୟା କରେ ଅବା ଲୋକଲଜ୍ଜା ସହି ନ ପାରି ତାକୁ ହତ୍ୟା କରନ୍ତି ତା'ର ମାତାପିତା! ନବ୍ୟ ଆଧୁନିକତାର ଉତ୍ତାଳ ତରଙ୍ଗରେ ଭାସିଯାଇ ନିଜ ସତ୍ତା ହରାଇ ବସେ ଏକ ସ୍ୱପ୍ନମୟ ସମ୍ଭାବନା। ପ୍ରେମ ପ୍ରବାହର ମାରାତ୍ମକ ସ୍ରୋତରେ ଭାସିଯାଇ ବିବାହ ବନ୍ଧନରେ ଆବଦ୍ଧ ହୋଇ ସଂସାର କରିଥିବା ବୟସ୍କ ଦମ୍ପତିମାନେ ମଧ୍ୟ ପରକୀୟା ପ୍ରେମରେ ନିଜର ଦିଗ ହରାଇବସନ୍ତି। ନିଜ ସଂସ୍କାର ଓ ସଂସ୍କୃତିକୁ ବିସ୍ମରି ଯାଇ ପତିପତ୍ନୀ ସମ୍ପର୍କରୁ ପବିତ୍ରତାକୁ ପିଠି କରି ପରକୀୟା ସମ୍ପର୍କରେ ପାଗଳ ହୋଇଯା'ନ୍ତି ଏମାନେ। ଏକାଧିକ ସମ୍ପର୍କ ସହ ଦେହଭୋଗର ଲାଳସାକୁ ଚରିତାର୍ଥ କରିବାକୁ ଏମାନେ ଅପରାଧ କରିବାକୁ ପଛାଇ ଯାଆନ୍ତି ନାହିଁ। ପଥହୁଡ଼ା ତାରୁଣ୍ୟର ପାଗଳାମିଠାରୁ ଏମାନଙ୍କ ପାଗଳାମି ଅଧିକ ଉତ୍କଟ। ଏମାନେ ଅନ୍ୟର ଜୀବନ ନେବାକୁ ପଛାନ୍ତି ନାହିଁ। ନିଜ ପ୍ରେମିକାକୁ ପାଇବା ପାଇଁ ପତ୍ନୀକୁ ହତ୍ୟା କରିବା ଅବା ପ୍ରେମିକ ସହ ମିଶି ନିଜ ପତିର ଜୀବନ ନେବା ଭଳି ପାଗଳାମିର ଦୃଷ୍ଟାନ୍ତ ଏବେକାର ସମାଜରେ ଆଦୌ ବିରଳ ନୁହେଁ। ଏଇ କିଛିଦିନ ତଳେ ନବବିବାହିତ ଦମ୍ପତି ଦୁହେଁ ବିବାହର ସପ୍ତାହେ ନ ପୂରୁଣୁ ନିଜ ଦାମ୍ପତ୍ୟକୁ ସ୍ମରଣୀୟ କରିବାକୁ ମଧୁଚନ୍ଦ୍ରିକା ମନାଇବା ପାଇଁ ମଧ୍ୟପ୍ରଦେଶରୁ ଯାଇଥିଲେ ସୁଦୂର ମେଘାଳୟ। ସେଠାରୁ ଏକା ଫେରି ପତ୍ନୀ ଅଭିଯୋଗ କଲେ କି ତାଙ୍କ ପତି କୁଆଡ଼େ ହଜିଗଲେ ଯେ ସେ ଖୋଜି ଖୋଜି ନିରାଶ ହୋଇ ଏକା ଫେରି ଆସିଲେ। ପରେ ଜଣାପଡ଼ିଲା, ତାଙ୍କ ପ୍ରେମିକକୁ ପାଇବା ପାଇଁ ସେ କେଇ ଲକ୍ଷ ଟଙ୍କା ସୁପାରି ଦେଇ ନିଜ ପତିଙ୍କୁ ହତ୍ୟା କରାଇ ସେଠାକାର ଏକ ଜଳାଶୟରେ ଫିଙ୍ଗିଦେଇ ଆସିଛନ୍ତି। ପ୍ରେମରେ ପାଗଳ ନ ହେଲେ ଜଣେ ତରୁଣୀ କ'ଣ ଏମିତି ନିଷ୍ଠୁର ହୁଅନ୍ତା! ଆଉ ଟିକେ ପରିଣତ ବୟସର ପ୍ରେମ ପାଗଳାମି ତ ଆହୁରି ଭୟଙ୍କର। ଦୁଇବର୍ଷ ତଳେ ଫେସ୍‌ବୁକ୍ ମାଧ୍ୟମରେ ସ୍ଥାପିତ ହୋଇଥିବା ପ୍ରେମ ସମ୍ପର୍କର ନାୟକଙ୍କ ସହ ମିଳିତ ହେବାକୁ ଜଣେ ମଧ୍ୟବୟସ୍କା ଭାରତୀୟ ମହିଳା ପାକିସ୍ତାନ ଚାଲିଯାଇଥିଲେ। ଜଣେ ଅଜଣା ବିଧର୍ମୀ, ବିଦେଶୀ ଯୁବକଙ୍କୁ ପାଇବା ପାଇଁ ନିଜ ଦଶବର୍ଷର ବୈବାହିକ ଜୀବନକୁ ପିଠି କରି, ନିଜ ପତି, ଦୁଇଟି ପିଲା, ଏପରିକି ନିଜ ଦେଶକୁ ତୁଚ୍ଛ କରି ଅମଡ଼ା ବାଟରେ ମାଡ଼ିଯିବାର ପାଗଳାମିକୁ କି ନାମ ଦିଆଯାଇପାରେ! ଯେ ତ ପିଲା, ପରିବାର ଓ ଦେଶ ଛାଡ଼ିବାର କୁତ୍ସିତ ଦୃଷ୍ଟାନ୍ତ। ଆମ ରାଜ୍ୟର ଏକ ଗ୍ରାମ୍ୟମଣ୍ଡଳରେ ଜଣକର ପତ୍ନୀ ଅନ୍ୟ ଜଣଙ୍କର ପତିଙ୍କ ପ୍ରେମରେ ଏମିତି ପରକୀୟାରେ ମାତିଲେ ଯେ କଥା ଚାରିଆଡ଼େ ରାଷ୍ଟ୍ର ହୋଇଗଲା। ଦୁଇଟି ପରିବାରର ସମ୍ମାନ ଭୂଲୁଣ୍ଠିତ ହେଲା। ସମସ୍ତେ ଛି ଛାକର କଲେ। ମାତ୍ର ସେମାନଙ୍କ ପରକୀୟା ପ୍ରୀତି ଏତେ ଉତ୍କଟ ଥିଲା ଯେ, କେହି କାହାରିକୁ ଛାଡ଼ିପାରିଲେନି। ସାମାଜିକ ସଂସ୍କାରର ବାଧାବିଘ୍ନ, ଦୁର୍ଗତି ଦୁର୍ନାମକୁ ପାଦରେ ଆଡ଼େଇ ଦୁହେଁଯାକ ଗୋଟିଏ ଗଛଡାଳରେ ଫାଶୀଦେଇ ଆତ୍ମହତ୍ୟା କଲେ। ପାଗଳାମି ଆଉ କାହାକୁ କହନ୍ତି କି!



ପ୍ରଜ୍ଞା ନିଳୟ, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫



# ସାମ୍ପ୍ରତିକ ସମୟର କାଳନେମୀ

ଡ. ମନୋରଞ୍ଜନ ପ୍ରଧାନ

ରାମାୟଣର ଏକ ଚରିତ୍ର କାଳନେମୀ ମାନେ ମାରୀଚ ନନ୍ଦନ ତଥା ଦଶାନନଙ୍କ ପାରିଷଦର ଜଣେ ମନ୍ତ୍ରୀଙ୍କ କାରନାମା ସମ୍ପର୍କରେ ସମସ୍ତେ ଜାଣିଥିବେ। ଏ ଚରିତ୍ର ନିଜର ଅବାଞ୍ଛିତ ଲୋଭ ସମ୍ବରଣ ନିମନ୍ତେ ହନୁମାନଙ୍କ ସମ୍ମୁଖରେ ସାଧୁ ବେଶରେ ଚିକ୍କଣିଆ କଥା କହି କ'ଣ କରିବାକୁ ଚାହୁଁଥିଲା! କାଳନେମୀଙ୍କ ସମ୍ବନ୍ଧରେ ଅଧିକ ଚର୍ଚ୍ଚା ନ କରି ସାମ୍ପ୍ରତିକ ସମୟର କାଳନେମୀଙ୍କ ସମ୍ବନ୍ଧରେ ଆଲୋଚନା କରିବା। ପୁରାଣ ଯୁଗରେ ବା ପୁରାତନ କାଳରେ ଜଣେ ଅଧେ କାଳନେମୀଙ୍କ ଦୃଷ୍ଟିଗୋଚର ହେଉଥିଲେ ବୋଲି ବର୍ଣ୍ଣିତ। ହେଲେ ବର୍ତ୍ତମାନ ସମୟରେ ଘରେ ଘରେ, ସାହି ସାହିରେ, ନଗ୍ର ନଗ୍ରରେ ତଥା ଅତ୍ର, ତତ୍ର, ସର୍ବତ୍ର କାଳନେମୀମାନଙ୍କ ସାକ୍ଷାତ ଦର୍ଶନ ପାଇପାରିବେ। ଏମାନେ ବହୁରୂପୀ ଏବଂ ବହୁବର୍ଣ୍ଣା। ନିଜର ସ୍ୱାର୍ଥ ହାସଲ ପାଇଁ ଅନ୍ୟକୁ କଳାକନା ବୁଲାଇ ସର୍ବସ୍ୱ ଲୁଟିନେବା କଳାରେ ଏମାନେ ପାରଙ୍ଗମ। ଏମାନଙ୍କ କଥାରେ ଗୋରସରେ ନୁହେଁ ପାଣିରେ ସର ପଡ଼ିଯାଏ। ଏମାନଙ୍କ ବାକଚାତୁରୀ ଓ ଅନ୍ୟକୁ ବଶୀଭୂତ କରିବାରେ କଥାବାଚକ ବା ବଡ଼ ବଡ଼ ପ୍ରାଧ୍ୟାପକମାନେ ମଧ୍ୟ ହାରମାନିବେ। ସେମାନଙ୍କଠାରୁ ଦୂରେଇ ରହିବା ଜରୁରୀ କିନ୍ତୁ ସଂଖ୍ୟା ଏତେ ଅଧିକ ଯେ ସେମାନଙ୍କ କବଳରୁ ବର୍ତ୍ତିବା ଆଜିର ସମୟରେ କଷ୍ଟକର। ସେମାନେ ସର୍ବତ୍ର ବିଦ୍ୟମାନ। ସେମାନେ ଶବକୁ ନିଲାମ କରିପାରନ୍ତି, ରୋଗ ଶଯ୍ୟାରେ ଛଟପଟ ରୋଗୀଙ୍କୁ ସେବା ଯୋଗେଇ ଦେବା ନାମରେ ପରିବାରବର୍ଗଙ୍କ ସର୍ବସ୍ୱ ଲୁଟି ନିଅନ୍ତି, ବେରୋଜଗାର ଯୁବତୀଯୁବକଙ୍କୁ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଲୁଟ କରିପାରନ୍ତି କିମ୍ବା ଚିର ହିତୈଶୀ ଭାବରେ ଛଦ୍ମବେଶୀ ସାଜି ଆପଣଙ୍କୁ କଷ୍ଟାର୍ଜିତ ସମସ୍ତ ଧନ ସମ୍ପତ୍ତିକୁ କେବଳ ଗୋଟିଏ ଓଟିପିରେ ଖାଲି କରିଦେଇପାରନ୍ତି। ଏମାନେ ଗୋଟିଏ ଗୋଟିଏ ସ୍ୱପ୍ନ ବିକାଳି। ରାତାରାତି ଆପଣଙ୍କୁ ବିଶ୍ୱର ସର୍ବୋଚ୍ଚ ଧନୀ ବ୍ୟକ୍ତି କରେଇବାର ପ୍ରତିଶ୍ରୁତି ଦେଇ ସମ୍ପୂର୍ଣ୍ଣ ପ୍ରତାରଣା କରିବାର ସମସ୍ତ ସାମର୍ଥ୍ୟ ରଖନ୍ତି। କେବଳ ସେତିକି ନୁହେଁ ମୂର୍ଖ, ଅପାଠୁଆ ତଥା ଅଶିକ୍ଷିତଙ୍କ କଥା ଛାଡ଼ନ୍ତୁ ବଡ଼ ପାଠୁଆ, ବଡ଼ ଚାକିରିଆ ତଥା ବଡ଼ ବଡ଼ ଶିଳ୍ପପତି, ବ୍ୟବସାୟୀ, ରାଜନେତା, ଅମଲାତନ୍ତ୍ରୀ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ନୈପୁଣ୍ୟ ଲାଭ କରିଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ଠକିବାରେ ଏମାନେ ଧୁରୀଣ ଓ ଧୂର୍ତ୍ତ।

କେଇଦିନ ତଳେ ଜଣେ ଭଦ୍ରବ୍ୟକ୍ତି ଫୋନ କଲେ। ପରିଚୟ ଦେଲେ ଏକ ପ୍ରତିଷ୍ଠିତ ଖବରକାଗଜର ସହସମ୍ପାଦକ ବୋଲି। କହିଲେ ଆମ ଖବରକାଗଜର ଜଣେ ବିତରକ ବନ୍ଧୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଆମେ ବିଭିନ୍ନ ଉତ୍ସରୁ ଆପଣମାନଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କିଡ୍‌ନୀ ପ୍ରତିରୋପଣ ପାଇଁ ସମସ୍ତ ବ୍ୟବସ୍ଥା କରିଛୁ। ତଥାପି ଆହୁରି ଚାରି ପାଞ୍ଚ ଲକ୍ଷ ଟଙ୍କା ଦରକାର ପଡୁଛି। ଲେଖକମାନଙ୍କୁ ଆମେ କହିବା ଠିକ୍ ନ ହେଲେ ମଧ୍ୟ ଜଣଙ୍କ ଜୀବନ ବଞ୍ଚେଇବା ପାଇଁ ପରିସ୍ଥିତି ବାଧ୍ୟ କରିଛି। ବାସ୍, ଆଉ କେଇପଦ କଥାରେ କାଳନେମୀର ଛଳ ଭେଦ କରି ଅଳ୍ପକେ ବର୍ତ୍ତିଯାଇଥିଲି।

ଆଉ ଗୋଟିଏ ଘଟଣା। ମୋର ଜଣେ ବନ୍ଧୁ ଗୋଟିଏ କଲେଜରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି। ପ୍ରକୃତରେ ତାଙ୍କ କଲେଜରେ ହଷ୍ଟେଲ ସିଟ୍ ସୀମିତ ତାହା ପୁଣି ନାମ ଲେଖାର ଖୁବ୍ କମ୍‌ଦିନ ଭିତରେ ପିଲାଙ୍କୁ ଚୟନ କରି ଦିଆସରିଛି। କିନ୍ତୁ ଅନେକ ପିଲା ହଷ୍ଟେଲ ପାଇବାକୁ ଆଶାବାଦୀ ଥିଲେ। କେହି ଜଣେ କାଳନେମୀ ଠିକ୍ ଜାଣିପାରି କେତେଜଣ ଛାତ୍ରଙ୍କଠାରୁ ପ୍ରିନ୍ସିପାଲଙ୍କ ପରିଚୟ ଦେଇ ପାଞ୍ଚ ହଜାର ଲେଖାଏ ଅନ୍‌ଲାଇନରେ ନେଇଯାଇଛି। ପିଲାମାନେ ତା'ପରଦିନ ନିଜର ଜିନିଷପତ୍ର ଧରି କଲେଜରେ ପହଞ୍ଚିବା ପରେ ଜଣାପଡିଲା କି ସେ ବ୍ୟକ୍ତି ଆଉ କିଏ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟ୍ରୁକଲରରେ ସେହି ନମ୍ବରରୁ ଫୋନ ଆସିଥିବା ନାମ ପ୍ରିନ୍ସିପାଲ ଅମୁକ କଲେଜ ବୋଲି ଦେଖାଉଛି। ସେଥିପାଇଁ ବିଶ୍ୱାସ କରି ଗରିବ ପିଲାମାନେ ଆଶ୍ରୟ ପାଇବା ଆଶାରେ ଟଙ୍କା ପଠେଇ ଦେଇଛନ୍ତି। ଏସବୁ ବାହାର କାଳନେମୀମାନଙ୍କ କାରନାମା। ବର୍ତ୍ତମାନ ଗୋଟିଏ ଘର ଭିତ୍ତିକ କୁମ୍ଭୀରର କାଳନେମୀ ରୂପ ସମ୍ବନ୍ଧରେ ଜାଣିବା।

ଜୀବନବ୍ୟାପୀ ପରିଶ୍ରମ ପରେ ଜଣେ ବ୍ୟକ୍ତି ଅବସର ଗ୍ରହଣ କରନ୍ତି ସରକାରୀ ଚାକିରିରୁ। ପୁଅ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ। ପୁଅ ମଧ୍ୟ ପାଠୁଆ ଓ ଆଧୁନିକ ପ୍ରଯୁକ୍ତିବିଦ୍ୟାରେ ଧୁରନ୍ଧର। ବାପାଙ୍କୁ ଖୁସି କରିବା ପାଇଁ ପୁଅ ଅନେକ କାମ କରିଦିଏ। ତେଣୁ ବାପାଙ୍କ ସବୁ ବ୍ୟାଙ୍କ କାରବାର ପୁଅ ବୁଝେ। ମାଆ ମଧ୍ୟ ବିଶ୍ୱାସ କରି ନିଜର ଗହଣାଗାଣ୍ଠି ଥିବା ଆଲମାରୀ ଚାବି ଏକୋଇରବଳା ବିଶିକେଶନକୁ ଦେଇଥାନ୍ତି। ପୁଅ ସେମାନଙ୍କ ଆଖିରେ ଧୂଳି ଦେଇ ଘରର ସବୁ କିଣାବିକା କରି ଚାଲିଥାଏ। ଦିନେ କୌଣସି ବନ୍ଧୁଘର ଯିବା ପାଇଁ ମାଆ ସୁନା ହାର ମାଗିଲେ। ପୁଅ କହିଲା, ଆଲମାରୀ ଚାବି ହଜିଯାଇଛି। ପରେ ଜଣେ ଲୋକ ଆସି ତୁମ ପୁଅ ତିନି ଲକ୍ଷ ବାକି କରିଥିବା କହିଲେ। ବାପା ବଜାରରୁ ଫେରିବା ପରେ ଅନ୍ୟ ଏକ ଚାବିରେ ଆଲମିରା ଖୋଲିଲା ବେଳକୁ ଗୋଟିଏ ବି ଗହଣା ନାହିଁ। ଅନୁସନ୍ଧାନରୁ ଜଣାପଡିଲା କି ପୁତ୍ରରୂପୀ କାଳନେମୀ ଅନ୍‌ଲାଇନ ଗେମ୍ ବା ଟ୍ରେଡ଼ିଂ (ଜୁଆ) ଖେଳି ସବୁ ବିକ୍ରି କରିଦେଇଛି। ସେଥିରେ ବାପାଙ୍କ ସବୁ ବ୍ୟାଙ୍କ ଜମା ମଧ୍ୟ ଅନ୍ତର୍ଭୁକ୍ତ। କାହାକୁ କହିବେ ଦୁଃଖ। ଏଭଳି ଘଟଣା ଓ କାରନାମା ଆଜିକାଲି ବ୍ୟାପକ ଭାବରେ ଦେଖିବାକୁ ମିଳୁଛି।



ସହକାରୀ ପ୍ରଫେସର, ବିକ୍ରମ ଦେବ
ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ,
ମୋ:୯୪୩୭୯୧୪୮୧୮

## ଏଇ ଭାରତରେ

ମହାରାଷ୍ଟ୍ର ସତାରା ଜିଲା ପଡାଲି ଗାଁର କୃଷକ ହୃଷୀକେଶ ଜୟସିଂହ ଧାନେ ଏବେ ଘିକୁଆଁରୀ ଚାଷ କରି ବର୍ଷକୁ ୩.୫ କୋଟି ଟଙ୍କାର ବିଜ୍‌ନେସ କରୁଛନ୍ତି ଏବଂ ଏଥିରୁ ୩୦% ଲାଭ ପାଉଛନ୍ତି। ସେ ଘିକୁଆଁରୀରୁ ସାବୁନ, ଶାମ୍ପୁ, ଜୁସ୍ ଓ ଜୈବିକ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ହୃଷୀକେଶ ୮ ଏକରରେ ଏହି ଚାଷ କରୁଛନ୍ତି। ସେ ଅର୍ଥାଭାବ ଭିତରେ ଦଶମ ପାସ୍ କରିବା ପରେ ଅଧିକ ପଢ଼ିବା ଏବଂ ପରିବାର ଚଳାଇବା ଲାଗି ଏକ କମ୍ପାନୀରେ ଚାକିରି କରିଥିଲେ। ସେଥିରୁ ଯାହା ପାଉଥିଲେ ତାହା ଯଥେଷ୍ଟ ନ ହେବାରୁ ସେ ଏକ ନର୍ସରି କରିଥିଲେ ଓ ପରେ ସାର ମଧ୍ୟ ବିକ୍ରି କରି ରୋଜଗାର କଲେ। ଏହି କ୍ରମରେ ୨୦୦୭ରେ ତାଙ୍କ ଜୀବନର ମୋଡ଼ ବଦଳିବାକୁ ଲାଗିଲା। ସେ ତାଙ୍କ ଅଞ୍ଚଳରେ ଚାଷୀମାନେ ଫିଙ୍ଗି ଦେଇଥିବା ଘିକୁଆଁରୀ ପ୍ରାୟ ୪୦୦୦ ଗଛ ଆଣି ଲଗାଇଲେ। ଏବେ ହାରାହାରି ୮୦୦୦ ଲିଟର ଘିକୁଆଁରୀ ରସ ସଂଗ୍ରହ କରି ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ବଡ଼ କଥା ହେଉଛି ସେ ସ୍ଥାନୀୟ ଅଞ୍ଚଳର ଅନେକ ଲୋକଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଚାଷରୁ ଲାଭ କରିବା ପରେ ଝାଟିମାଟି ଘର ଜାଗାରେ ଦୁଇମହଲା ଘରଟିଏ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ସେପ୍ଟେମ୍ବର ୧୯୭୬

- ବିଶିଷ୍ଟ ଉର୍ଦ୍ଦୁ କ୍ଷୁଦ୍ରଗଳ୍ପ ଲେଖକ, ଆକଶବାଣୀର ପୂର୍ବତନ ପ୍ରୋଗ୍ରାମ ଡିରେକ୍ଟର ତଥା ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ପରାମର୍ଶଦାତା ପି.ଏନ୍. ଧରଙ୍କ ୬୧ ବର୍ଷ ବୟସରେ ପରଲୋକ।
- ଚୀନ ଭୂମିକମ୍ପ ବିଧ୍ୱସ୍ତ ଅଞ୍ଚଳକୁ ତାଇୱାନ୍ ପକ୍ଷରୁ ଉଚ୍ଚ ଶକ୍ତିସମ୍ପନ୍ନ ମାନବ ବିହୀନ ବେଲୁନ ସାହାଯ୍ୟରେ ଖାଦ୍ୟ, ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରେରଣ।

## ଚିରନ୍ତନୀ

ହଳିଆ ଲେଉଟେ ସୁଖେ, ଶୁଭେ ତା'ର ଗାନ
ପ୍ରେୟସୀ ସଜାଡ଼ି ବସିଥିବ ଜଳପାନ,
ପୁତ୍ର କନ୍ୟା ତା'ର
ଫେରିବା ପଥକୁ ଚାହିଁ ଜଗିଥିବେ ଦ୍ୱାର !
-(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଋଣ ଆଦାୟକାରୀ ଅସୁରକ୍ଷିତ

ମହାଶୟ,

ଓଡ଼ିଶାରେ ଗ୍ରାମୀଣ ବ୍ୟାଙ୍କର ଅନେକ ଶାଖାରେ ବିଚିତ୍ର ପରିସ୍ଥିତି ସବୁ ଦେଖାଯାଉଛି। ଭାତହାଣ୍ଡିରୁ ଗୋଟିଏ ପରି ଢେଙ୍କାନାଳ ଜିଲା ପରଜଙ୍ଗ ନିକଟସ୍ଥ ଶାଖା କଥା ବିଚାର କରାଯାଉ। ଏହି ଶାଖାରେ ବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କୁ ମିଶାଇ ମାତ୍ର ପାଞ୍ଚଜଣ କର୍ମଚାରୀ। କିନ୍ତୁ ପାଞ୍ଚଜଣଙ୍କୁ ଅଫିସରେ ନିୟମିତ କେହି ଦେଖିବାକୁ ପାଆନ୍ତି ନାହିଁ। କାରଣ ଜଣେ ଦି'ଜଣ ନିଶ୍ଚିନ୍ତ ଭାବେ ଡେପୁଟେଶନରେ ଯାଇଥିବେ। ସୂଚିତ କରାଯାଇପାରେ କି ରିଜର୍ଭ ବ୍ୟାଙ୍କର ଜରୁରୀ ଅନୁସୂଚୀ ସର୍କୁଲାର ଅନୁଯାୟୀ ବ୍ୟାଙ୍କ ରିକଭରି ଆଦାୟ ନିମିତ୍ତ ବିନା କମିଟି ଦ୍ୱାରା ଏହାକୁ କାର୍ଯ୍ୟକାରୀ କରିପାରିବେ ନାହିଁ। ଆଶ୍ଚର୍ଯ୍ୟର କଥା ଢେଙ୍କାନାଳର ଅନ୍ୟୂନ ୬୦ରୁ ଊର୍ଦ୍ଧ୍ୱ ଶାଖାରେ ଏହି ନିୟମ କିନ୍ତୁ ପାଳନ ହେଉନାହିଁ। ଋଣ ଆଦାୟ ପାଇଁ ଯାଉଥିବା କର୍ମଚାରୀମାନେ ବିନା ପୋଲିସ ସୁରକ୍ଷାରେ ଯାଉଥିବାରୁ ଗତ ମାସରେ କେବଳ ଢେଙ୍କାନାଳ ଜିଲାର ମହୁଲପାଳ ଶାଖା, ବାଟଗାଁ ଶାଖା, ଜିରିଡାମାଳୀ ଶାଖାରେ ଋଣ ଆଦାୟକାରୀ କର୍ମଚାରୀଙ୍କୁ ଆକ୍ରମଣ କରି ମୁଣ୍ଡ ଜାମିନ ରଖିଥିବାର ଖବର ଚର୍ଚ୍ଚିତ ହୋଇଥିଲା। ଆଶ୍ଚର୍ଯ୍ୟକଥା ହେଉଛି କୋଟି କୋଟି ଟଙ୍କା ଋଣ ପଡ଼ି ରହୁଥିବାବେଳେ ସ୍ୱୟଂ ସହାୟକ ସଂଗଠନକୁ ଡାକିହାକି ଋଣ ପ୍ରଦାନ କରିବାପାଇଁ ପ୍ରଲୋଭିତ କରାଯାଉଛି। ବ୍ୟାଙ୍କ ଲୋକଙ୍କର ହେଉ, ସରକାରୀ ଯୋଜନା ସହ ଲୋକଙ୍କୁ ଯୋଡୁ।

-ଡ. ଦିଲ୍ଲୀଶାନ୍ ମହାମଲ୍ଲ, ତାଳଚେର, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୨୧ରେ ମୋଦି ଯୁବ ମାରାଥନ୍ କରିବ ଯୁବମୋର୍ଚ୍ଚା

ଭୁବନେଶ୍ୱର, ୮।୯(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଯୁବବର୍ଗର ଉନ୍ନତି ପାଇଁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଯୁବକମାନଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତାଙ୍କ ପ୍ରୟାସ ଯୋଗୁ ସାରା ବିଶ୍ୱରେ ଭାରତର ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କେବଳ ଯୁବବର୍ଗ ନୁହେଁ, ସମାଜର ପ୍ରତ୍ୟେକ କ୍ଷେତ୍ରରେ ମୋଦିଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସମାଜର ଗରିବ ଓ ଶୋଷିତ ବର୍ଗର ଉତ୍ଥାନ ପାଇଁ କାର୍ଯ୍ୟକରି ସେ ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି। ସମସ୍ତେ ମୋଦିଙ୍କ ଭଳି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ସେବା ଦିବସ ଭାବେ ପାଳନ କରାଯାଉଛି। ତାଙ୍କ ଜନ୍ମଦିନ ଆସନ୍ତା ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯାଏ। ଚଳିତ ବର୍ଷ ମୋଦିଙ୍କ ୭୫ ତମ ଜନ୍ମଦିବସ ପଡୁଥିବାରୁ ଏହାକୁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ଚାରାରୋପଣଠାରୁ ଆରମ୍ଭକରି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୧ରେ ମୋଦି ଯୁବ ମାରାଥନ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଲାଷ କହିଛନ୍ତି ଯେ, ଭାରତର ୭୫ଟି ସ୍ଥାନରେ ମୋଦି ଯୁବ ମାରାଥନ ଆୟୋଜନ କରାଯିବ। ୨୧ ତାରିଖ ସକାଳ ୬ଟା ୧୫ରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଜନତା ମଇଦାନ ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହେବ। ଏଥିରେ ସାରା ରାଜ୍ୟରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଯୁବବର୍ଗ ସାମିଲ ହେବେ। ଏନେଇ ୭ ସେପ୍ଟେମ୍ବରରୁ ସାରା ଦେଶରେ କ୍ୟାମ୍ପେନ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ପରୀକ୍ଷାର୍ଥୀଙ୍କ ସାକ୍ଷାତ୍କାର ମାର୍କ ଜାଣିବାର ଅଧିକାର ରହିଛି: ମୁଖ୍ୟ ସୂଚନା ଆୟୁକ୍ତ

## ମାର୍କ ପ୍ରଦାନ ଲାଗି ଓପିଏସ୍‌ସିକୁ ଓଆଇସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)

ପରୀକ୍ଷାର୍ଥୀମାନେ ସେମାନଙ୍କ ସାକ୍ଷାତ୍କାର ମାର୍କ ସମ୍ପର୍କରେ ଜାଣିବାର ଅଧିକାର ରହିଛି ବୋଲି ଏକ ମାମଲାର ବିଚାର ବେଳେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି। ଏହାକୁ ନେଇ ସୋମବାର ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି)ଙ୍କୁ ସୂଚନା ଆୟୋଗଙ୍କ ପକ୍ଷରୁ ମୁଖ୍ୟ ଆୟୁକ୍ତ ମନୋଜ ପରିଡ଼ା ପରୀକ୍ଷାର୍ଥୀ ମିନତୀ ରାଣୀ ମହାପାତ୍ରଙ୍କୁ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଦୀର୍ଘ ୨୩ବର୍ଷ ପରେ ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଏଭଳି ନିର୍ଦ୍ଦେଶନାମାକୁ ନେଇ ଏବେ ଚହଳ ପଡ଼ିଛି।

ସୂଚନା ଆୟୋଗଙ୍କ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭଦ୍ରକ ଜିଲାର ମିନତୀ ରାଣୀ ମହାପାତ୍ର ୨୦୦୨ରେ ସହକାରୀ ଶିକ୍ଷକ ପଦବୀ ପାଇଁ ଆବେଦନ କରିଥିଲେ। ବିଜ୍ଞାପନ ଅନୁଯାୟୀ କ୍ୟାରିୟର ମାର୍କ ଏବଂ ସାକ୍ଷାତ୍କାର ମାର୍କ ଉପରେ ଆଧାରିତ ଥିଲା। ଜୁନ୍ ୨୦୦୨ରେ ଓଡ଼ିଶା ଲୋକସେବା କମିଶନ ଦ୍ୱାରା ପ୍ରକାଶିତ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ମିନତୀଙ୍କ ନାମ ନ ଥିଲା। ଓପିଏସ୍‌ସି ଫଳାଫଳରେ ଅସନ୍ତୁଷ୍ଟ ହୋଇ ମିନତୀ ଡିସେମ୍ବର ୨୦୦୨ରେ ଆର୍‌ଟିଆଇରେ ଆବେଦନ ପୂର୍ବକ ଲୋକସେବା କମିଶନଙ୍କ ନିକଟରେ କ୍ୟାରିୟର ମୂଲ୍ୟାୟନ ଏବଂ ସାକ୍ଷାତ୍କାରରେ ତାଙ୍କୁ ମିଳିଥିବା ମାର୍କର ବିବରଣୀ ମାଗିଥିଲେ। ଓଡ଼ିଶା ଲୋକସେବା ଆୟୋଗ ତାଙ୍କୁ କ୍ୟାରିୟରର ମାର୍କ ପ୍ରଦାନ କରିଥିଲା। କିନ୍ତୁ ଡିସେମ୍ବର ୨୦୦୨ରେ ପ୍ରାର୍ଥୀମାନଙ୍କୁ ସାକ୍ଷାତ୍କାର ମାର୍କ ପ୍ରଦାନ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଆଧାରରେ ତାଙ୍କର ସାକ୍ଷାତ୍କାର ମାର୍କ ପ୍ରଦାନ କରିବାକୁ ମନାକରି ଦେଇଥିଲା।

ସୂଚନା କମିଶନଙ୍କ ସମ୍ମୁଖରେ ଶୁଣାଣି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ବାଢ଼ିଥିଲେ, ଉକ୍ତ ପଦବୀରେ ପ୍ରାର୍ଥୀଙ୍କ ଚୟନ ପାଇଁ କୌଣସି ସାକ୍ଷାତ୍କାର ମାର୍କ ରେକର୍ଡ କରାଯାଏ ନାହିଁ କିମ୍ବା କୌଣସି ସର୍ବନିମ୍ନ ମାର୍କ ସ୍ଥିର କରାଯାଏ ନାହିଁ। ଏହି ସମୟରେ ଓଡ଼ିଶା ଲୋକସେବା ଆୟୋଗର ପ୍ରତିନିଧି ଯୁକ୍ତି ଦେଇଥିଲେ, ସାକ୍ଷାତ୍କାର ହେଉଛି ସେମାନଙ୍କର ବ୍ୟକ୍ତିତ୍ୱ ଓ କଥନ ଶୈଳୀ ଦକ୍ଷତା ଇତ୍ୟାଦିର ଏକ ପରୀକ୍ଷା ଏବଂ ସାକ୍ଷାତ୍କାରରେ କେବଳ ଯୋଗ୍ୟତା ନିର୍ଣ୍ଣୟ କରାଯାଏ। ପ୍ରାର୍ଥୀମାନଙ୍କୁ କେବଳ ସେମାନେ ଉପଯୁକ୍ତ କି ଅନୁପଯୁକ୍ତ ବୋଲି ସୂଚନା ଦିଆଯାଏ। ପ୍ରାର୍ଥୀମାନଙ୍କୁ ନିର୍ଦ୍ଦିଷ୍ଟ ମାର୍କ ଦିଆଯାଏ ନାହିଁ କିମ୍ବା କୌଣସି ଯୋଗ୍ୟ ତାଲିକା ପ୍ରକାଶ କରାଯାଏ ନାହିଁ।

ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା ତାଙ୍କ ଐତିହାସିକ ରାୟରେ କହିଛନ୍ତି, ଓଡ଼ିଶା ଲୋକସେବା ଆୟୋଗର ଏପରି ନିଷ୍ପତ୍ତି ସୂଚନା ଅଧିକାର ଆଇନ ବ୍ୟବସ୍ଥାର ପରିପନ୍ଥୀ। ପ୍ରାର୍ଥୀଙ୍କର ସାକ୍ଷାତ୍କାରରେ ପାଇଥିବା ମାର୍କ ଜାଣିବାର ପୂର୍ଣ୍ଣ ଅଧିକାର ରହିଛି। ଏହାଦ୍ୱାରା ସେ ପରବର୍ତ୍ତୀ ପ୍ରୟାସରେ ତାଙ୍କର ପ୍ରଦର୍ଶନକୁ ଉନ୍ନତ କରିପାରିବେ। ପ୍ରତ୍ୟେକ ପ୍ରାର୍ଥୀ ବିଶେଷ କରି, ପରୀକ୍ଷାରେ ବିଫଳ ହୋଇଥିବା ପ୍ରାର୍ଥୀଙ୍କର ଜାଣିବାର ଅଧିକାର ଅଛି ଯେ, ସେମାନେ କେଉଁ ଆଧାରରେ ସଫଳ ହୋଇପାରିଲେ ନାହିଁ। ଏ ସମ୍ବନ୍ଧରେ ଓଡ଼ିଶା ଲୋକସେବା ଆୟୋଗ ପ୍ରାର୍ଥୀମାନଙ୍କୁ ଅନ୍ଧାରରେ ରଖିପାରିବ ନାହିଁ। ସୂଚନା ଅଧିକାର ଆଇନ-୨୦୦୫ର ଧାରା ୨୨ରେ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିବାରେ ଅନ୍ୟ ସମସ୍ତ ଆଇନ ଏବଂ ନିୟମକୁ ସମର୍ଥନ କରୁଛି। ତେଣୁ ଓଡ଼ିଶା ଲୋକସେବା ଆୟୋଗ ତାଙ୍କର ପ୍ରକ୍ରିୟାରେ ପରିବର୍ତ୍ତନ କରିବା ସହିତ ପ୍ରାର୍ଥୀମାନଙ୍କୁ ମିଳିଥିବା ମାର୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ମୁଖ୍ୟ ଆୟୁକ୍ତ ପରିଡ଼ା ପରାମର୍ଶ ଦେଇଛନ୍ତି।

# ମତଦାନକୁ ବିଜେଡିର ଭୟ: ଭକ୍ତ

ଭୁବନେଶ୍ୱର,୮।୯(ରବିନାରାୟଣ ଜେନା)

## ୨ରୁ କଂଗ୍ରେସର ପଦଯାତ୍ରା

### ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡିର ସମଦୂରତା ପ୍ରସଙ୍ଗ

ଉପରାଷ୍ଟ୍ରପତି ନିର୍ବାଚନରେ କଂଗ୍ରେସ ସମର୍ଥିତ (ଇଣ୍ଡି)ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀ ଯୋଗ୍ୟତମ ବ୍ୟକ୍ତି। ହେଲେ ବିଜେଡି ଏଥର ଭୋଟ ନ ଦେଇ ସମଦୂରତା ବଜାୟ ରଖିବ ବୋଲି କହିଛି। ଏହା କେବଳ ବିଜେଡିର ଭୟ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ସୋମବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଦେଶର ହିତ ପାଇଁ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଭୋଟ ଦେବା ଉଚିତ୍ ଥିଲା। ହେଲେ ବିଜେଡି କହୁଛି, ରାଜ୍ୟର ହିତ ପାଇଁ ଏଥର ସେ କାହାକୁ ଭୋଟ ଦେବେନାହିଁ, ହେଲେ ଏହା ଏନ୍‌ଡିଏ ପାଇଁ ଲାଭବାନ ହେବ। କିନ୍ତୁ ଓଡ଼ିଶା ପାଇଁ କ'ଣ ଲାଭ ହେବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ଭୋଟଦାନରୁ ବିରତ ରହିବା ନିଷ୍ପତ୍ତି ଦ୍ୱାରା ବିଜେଡି ଓଡିଶାବାସୀଙ୍କୁ ଲଜ୍ଜିତ କରିଛି। ଭାଜପା-ବିଜେଡି ଏକ ଅଘୋଷିତ ମେଣ୍ଟ ରାଜନୀତିରେ ଅଛନ୍ତି ବୋଲି ଏଥିରୁ ସ୍ପଷ୍ଟ ଜଣାପଡୁଛି। ଏଥର ଏନ୍‌ଡିଏ ପ୍ରାର୍ଥୀଙ୍କୁ ବିରୋଧ କରି ରାଜ୍ୟର ପ୍ରକୃତ ପ୍ରମୁଖ ବିରୋଧୀ ଦଳ ବୋଲି ବିଜେଡି ପୁଣି ଆସ୍ଥାଭାଜନ ହେବାର ସୁଯୋଗ ଥିଲା। କିନ୍ତୁ ଯାହା ଆଶଙ୍କା କରାଯାଉଥିଲା, ତାହାହିଁ ହେଲା। ପୂର୍ବଭଳି ସିବିଆଇ-ଇଡି ଭୟରେ ଏଥର ମଧ୍ୟ ଭାଜପା ପାଇଁ ପରୋକ୍ଷରେ ବିଜେଡି କାମ କଲା।

ସେ କହିଛନ୍ତି, ଅତୀତରେ ବିଜେଡି ଯେତେସବୁ ପ୍ରସଙ୍ଗରେ ଏନ୍‌ଡିଏକୁ ଭୋଟ ଦେଇଛି, ସେତେବେଳେ ରାଜ୍ୟ ହିତ ଦେଖି ନ ଥିଲା। ଏବେ ବି ସମାନ କଥା ଦୋହରାଉଛି। ଅନ୍ୟ ଦୃଷ୍ଟିରେ ଦେଖିଲେ ବିଜେଡି ତା'ର ଗରିମା ହରାଉଛି। ସମଦୂରତା ଏକ ଦ୍ୱନ୍ଦ୍ୱ, ଭୋଟ ନ ଦେଲେ ବି କିଛି ଭୋଟ୍ ଏନ୍‌ଡିଏକୁ ଯିବ। ବିଜେଡି ସାହସର ସହ ଭୋଟ ଦେଇଥିଲେ ବିଜେଡି ତଥା ସଭାପତି ନବୀନ ପଟ୍ଟନାୟକଙ୍କୁ ରାଜ୍ୟବାସୀ ଭଲ ପାଇଥାନ୍ତେ। ତେବେ ରାଜ୍ୟରେ କଂଗ୍ରେସ ଏବେ ବି ମୁଖ୍ୟ ବିରୋଧୀ ଭାବେ କାର୍ଯ୍ୟ କରୁଛି। ଆସନ୍ତା ଗାନ୍ଧୀ ଜୟନ୍ତୀ ତଥା ଅକ୍ଟୋବର ୨ରୁ କଂଗ୍ରେସ ପକ୍ଷରୁ ପଦଯାତ୍ରା ହେବ। ଦିନକୁ ୨୦ କିଲୋମିଟର ଚାଲିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହି ସମୟରେ ପ୍ରତି ବ୍ଲକରେ ଗୋଟେ ଦିନ ଚାଲିବୁ। ଗୋଟେ ବିଧାନସଭାରେ ଦୁଇଦିନ କରି ପ୍ରାୟ ୩୦୦ ଦିନର ପଦ ଯାତ୍ରା କରିବୁ। ଆଗାମୀ ବିଧାନସଭାରେ କଂଗ୍ରେସ ଅନାସ୍ଥା ଆଣିବ। ବିଜେଡି ଏହାକୁ ସମର୍ଥନ ଦେଉଛି କି ନାହିଁ ସେତେବେଳେ ରାଜ୍ୟବାସୀ ଜାଣିବେ ବୋଲି ଭକ୍ତ କହିଛନ୍ତି।


ଭକ୍ତ ଚରଣ ଦାସ

# ପୂର୍ବ ବର୍ଷ ତୁଳନାରେ ୨୯% ଚାଷୀ ପଞ୍ଜୀକରଣ ବୃଦ୍ଧି ଘଟିଛି

## ଖରିଫ ଫସଲ କ୍ରୟ ଲାଗି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)

ଖରିଫ ୨୦୨୫-୨୬ ଋତୁରେ ଫସଲ କ୍ରୟ ନିମନ୍ତେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ପ୍ରଥମ ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀଙ୍କ ସୁବିଧାକୁ ପ୍ରାଥମିକତା ଦେବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏବେଠାରୁ ଆନ୍ତଃ ବିଭାଗୀୟ ସମନ୍ୱୟରେ ସ୍ଥାୟୀ ମଡେଲ ମଣ୍ଡି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ନଭେମ୍ବର ଶେଷ ଆଡକୁ ଖରିଫ ଫସଲର ପ୍ରୋକ୍ୟୁରମେଣ୍ଟ କରିବାକୁ ସରକାର ଯୋଜନା କରିଛନ୍ତି। ତଦନୁଯାୟୀ, ରୋଡ୍‌ମ୍ୟାପ ପ୍ରସ୍ତୁତି ଚାଲିଛି। ସରକାରଙ୍କ ଦ୍ୱାରା ୮୦୦ ଟଙ୍କା ଅତିରିକ୍ତ ଇନ୍‌ପୁଟ ସହାୟତା ଭାବେ ମିଳିବା କାରଣରୁ ବହୁ ଅଣଧାନ ଚାଷୀ ମଧ୍ୟ ଧାନ ଫସଲ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ତୁଳନାରେ ନୂଆ ଚାଷୀଙ୍କ ପଞ୍ଜୀକରଣରେ ୨୯% ବୃଦ୍ଧି ଘଟିଛି। ଏହାବ୍ୟତୀତ ଧାନ କ୍ରୟ ପରବର୍ତ୍ତୀ ପରିଚାଳନା ପାଇଁ ଅଧିକ ସଂଖ୍ୟକ ଗୋଦାମ ନିର୍ମାଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏସବୁ ଏଫ୍‌ସିଆଇ, ସମବାୟ ବିଭାଗ, ୱେର ହାଉସିଂ କର୍ପୋରେଶନ ଦ୍ୱାରା କରାଯିବ। ସେହିଭଳି ଏଫ୍‌ସିଆଇ ଦ୍ୱାରା ନିର୍ଦ୍ଦିଷ୍ଟ ପରିମାଣର ଚାଉଳ ପ୍ରୋକ୍ୟୁରମେଣ୍ଟ କରାଯିବା ବାଦ ବଳକା ଚାଉଳର ସୁପରିଚାଳନା ପାଇଁ ସରକାରଙ୍କ ତରଫରୁ ଇଥାନଲ ପ୍ଲାଣ୍ଟକୁ ଯୋଗାଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରକୁ ବିଭିନ୍ନ ଯୋଜନା ମାଧ୍ୟମରେ ମାଗଣାରେ ଚାଉଳ ବଣ୍ଟନ, ଅନ୍ୟ ଦେଶକୁ ରପ୍ତାନି ଭଳି ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରାଯାଇଛି। ଏହାସହ ଅଧିକ ସଂଖ୍ୟକ ରାଇସ୍ ମିଲ ଖୋଲିବା, ପୂର୍ବରୁ ଥିବା ମିଲ୍‌ଗୁଡ଼ିକୁ ଅପଗ୍ରେଡ କରି ହାଇବ୍ରିଡ ମିଲ୍‌ରେ ପରିଣତ କରିବା ଉପରେ ମଧ୍ୟ ଆଲୋଚନା କରାଯାଇଛି।

# ୧୨ରୁ କମିବ ବର୍ଷା

ଭୁବନେଶ୍ୱର,୮।୯(ବନ୍ଦନା ସେଠୀ)

ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୫ ଜିଲାରେ ଅତିପ୍ରବଳ ବର୍ଷା ହୋଇଥିବାବେଳେ ୨ ଜିଲାରେ ପ୍ରବଳ, ୬ ଜିଲାରେ ସ୍ୱାଭାବିକ, ୪ ଜିଲାରେ ଅଭାବୀ, ୧୧ ଜିଲାରେ ଅତିଅଭାବୀ ଏବଂ ବାକି ୨ ଜିଲାରେ ବର୍ଷା ହୋଇନାହିଁ। ଝାରସୁଗୁଡ଼ା ଜିଲା ଲଇକେରା ଅଞ୍ଚଳରେ ସର୍ବାଧିକ ୧୨.୨୪ ସେ.ମି ଓ ବରଗଡ଼ ଜିଲା ଝରବନ୍ଧ ଅଞ୍ଚଳରେ ଦ୍ୱିତୀୟ ସର୍ବାଧିକ ୭.୮ ସେ.ମି ବର୍ଷା ହୋଇଛି। ତେବେ ଆଉ ୪ଦିନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ଅପରପକ୍ଷରେ ୧୨ ତାରିଖ ଶୁକ୍ରବାରଠାରୁ ରାଜ୍ୟରେ ବର୍ଷା ପରିମାଣ ହ୍ରାସ ପାଇବ। ୧୩ ତାରିଖଠାରୁ ନୂଆପଡ଼ା ଓ ନବରଙ୍ଗପୁର ଜିଲା ବ୍ୟତୀତ ବାକି ସବୁଠି ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ମନୋରମା କହିଛନ୍ତି। ତାଙ୍କ ସୂଚନାନୁସାରେ, ମଙ୍ଗଳବାର ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ କୌଣସି ଜିଲାକୁ ସତର୍କତା ଜାରି ହୋଇ ନ ଥିବାବେଳେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲାକୁ ପ୍ରବଳ ବର୍ଷା ଓ ବାକି ରାଜ୍ୟର ସମସ୍ତ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ପବନ ବହିବା ନେଇ ସତର୍କତା ଜାରି ହୋଇଛି।

# ବ୍ୟବସାୟୀଙ୍କ ପୁଅଙ୍କୁ ଅପହରଣ, ୨୦ଲକ୍ଷ ଟଙ୍କାରେ ମୁଣ୍ଡ ଜାମିନ

## ବିହାର ଯୁବକଙ୍କ ସମ୍ପୃକ୍ତି ସନ୍ଦେହ

ସୋନପୁର,୮।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ପଟାଭାଡ଼ି ଅଞ୍ଚଳର ବ୍ୟବସାୟୀ ଶ୍ରଦ୍ଧାକର ନାୟକଙ୍କ ୯ ବର୍ଷର ପୁଅଙ୍କୁ ଅପହରଣ କରାଯାଇଛି। ପିଲାଟି ପଟାଭାଡ଼ିର ଏକ ଫାଷ୍ଟଫୁଡ ଦୋକାନକୁ ମଞ୍ଚୁରିନ ଖାଇବାକୁ ଯାଇଥିଲେ। ଏହି ସୁଯୋଗରେ ଫାଷ୍ଟଫୁଡ ଦୋକାନରେ କାମ କରୁଥିବା ଜଣେ ବିହାରୀ ଯୁବକ ତାଙ୍କୁ ପ୍ରଲୋଭିତ କରି ଅପହରଣ କରିନେଇଛନ୍ତି। ପିଲା ନ ଫେରିବାରୁ ମା' ବାପା ତାଙ୍କୁ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ତେବେ ରାତି ୯ଟାରେ ଅପହରଣକାରୀ ଏକ ଅଜଣା ଫୋନ ନମ୍ବରରୁ ଶ୍ରଦ୍ଧାକରଙ୍କୁ ଫୋନ କରି ପୁଅ ତାଙ୍କ ନିକଟରେ ଅଛି ଓ ପୁଅକୁ ପାଇବା ପାଇଁ ୨୦ ଲକ୍ଷ ଦାବି କରିଥିଲେ। ଏନେଇ ବିଳମ୍ବିତ ରାତିରେ ଶ୍ରଦ୍ଧାକର ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୋନପୁର ଆଇଆଇସି ତାପସ କୁମାର ଭୋଇଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବାଳକଙ୍କୁ ଉଦ୍ଧାର କରିବା ପାଇଁ ତନାଘନା ଜାରି ରଖିଥିଲେ ମଧ୍ୟ ସଫଳତା ମିଳିନି। ଅପହରଣକାରୀ ଯୁବକ ଓ ଶ୍ରଦ୍ଧାକରଙ୍କ ସମ୍ପର୍କରେ ପୂର୍ବରୁ ପରିଚୟ ଥିବା ଜଣାପଡିଛି।

# ଇତିହାସ ଅଯୋଗ୍ୟ ରାଜାଙ୍କୁ କ୍ଷମା କରେ ନାହିଁ: ଶ୍ରୀମୟୀ

ଭୁବନେଶ୍ୱର,୮।୯(ସୁନିତ୍ ମିଶ୍ର)

ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କ ଅନ୍ଧ ଧୃତରାଷ୍ଟ୍ର ନିଶାନାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଦୀର୍ଘଦିନର ନୀରବତା ପରେ ନିଜ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ କରି ଶ୍ରୀମୟୀ ଚର୍ଚ୍ଚାକୁ ଆସିଛନ୍ତି। ସେ ପରୋକ୍ଷରେ ନିଜର ଅସନ୍ତୋଷ ଝାଡ଼ିଥିବା କୁହାଯାଇଛି। ଶ୍ରୀମୟୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଧୃତରାଷ୍ଟ୍ର ହସ୍ତିନାପୁରର ରାଜା ଭାବେ ଦ୍ରୌପଦୀଙ୍କ ଅପମାନ ହେଉଥିବା ସଭାରେ ଅଧ୍ୟକ୍ଷତା କରୁଥିଲେ। ଅନ୍ୟାୟ ବିଷୟରେ ଜାଣି ମଧ୍ୟ ସେ ଏହି ଅପମାନ ରୋକିବାକୁ ଚେଷ୍ଟା କରି ନ ଥିଲେ। ଧୃତରାଷ୍ଟ୍ରଙ୍କର ତାଙ୍କ ପୁତ୍ରମାନଙ୍କ ବିଶେଷତଃ ଦୁର୍ଯ୍ୟୋଧନ ପ୍ରତି ଅନ୍ଧ ପ୍ରୀତି ତାଙ୍କୁ ନୀରବ ରହିବାକୁ ପ୍ରଭାବିତ କରିଥିଲା। କିଛି ଲୋକ ଧୃତରାଷ୍ଟ୍ର ପରି ଅନ୍ଧ ଯେଉଁମାନେ ଅନ୍ୟାୟ ରୋକିବାକୁ ପ୍ରକୃତ ପ୍ରୟାସ କରନ୍ତି ନାହିଁ। ଇତିହାସ ଏପରି ଅଯୋଗ୍ୟ ରାଜାଙ୍କୁ କେବେ କ୍ଷମା କରେ ନାହିଁ, କାରଣ ସେମାନଙ୍କର ନୀରବତା ଦୁଃଖଦ ପରିଣାମ ଆଣିଥାଏ। ଶ୍ରୀମୟୀଙ୍କ ଏହି ପୋଷ୍ଟ ନବୀନଙ୍କୁ ନିଶାନା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ନିକଟରେ ବିଜେଡି ପକ୍ଷରୁ ମହିଳା ସଭାପତି ଚୟନ ସହିତ ଏକ ମହିଳା ବ୍ୟାପାର କମିଟି ଗଠନ ହୋଇଛି। ସେଥିରେ ଶ୍ରୀମୟୀଙ୍କୁ ସାଧାରଣ ସମ୍ପାଦକ ଭାବେ ନୂଆ ନିଯୁକ୍ତି ମିଳିଛି। ଅନ୍ୟପଟେ ଶ୍ରୀମୟୀଙ୍କ ଧୃତରାଷ୍ଟ୍ର ନିଶାନା ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଶ୍ରୀମୟୀ ମିଶ୍ର ଆମ ସହିତ ଅଛନ୍ତି। ନବୀନ ତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ସୋସିଆଲ ମିଡିଆରେ ଆମେ ଆମ ଭାବନାକୁ ବ୍ୟକ୍ତ କରୁ। ଏଥିରେ ଦଳ ସହିତ କୌଣସି ସମ୍ପର୍କ ନାହିଁ ବୋଲି ସେ କହିଛନ୍ତି।

# ପ୍ରକୃତି, ସଂସ୍କୃତି ସୁରକ୍ଷା ପାଇଁ ସମର୍ପିତ: ତ୍ରିଲୋଚନ

ଆନନ୍ଦପୁର,୮।୯(ସୁଶାନ୍ତ ସାହୁ)

ଜଳବାୟୁ ପରିବର୍ତ୍ତନ ଏବେ ଏକ ପ୍ରମୁଖ ସମସ୍ୟା ହୋଇଥିବାରୁ ସେହି ଦିଗରେ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଥିବା ପରିବେଶବିତ୍ ତ୍ରିଲୋଚନ ସାହୁ କହିଛନ୍ତି। କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ଫକୀରପୁର ସିଟି ସ୍କୁଲ ପରିସରରେ ତାଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଓଡ଼ିଶା କ୍ଲାଇମେଟ୍ କନ୍‌କ୍ଲେଭ୍ ଅବସରରେ ପ୍ରକୃତି ଓ ସଂସ୍କୃତି ସୁରକ୍ଷା ଦିଗରେ ସେ ସମର୍ପିତ ବୋଲି କହିଛନ୍ତି। ତାଙ୍କ ଭାଷାରେ ବିଭିନ୍ନ ସମୟରେ ଆମେ ପରିବେଶ ପାଇଁ ଯେତିକି ଚିନ୍ତିତ, ପ୍ରକୃତରେ ଆମେ ସେତିକି ଚିନ୍ତା କରି ନ ଥାଉ। ତେଣୁ ଛାତ୍ରୀଛାତ୍ର, ଯୁବପିଢ଼ି ସମେତ ଅନ୍ୟ ବର୍ଗର ବ୍ୟକ୍ତିବିଶେଷଙ୍କ ମନରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ବନ୍ଧରେ ଏକ ଜାଗରଣ ସୃଷ୍ଟି କରିବା ଲାଗି ଏଭଳି କନ୍‌କ୍ଲେଭ୍ ଆରମ୍ଭ କରିଥିବା ସେ କହିଛନ୍ତି। ତ୍ରିଲୋଚନ ଆହୁରି କହିଛନ୍ତି, ରାଜ୍ୟର ପ୍ରତି ଗ୍ରାମାଞ୍ଚଳରେ କିଭଳି ପରିବେଶ ସୁରକ୍ଷା ପାଇଁ ଏକ ପ୍ରଗତିଶୀଳ ପାଠ ସୃଷ୍ଟି ହେବ, ସେ ଦିଗରେ ଉଦ୍ୟମ କରିବେ। ପ୍ରତିବନ୍ଧକ ଆଉ ସମାଲୋଚନା ସବୁ ସମୟରେ ରହିଛି ଓ ରହିବ। ସେ ସବୁକୁ ପଛରେ ପକାଇ ଏ ସମାଜ, ଏ ମାଟି ଓ ପରିବେଶ ପାଇଁ କିଛି ନା କିଛି କରିବାକୁ ହେବ ବୋଲି କହିଛନ୍ତି। ତାଙ୍କୁ ସର୍ବଦା ପରିବାର ସହ ସାଙ୍ଗସାଥୀ, ଶୁଭେଚ୍ଛୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ସହଯୋଗ ମିଳିଆସିଛି ବୋଲି କହିଛନ୍ତି।

ଅଭିନବ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇ ସେ କହିଛନ୍ତି, 'ମୁଁ ଗଛ କହୁଛି' ଅଭିଯାନ ମାଧ୍ୟମରେ ନିଜର ଜନ୍ମ ଦିନରେ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଓ ତାହାର ଯତ୍ନ ନେବା ହେଉ, 'ଗାଁ ପାଇଁ ଦିନେ' କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ଗାଁକୁ ସବୁଜ ସୁନ୍ଦର କରିବା ଏବଂ ଗାଁ ପାଇଁ ଅତି କମ୍‌ରେ ଦିନେ ସମୟ ଦେବା କିମ୍ବା 'ବୈତରଣୀ ସଫେଇ ଅଭିଯାନ' ପ୍ରତ୍ୟେକଟି ତାଙ୍କୁ ଅଧିକ ପରିଚୟ ଦେଇଛି। 'ଧରିତ୍ରୀ କ୍ଲାଇମେଟ ଆୱାର୍ଡ଼ ୨୦୨୪' ତାଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ପରିଚୟ ଦେଇପାରିଛି ବୋଲି ତ୍ରିଲୋଚନ କହିଛନ୍ତି।


ପରିବେଶବିତ୍ ତ୍ରିଲୋଚନ ସାହୁ

# ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିର ଚିତ୍ର

## ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଚତୁର୍ଥ ଦିବସ

ଭୁବନେଶ୍ୱର,୮।୯(ସୌମ୍ୟରଞ୍ଜନ ରାଉତ)

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା, ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଲିତ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ପୂର୍ବତନ ସଚିବ ପ୍ରବୋଧ ରଥ, ବୀଣା ବାଦକ ଗୁରୁ କେ. ରାମାରାଓ ପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ଅନୁଜା ତାରିଣୀ ମିଶ୍ର ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସନ୍ଧ୍ୟାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ନଳିନୀ ନିହାର ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ ନାଟ୍ୟ ଦଳ ନ୍ୟୁକ୍ଵେଷ୍ଟ ରେପର୍‌ଟୋରିର କଳାକାରମାନେ ନାଟକ 'ବ୍ୟାଘ୍ର ରୋହନ'କୁ ପରିବେଷଣ କରିଥିଲେ। ମାନବ ଭାବନା ଓ ମନସ୍ତାତ୍ତ୍ୱିକ ଜଟିଳତାର ଗଭୀରତାକୁ ଅନୁସନ୍ଧାନ କରି ଏହି ସ୍ୱତନ୍ତ୍ର ନାଟ୍ୟ ଅଭିଜ୍ଞତାକୁ ପ୍ରସ୍ତୁତ କରାଯାଇଥିଲା। ଏହା ଏକ ବ୍ୟଙ୍ଗାତ୍ମକ ନାଟକ, ଯାହା ଫସି ରହିଥିବା ବାଘକୁ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବସ୍ତୁବାଦୀ ମଣିଷଙ୍କ ବିନାଶକାରୀ ପ୍ରକୃତିକୁ ଚିତ୍ରଣ କରିଥିଲା। ଦର୍ଶକମାନେ ମଞ୍ଚ ଉପରେ ଏକ ଆକର୍ଷଣୀୟ କାହାଣୀ ପ୍ରକାଶିତ ହେବାର ଦେଖିଥିଲେ ଯେଉଁଥିରେ, ଏକ ରାଜ୍ୟର ବ୍ୟକ୍ତିବିଶେଷ, ମାଳୀଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ନିଜ ପରାକ୍ରମ ପ୍ରଦର୍ଶନ ପାଇଁ ପରସ୍ପର ମଧ୍ୟରେ ଲଢ଼ିଥିଲେ। ଅନିଚ୍ଛୁକ ରାଜକୁମାରଙ୍କ ଏପରି ପ୍ରଦର୍ଶନ ପ୍ରତି ଦାର୍ଶନିକ ଆପତ୍ତି ସତ୍ତ୍ୱେ ରାଜାଙ୍କ ଆଦେଶନାମା 'ବ୍ୟାଘ୍ର ରୋହଣ'ର ବିପଦପୂର୍ଣ୍ଣ କାର୍ଯ୍ୟରେ ପରିଣତ ହେଲା। କଳାକାରଙ୍କ ଚିତ୍ତାକର୍ଷକ ପ୍ରଦର୍ଶନ ମାଧ୍ୟମରେ କ୍ଷମତାଗତ ଗତିଶୀଳତା ଏବଂ ନୈତିକ ଦୁର୍ନୀତି ଉପରେ ଶକ୍ତିଶାଳୀ ତଥା ମର୍ମସ୍ପର୍ଶୀ ମନ୍ତବ୍ୟ ଦର୍ଶକଙ୍କ ଉପରେ ଏକ ମନସ୍ତାତ୍ତ୍ୱିକ ପ୍ରଭାବ ପକାଇଥିଲା। ଦେବୀପ୍ରସାଦ ମିଶ୍ର ଉତ୍ସବକୁ କାର୍ଯ୍ୟକାରୀ କରିଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଉତ୍ସବର ମିଡିଆ ପାର୍ଟନର ରହିଥିବାବେଳେ ମଙ୍ଗଳବାର ଏହା ଶେଷ ହେବ।


ନ୍ୟୁକ୍ଵେଷ୍ଟ ରେପର୍‌ଟୋରିର କଳାକାରମାନେ ନାଟକ 'ବ୍ୟାଘ୍ର ରୋହନ'କୁ ପରିବେଷଣ କରୁଛନ୍ତି।

## ପାଣିରେ ବୁଡ଼ି ଜଣେ ମୃତ, ହତ୍ୟା ଅଭିଯୋଗ

ଚଣ୍ଡିଖୋଲ, ୮।୯(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମଖିପଡ଼ା ଗ୍ରାମର ବାରିଣୀ ଦେହୁରୀ (୫୦) ରବିବାର ସନ୍ଧ୍ୟାରେ ନିଜ ଗ୍ରାମ ନିକଟସ୍ଥ ବିଲ ଆଡ଼କୁ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ପରେ ବିଳମ୍ବିତ ରାତିରେ ଏକ ପାଣି ଖାଲ ଭିତରୁ ବାରିଣୀଙ୍କୁ ଉଦ୍ଧାର କରାଯାଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ତ୍ରୀ ସେବତୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କୁ କେହି ହତ୍ୟା କରିଥାଇପାରନ୍ତି। ଏହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ବାଲିଚନ୍ଦ୍ରପୁର ପୋଲିସ ସୋମବାର ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

## ବ୍ଲାଷ୍ଟିଂକୁ ବିରୋଧ କରି ଗ୍ରାମବାସୀଙ୍କ ଧାରଣା

କାଳିଆପାଣି, ୮।୯ (ଅସିତ ମହାନ୍ତ):

ଯାଜପୁର ଜିଲାର କ୍ରୋମାଇଟ୍ ଖଣି ଅଞ୍ଚଳରେ ଥିବା କମର୍ଦ୍ଧା କ୍ରୋମାଇଟ୍ ଖଣି ଗେଟ୍ ସମ୍ମୁଖରେ ମୁଣ୍ଡାସାହି ବାସିନ୍ଦା ଖଣିର ବ୍ଲାଷ୍ଟିଂକୁ ବିରୋଧ କରି ସୋମବାର ଧାରଣା ଦେଇଥିଲେ। ଉତ୍ପାଦନ ବୃଦ୍ଧି ପାଇଁ କମ୍ପାନୀ ନିଜ ଖଣିରେ ପ୍ରତି ଦିନ ବ୍ଲାଷ୍ଟିଂ କରୁଥିବାବେଳେ ନିକଟରେ ରହିଥିବା ମୁଣ୍ଡାସାହି ବାସିନ୍ଦାଙ୍କ ଘର ଭାଙ୍ଗୁଛି। ବ୍ଲାଷ୍ଟିଂରେ ପଥର ଛିଟିକି ଘର ଉପରେ ପଡୁଥିବା ଏବଂ ଆଜବେଷ୍ଟସ ଭାଙ୍ଗିବା ଅଭିଯୋଗ ହେଉଥିବା ବେଳେ କମ୍ପାନୀ କର୍ଣ୍ଣପାତ କରୁନାହିଁ। ଗ୍ରାମବାସୀ ଜିଲା ପ୍ରଶାସନକୁ ବାରମ୍ବାର ଲିଖିତ ଅଭିଯୋଗ କରି ନିରାଶ ହେବା ପରେ


ଗ୍ରାମବାସୀ ଧାରଣାରେ ବସିଛନ୍ତି।

ସୋମବାର କମ୍ପାନୀ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ୩ ଘଣ୍ଟା ଗେଟ୍ ବନ୍ଦ ପରେ କାଳିଆପାଣି ପୋଲିସ ଓ କମ୍ପାନୀ ପ୍ରତିନିଧି ନବୀନ ଶ୍ରୀବାସ୍ତବ ଆଲୋଚନା କରିଥିଲେ। ଦିନେ ଦୁଇ ଦିନ ଭିତରେ ସୁକିନ୍ଦା ତହସିଲଦାର ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ କମ୍ପାନୀ ବ୍ଲାଷ୍ଟିଂ କରିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ଶିଶୁଶ୍ରମିକ, ବାଲ୍ୟବିବାହ ଉଚ୍ଛେଦ ପାଇଁ ଆହ୍ୱାନ

ବ୍ରହ୍ମବରଦା,୮।୯
(ଯଯାତି କେଶରୀ ବେହେରା):

### ଶୈଶବ ସୁରକ୍ଷା ଅଭିଯାନ

ରସୁଲପୁର ବ୍ଲକ୍ ଅଧୀନ ବ୍ରହ୍ମବରଦା ପଞ୍ଚାୟତର ମେୱା କନ୍‌ଫରେନ୍ସ ହଲଠାରେ ମାସୁମ ଗ୍ରୁପ, ଟିକିଏ ହସ ଫାଉଣ୍ଡେଶନ ଓ ମେୱାର ମିଳିତ ପ୍ରୟାସରେ ଶୈଶବ ସୁରକ୍ଷା ଅଭିଯାନ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସଙ୍କ ଅଧ୍ୟକ୍ଷତାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ରସୁଲପୁର ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସହ ଶିକ୍ଷାଧିକାରୀ ପ୍ରଭଞ୍ଜନ ପତି, ପୋଲିସ ଅଧିକାରୀ ସୁଶାନ୍ତ କୁମାର ସେଠୀ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ବ୍ଲକ୍ କ୍ଷେତ୍ର ପରିଦର୍ଶିକା ମୀନାକ୍ଷୀ ଦାସ, ସିଆର୍‌ସିସି ବିଜୟ ଦାସ, ଟିକିଏ ହସ ଫାଉଣ୍ଡେଶନର ବିଶ୍ୱଜିତ ମାଝୀ ଓ ବିଜୟ ଦାସ ପ୍ରମୁଖ ଯୋଗଦେଇ ଜିଲାରେ ଶିଶୁଶ୍ରମିକ ଓ ବାଲ୍ୟବିବାହ ମୂଳୋତ୍ପାଟନ କରିବା ସହ ଡ୍ରପଆଉଟ ହ୍ରାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆୟୋଜକଙ୍କ ପକ୍ଷରୁ ଏହି ଅଭିଯାନ ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩୦ ଯାଏ ଚାଲୁ ରହିବ। ଏହି ସମୟ ମଧ୍ୟରେ ଜିଲାର ବିଭିନ୍ନ ବ୍ଲକରେ ସଚେତନତା କର୍ମଶାଳା ଆୟୋଜନ କରି କିଶୋରୀ ବାଳିକାଙ୍କୁ ପ୍ରଶିକ୍ଷଣ ଦେବା ସହିତ ବିଭିନ୍ନ ହୋଟେଲ, ଢାବା ଓ ଶିଳ୍ପ ପ୍ରତିଷ୍ଠାନରେ ନିଯୁକ୍ତ ଥିବା ଶିଶୁଶ୍ରମିକଙ୍କୁ ଉଦ୍ଧାର ଏବଂ ଥଇଥାନ କରାଯିବା ଅଭିଯାନର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ସଖିସହେଲି ଓ ସଖାବନ୍ଧୁ ସମେତ ସାମାଜିକ କର୍ମୀ ପ୍ରମୁଖ ଯୋଗଦାନ କରିଥିଲେ। ସାମାଜିକ କର୍ମୀ ଜାବେଦ ଖାନ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜୁଲଫୁକାର ଉଦ୍ଦିନ, ଅବଦୁଲ ରସିଦ ଖାନ୍, ଅକ୍ତର ହୁସେନ ଖାନ, ଅବଦୁଲ ଖଲିଲ ଖାନ, ଅନୱାର ଖାନ, ମୁକ୍ତାର ଖାନ ଓ ଅମୂଲ୍ୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମେୱାର ସମ୍ପାଦକ ଅବଦୁଶ ସକୁର ଖାନ୍ ଧନ୍ୟବାଦ ଦେଇଥିଲେ।

## କୀର୍ତ୍ତିରାଜ ସ୍ୱାଇଁ ରାଜ୍ୟ ଟ୍ରକ୍ ମାଲିକ ମହାସଂଘ କୋଷାଧ୍ୟକ୍ଷ

### ଅମିୟ ହେଲେ ପୂର୍ବାଞ୍ଚଳ ଜୋନ ଯୁଗ୍ମ ସମ୍ପାଦକ


ଅମିୟ ରଞ୍ଜନ ବାରିକ


କୀର୍ତ୍ତିରାଜ ସ୍ୱାଇଁ

ବଡ଼ଚଣା/ଯାଜପୁରରୋଡ୍, ୮।୯
(ଦିଲୀପ କୁମାର ମହାନ୍ତି/ପବିତ୍ର ରଞ୍ଜନ ମହାନ୍ତି)

ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ନିର୍ବାଚନ ରବିବାର ବ୍ରହ୍ମପୁରସ୍ଥିତ ଗଞ୍ଜାମ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସାଧାରଣ ସମ୍ପାଦକ କୀର୍ତ୍ତିରାଜ ସ୍ୱାଇଁ ଓଡ଼ିଶା ରାଜ୍ୟ ଟ୍ରକ ମହାସଂଘ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହି ସଫଳତା ପରେ କୀର୍ତ୍ତିରାଜଙ୍କୁ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ, ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସଭାପତି ଅଜାମ୍ବର ସାହୁ, ସମ୍ପାଦକ ଅମିତ କୁମାର ସାହୁ, ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ ସଭାପତି ଅମରେନ୍ଦ୍ର ନାୟକ, ସମ୍ପାଦକ ଦିଲୀପ କୁମାର ଚୌଧୁରୀ, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ପୂର୍ବାଞ୍ଚଳ ଜୋନ ଯୁଗ୍ମ ସମ୍ପାଦକ ଭାବେ ଯାଜପୁର ରୋଡ୍ ଟ୍ରକ୍ ମାଲିକ ସଂଘର ସଭାପତି ଅମିୟ ରଞ୍ଜନ ବାରିକ ନିର୍ବାଚିତ ହୋଇଛନ୍ତି। ଯାଜପୁରରୋଡ୍ ଟ୍ରକ୍ ମାଲିକ ସଂଘର ସଭ୍ୟମାନେ ଅମିୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଟିର୍କିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ ଯୋଗଦେଇଥିଲେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ବିଞ୍ଝାରପୁର,୮।୯(ରାମକୃଷ୍ଣ ଦାସ)

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଅଭିଯୋଗଗୁଡ଼ିକ ଯାଞ୍ଚ କରିବେ ଏବଂ ତଦନୁଯାୟୀ ସମସ୍ୟାଗୁଡ଼ିକର ଯଥାସମ୍ଭବ ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଶିବିରରେ ୮୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୨ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ଏସ୍‌ପି ଶ୍ରୀୟଶ ପ୍ରତାପ ଶ୍ରୀମଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ବିଞ୍ଝାରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ, ବିଞ୍ଝାରପୁର ଭାରପ୍ରାପ୍ତ ତହସିଲଦାର ପ୍ରଦୀପ୍ତ କୁମାର ସେଠୀ ଓ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## କବିତା ପୁସ୍ତକ ‘ଭାବ ସରିତ’ ଉନ୍ମୋଚିତ



ଅତିଥିମାନେ କବିତା ପୁସ୍ତକ ‘ଭାବ ସରିତ’ ଉନ୍ମୋଚନ କରୁଛନ୍ତି।

ରସୁଲପୁର,୮।୯(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ୍ ରାହାମ୍ବା ପଞ୍ଚାୟତ ଡିହକୁରାଂଶସ୍ଥିତ ବାବା ଚନ୍ଦନେଶ୍ୱରଙ୍କ ପୀଠରେ କବି କୈଳାସ ଚନ୍ଦ୍ର ରାଉତଙ୍କ ଦ୍ୱାରା ରଚିତ କବିତା ପୁସ୍ତକ ‘ଭାବ ସରିତ’ ଉନ୍ମୋଚିତ ହୋଇଯାଇଛି। ଶିକ୍ଷାବିତ୍ ଜିତେନ୍ଦ୍ର ନାଥ କରଙ୍କ ସଭାପତିତ୍ୱରେ ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ବିପଦର ବନ୍ଧୁ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ନିମାଇଁ ଚରଣ ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ନିତ୍ୟାନନ୍ଦ ମହାନ୍ତି, ପୂର୍ବତନ ବିଆରସିସି ପ୍ରଦୀପ ସାମଲ, ପ୍ରଭାକର ସାହୁ, ଶିକ୍ଷାବିତ୍ ବୈଦ୍ୟେନ୍ଦ୍ର ନାଥ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ୬୩ଟି ଗୀତି କବିତା ସମ୍ବଳିତ ପୁସ୍ତକଟି ଅତ୍ୟନ୍ତ ଉଚ୍ଚ ମାନର ଲେଖା ଦ୍ୱାରା ସମୃଦ୍ଧ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ପ୍ରଭୁ ଚନ୍ଦନେଶ୍ୱରଙ୍କ ଆଶୀର୍ବାଦରେ ଏହି କବିତାଗୁଡ଼ିକ ରଚନା କରାଯାଇଥିବା କବି ରାଉତ ପ୍ରକାଶ କରିଥିଲେ। ଏଥିସହିତ ସଂଗୀତାଚାର୍ଯ୍ୟ ହାଡ଼ିବନ୍ଧୁ ରଣାଙ୍କ ପ୍ରେରଣା ଯୋଗୁ ଉକ୍ତ କବିତା ପୁସ୍ତକ ପ୍ରକାଶ କରିବାରେ ସହାୟକ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ। ମାନସ ରଞ୍ଜନ ପଣ୍ଡା ମଙ୍ଗଳା ଚରଣ ପାଠ କରିଥିଲେ। ପ୍ରଫୁଲ୍ଲ କୁମାର ପଣ୍ଡା, ସୁଦାମ ଚରଣ ଦାସ, ଗୋଲଖ ଚନ୍ଦ୍ର ରାଉତ, ନିହାର ରଞ୍ଜନ ଆଚାର୍ଯ୍ୟ, ସତ୍ୟଜିତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଖବରଦାତା ଅମୂଲ୍ୟ କୁମାର ବରାଳ ଧନ୍ୟବାଦ ଦେଇଥିଲେ।

## ଥାନା ଅଧିକାରିଣୀଙ୍କ ବଦଳି ବାତିଲ ଦାବିର ଧାରଣା

ଚଣ୍ଡିଖୋଲ, ୮।୯( ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ଥାନା ଅଧିକାରିଣୀ ମଧୁସ୍ମିତା ବେହେରାଙ୍କ ବଦଳିକୁ ନେଇ ବଡ଼ଚଣା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ବଡ଼ଚଣା ଥାନାରେ ସୋମବାର ଧାରଣା ଦିଆଯାଇଛି। ବଦଳି ବାତିଲ ପାଇଁ ଯାଜପୁର ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଧାରଣାକାରୀମାନଙ୍କ କହିବା ଅନୁଯାୟୀ ୪ ମାସ ହେଲା ବଡ଼ଚଣା ଥାନାର ଅଧିକାରିଣୀ ଭାବେ ମଧୁସ୍ମିତା ବେହେରା ଯୋଗଦେଇଥିଲେ। ସେ ଗୋ ମାଫିଆ, ମାଙ୍କଡା ପଥର ମାଫିଆ, ମୋରମ ମାଫିଆ, ବାଲି ମାଫିଆ, ମଦ ମାଫିଆଙ୍କ ନିଦ ହଜାଇ ଦେଇଥିବା ବେଳେ, ପ୍ରାୟ ୫୦୦ ଗୋମାତାଙ୍କ ଜୀବନ ରକ୍ଷା କରି ଉଦ୍ଧାର କରିଥିଲେ। ରବିବାର ହଠାତ୍ ଥାନା ଅଧିକାରୀଙ୍କ ବଦଳି ଆଦେଶ ଆସିଥିଲା। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସକାଳେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ତରଫରୁ ବଡ଼ଚଣା ଥାନା ଅଧିକାରିଣୀଙ୍କୁ ନ ଛାଡ଼ିବା ପାଇଁ ଥାନା ଆଗରେ ଧାରଣା ଦିଆଯାଇଥିଲା। ସଚେତନ ନାଗରିକ ମଞ୍ଚ ପକ୍ଷରୁ ମଧ୍ୟ ବଦଳି ଆଦେଶକୁ ବାତିଲ ପାଇଁ ଲିଖିତ ଦାବି କରାଯାଇଛି। ବଦଳି ବାତିଲ ନ ହେଲେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ରାସ୍ତା ବନ୍ଦ କରାଯିବ ବୋଲି ଜିଲା ବିଭାଗ ସଂଯୋଜକ ହେମେଶ ଜେନା ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଶୁଭେଚ୍ଛାର ସୁଅ


ଶୈଳେଶ ମିଶ୍ର


ଅର୍ପିତା ପଟ୍ଟନାୟକ

ରସୁଲପୁର, ୮।୯(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଏକତଲା ଗ୍ରାମର ଶିକ୍ଷକ ଶୈଳେଶ ମିଶ୍ର ଚଳିତ ଶିକ୍ଷାବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପରୁସ୍କାର-୨୦୨୪ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଏହି ସଫଳତାକୁ ନେଇ ତାଙ୍କ ଜନ୍ମମାଟି ଉତ୍ସବ ମୁଖରିତ ହୋଇଛି। ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଗଣଶିକ୍ଷା ବିଭାଗର ପଞ୍ଚସଖା ସେତୁ ଶିକ୍ଷା ସଂଗଠନ ପକ୍ଷରୁ ଆୟୋଜିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଚଳିତମାସ ଗୁରୁ ଦିବସରେ ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପାଇଁ କ୍ରୀଡ଼ା ଶିକ୍ଷକ ଶୈଳେଶ ମିଶ୍ରଙ୍କ ନାମକୁ ଚୟନ କରାଯାଇଥିଲା। ଶିକ୍ଷକ ମିଶ୍ର ଏବେ ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖଇରାରେ କାର୍ଯ୍ୟରତ ଅଛନ୍ତି। ସେହିପରି ରସୁଲପୁର ପ୍ରେସ୍ ଫୋରମ୍ ବରିଷ୍ଠ ସଦସ୍ୟ ଖବରଦାତା ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତିଙ୍କ ପତ୍ନୀ ଇଂଲିଶ୍ ଶିକ୍ଷୟିତ୍ରୀ ଅର୍ପିତା ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ଦ୍ୱାରା ପୁରସ୍କୃତ କରାଯାଇଛି। ଯାଜପୁର ଜିଲାରୁ ମନୋନୀତ ହୋଇଥିବା ୩୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଅର୍ପିତାଙ୍କ ନାମ ସ୍ଥାନ ପାଇଥିବା ଖବର ତାଙ୍କ ସମ୍ପର୍କୀୟ, ସହକର୍ମୀ, ସହପାଠୀ, ବିଦ୍ୟାର୍ଥୀଙ୍କ ମହଲରେ ଖୁସିର ଲହରି ଖେଳାଇ ଦେଇଛି। ଗୁରୁ ଦିବସ ଅବସରରେ ଯାଜପୁର ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଶିକ୍ଷୟିତ୍ରୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ସେ ବାଇଶିମୌଜା ସ୍ଥିତ ଧନଞ୍ଜୟ ବିଦ୍ୟାପୀଠ ଅରଖପୁର ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

## ସ୍ୱାମୀ ମୌନାନନ୍ଦ ସରସ୍ୱତୀଙ୍କ ବ୍ରହ୍ମଲୀନର ୧୦ମ ବାର୍ଷିକ ମହୋତ୍ସବ

ଚଢ଼େଇଧରା/ଜେନାପୁର, ୮।୯
(ଦିଲୀପ ପରିଡ଼ା/ଅଶୋକ ଦାସ)



ରାଜ୍ୟର ଏକ ପ୍ରସିଦ୍ଧ ଆଧ୍ୟାତ୍ମିକସ୍ଥଳ ଯାଜପୁର ଜିଲାର ଚଢ଼େଇଧରା ନିକଟ ମଧୁପୁର ବେଢ଼ା ପାହାଡ଼ ଶିଖରରେ ଥିବା ଶ୍ରୀଗୁରୁ ଆଶ୍ରମ ଓ ସିଦ୍ଧେଶ୍ୱର ପୀଠର ପ୍ରାଣ ପ୍ରତିଷ୍ଠାତା ସନ୍ଥ ଶିରୋମଣି ସ୍ୱାମୀ ମୌନାନନ୍ଦ ସରସ୍ୱତୀଙ୍କ ବ୍ରହ୍ମଲୀନର ୧୦ମ ମହୋତ୍ସବ ପବିତ୍ର ଇନ୍ଦ୍ର ପୂର୍ଣ୍ଣିମା ଭାଗବତ ଜନ୍ମତିଥିରେ ରବିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ ସାଧୁସନ୍ଥ ଯୋଗଦେଇ ସମାଧି ମଣ୍ଡପରେ ପୂଜାର୍ଚ୍ଚନା ପୂର୍ବକ ସ୍ୱାମୀ ମୌନାନନ୍ଦଙ୍କୁ ଭକ୍ତିଅର୍ଘ୍ୟ ଅର୍ପଣ କରିଥିଲେ। ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତା ଓ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ ଉନ୍ମେଷ ଓ ସନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବାବା ସଚ୍ଚିଦାନନ୍ଦ ଦାସ, ବାବାଜୀ ହରିହର ଦାସ, ବାବାଜୀ କୁଞ୍ଜବିହାରୀ ଦାସ, ସ୍ୱାମୀ ସ୍ମୃତିସାଗରାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟ ଧର୍ମାନନ୍ଦ ସରସ୍ୱତୀ, ବାବାଜି ଜଗନ୍ନାଥ ଦାସ, ଫଳାହାରୀ ବାବା, ବାବାଜି ନୀଳାମ୍ବର ଦାସ, ବାବାଜୀ କୃଷ୍ଣ ଦାସ, ଅଧିକାରୀ ଶରତ ଦାସ, ସ୍ୱାମୀ ଦିବ୍ୟଲୋଚନ ଦାସ, ବାବା ପର୍ଶୁରାମ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ଜଗତ କଲ୍ୟାଣ ଓ ସମାଜରେ ସଂସ୍କାର ଆଣିବା ପାଇଁ ପ୍ରତ୍ୟେକ ପ୍ରାଣୀ ଆଧ୍ୟାତ୍ମିକତାକୁ ଗ୍ରହଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଅମରପ୍ରସାଦ ଶତପଥୀ, ଭାଜପା ନେତା ପବିତ୍ରମୋହନ ଦାଶ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପ୍ରମୁଖ ସ୍ୱାମୀ ମୌନାନନ୍ଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଗତ ସପ୍ତାହବ୍ୟାପୀ ଶ୍ରୀମଦ୍ ଭାଗବତ ପାରାୟଣ, ଗୀତା ମହାଯଜ୍ଞ, ସମାଧି ପୂଜନ, ଅନ୍ନଯଜ୍ଞ, ସିଦ୍ଧେଶ୍ୱର ମହାଦେବଙ୍କ ମହାସ୍ନାନ ଓ ରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା।

## ଲୁଟ ଘଟଣାରେ ୨ କୋର୍ଟ ଚାଲାଣ

କଳିଙ୍ଗନଗର, ୮।୯(ଶୁଭାଶିଷ ରାଉତ)

ରବିବାର ରାତିରେ ମାନପୁର ଓଭରବ୍ରିଜ ଉପରେ ସିଙ୍ଗାଗାଡ଼ିଆ ଗାଁର ଦୁଇଜଣ ବ୍ୟକ୍ତି ଦାନଗଦି ଆଡ଼କୁ ଆସୁଥିବା ଜଣେ ଯୁବକଙ୍କୁ ଅଟକାଇ ମୋବାଇଲ ଫୋନ ଓ ବାଇକ ଲୁଟି ନେଇଥିଲେ। ଏ ନେଇ ଯୁବକ ଜଣକ ଦାନଗଦି ଫାଣ୍ଡିରେ ଅଭିଯୋଗ କରିଥିଲେ। ଯାଜପୁର ରୋଡ୍ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଫାଣ୍ଡି ଅଧିକାରୀ ଅମୂଲ୍ୟ କୁମାର ମିଶ୍ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ତ୍ରିଜଙ୍ଗା ପଞ୍ଚାୟତ ସିଙ୍ଗାଗାଡ଼ିଆ ଗାଁର କ୍ରିଷ୍ଣା ମଣ୍ଡଳ (୨୯) ଓ ସିଦ୍ଧାର୍ଥ ରାୟ (୨୨)। ସେମାନଙ୍କ ନିକଟରୁ ୫ଟି ଦାମୀ ମୋବାଇଲ ଫୋନ, ଗୋଟିଏ ୟାମାହା ବାଇକ୍ (ଓଡି ୩୪ ଭି ୬୮୭୫)କୁ ଜବତ କରାଯାଇଛି। ପୋଲିସ୍ ନଂ. ୫୨୮/୨୫ରେ ମାମଲା ରୁଜୁକରି ସୋମବାର ଉଭୟଙ୍କୁ କୋର୍ଟଚାଲାଣ କରିଛି।

## ଚିନ୍ତାମଣି ପାଢ଼ୀ ହେଲେ ଏନ୍‌ୟୁଜେ ଇଣ୍ଡିଆର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ




ଯାଜପୁରରୋଡ୍, ୮।୯ (ପବିତ୍ର ରଞ୍ଜନ ମହାନ୍ତି)

ସର୍ବଭାରତୀୟ ସାମ୍ବାଦିକ ସଂଗଠନ ନ୍ୟାଶନାଲ ୟୁନିୟନ୍ ଅଫ୍ ଜର୍ନାଲିଷ୍ଟସ (ଏନ୍‌ୟୁଜେ) ଇଣ୍ଡିଆର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଭାବେ ବରିଷ୍ଠ ସାମ୍ବାଦିକ ଡ. ଚିନ୍ତାମଣି ପାଢ଼ୀଙ୍କୁ ଦାୟିତ୍ୱ ମିଳିଛି। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାସ୍ଥିତ ହୋଟେଲ ଇଲାପୁରାମଠାରେ ଏନ୍‌ୟୁଜେର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଗତ ୬ ଓ ୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୬ ରାଜ୍ୟର ଜାତୀୟସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଉକ୍ତ ଜାତୀୟ କାର୍ଯ୍ୟକ୍ରମରେ ଓଡ଼ିଶାରୁ ଜାତୀୟ ସମ୍ପାଦକ ବବୁଲ ସିଂ, ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ, ଉପସଭାପତି ବାସୁଦେବ ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟନାଥ ଖଣ୍ଡାଇ, ପ୍ରୟାଗରାଜ କର, ଦିଲୀପ କୁମାର ମିଶ୍ର, ଚିନ୍ତାମଣି ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ସେଠାରେ ପାଢ଼ୀଙ୍କୁ ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଭଳି ଗୁରୁଦାୟିତ୍ୱ ଅର୍ପଣ କରାଯାଇଛି। ଏନ୍‌ୟୁଜେର ପୂର୍ବାଞ୍ଚଳ ଆସାମ, ମଣିପୁର, ତ୍ରିପୁରା, ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ସମେତ ତେଲଙ୍ଗାନା ରାଜ୍ୟ ସଂଗଠନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ପାଢ଼ୀ ନିଷ୍ଠାର ସହ କାର୍ଯ୍ୟ କରି ଏନ୍‌ୟୁଜେ ଓ ଏସ୍‌ୟୁଜେ ଓଡ଼ିଶା ସମ୍ମାନ ବୃଦ୍ଧିରେ ସହାୟକ ହେବେ ବୋଲି ଏନ୍‌ୟୁଜେ ରାଷ୍ଟ୍ରୀୟ ସଭାପତି ସୁରେଶ ଶର୍ମା, ରାଷ୍ଟ୍ରୀୟ ମହାସଚିବ ତ୍ରିଯୁଗ ନାରାୟଣ ତିୱାରୀ ମତପୋଷଣ କରିଛନ୍ତି। ଯାଜପୁର ଜିଲାର ଜଣେ ଜଣାଶୁଣା ସାମ୍ବାଦିକ ଓ ସୁସଂଗଠକ ଭାବେ ତାଙ୍କର ପରିଚିତି ରହିଛି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ପୂଜ୍ୟପୂଜା ସମ୍ମାନ ଉତ୍ସବ

ରସୁଲପୁର, ୮।୯(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ସମ୍ମିଳନୀ କକ୍ଷରେ ରବିବାର ‘ବିପଦର ବନ୍ଧୁ’ ପକ୍ଷରୁ ପୂଜ୍ୟପୂଜା ସମ୍ମାନ ଉତ୍ସବ ସଂଗଠନର ସଭାପତି ନିମାଇଁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଶାୟତ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜନ୍ମେଜୟ ସାହୁ, ନୀହାର ରଞ୍ଜନ କଣ୍ଠ, ଡାକ୍ତର ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ପୂଜ୍ୟପୂଜା ପ୍ରତିଭାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଜିତେନ୍ଦ୍ର କର, କୈଳାସ ଚନ୍ଦ୍ର ନାୟକ, ଶିକ୍ଷକ ପ୍ରଫୁଲ୍ଲ ପଣ୍ଡା, କୈଳାସ ଚନ୍ଦ୍ର ରାଉତ, ବୈଦ୍ୟେନ୍ଦ୍ର ନାଥ ସାହୁ, ସୁଦାମ ଦାସ, ମମତା ପଣ୍ଡା, ଅରବିନ୍ଦ ଦାଶ, ରଞ୍ଜନ ବାରିକ, ବ୍ରଜକିଶୋର ମହାରଣା, ନିର୍ମଳ ଦାସ ପ୍ରମୁଖଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।

## ଚଣ୍ଡିଖୋଲରେ କଂଗ୍ରେସର ସଂଗଠନ ସୃଜନ ଅଭିଯାନ



କଂଗ୍ରେସର ସୃଜନ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

ଚଣ୍ଡିଖୋଲ,୮।୯
(ପ୍ରଦୀପ୍ତ କୁମାର ପୃଷ୍ଟି )

ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ସଭାପତି ଚୟନ ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାରାଷ୍ଟ୍ରର ପ୍ରାକ୍ତନ ମହିଳା କଂଗ୍ରେସ ସଭାନେତ୍ରୀ ଚାରୁଲତା ଟୋକାସ୍, ପୂର୍ବତନ ଏମ୍‌ପି ଯଶୋବନ୍ତ ଲାଗୁରୀ, ଶାନ୍ତନୁ କୁମାର ସାହୁ, ୟାକୁବ୍ ଉଜ୍‌ମାନ ଖାଁ, ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ କର୍ମୀମାନଙ୍କ ମତାମତ ସଂଗ୍ରହ କରିଥିଲେ। ଜିଲା ସଭାପତି ଚୟନ ନିମନ୍ତେ କର୍ମୀମାନଙ୍କ ସହିତ କଥୋପକଥନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ବିଶ୍ୱ ପ୍ରକାଶ ସାମଲ, ନୀଳକଣ୍ଠ ମିଶ୍ର, କରୁଣାକର ରଣା, ଫକୀର ମୋହନ ବଳ, ଶ୍ରୀକାନ୍ତ କୁମାର ମଲ୍ଲିକ, ସେକ୍ ରିୟାସତ ଅଲ୍ଲୀ, ଦେବେନ୍ଦ୍ର କୁମାର ସାମଲ, ବିଳାସ ଚନ୍ଦ୍ର ବାରିକ, ସନ୍ତୋଷ କୁମାର ପରିଡ଼ା, ସଞ୍ଜୟ କୁମାର କର, ଖଗେଶ୍ୱର ବେହେରା, ବଟକୃଷ୍ଣ ଦାସ, ବାମଦେବ ସାମଲ ପ୍ରମୁଖ ବହୁ କର୍ମୀ ଯୋଗଦେଇଥିଲେ। ଯାଜପୁର ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଛପୋଲିଆ ପୁନରୁଦ୍ଧାର ଦାବି: ଜିଲାପାଳଙ୍କ ଘଟଣାସ୍ଥଳ ପରିଦର୍ଶନ

## ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ

ଆଳି,୮।୯(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଚତୁଃପାର୍ଶ୍ୱରେ ପ୍ରବାହିତ ନଦୀଗୁଡିକ ଉପରେ ଅଞ୍ଚଳର ଅଧିବାସୀମାନେ ଚାଷ ସହିତ ଅନ୍ୟ କାର୍ଯ୍ୟ ଲାଗି ନିର୍ଭର କରିଥାନ୍ତି। ନଦୀଗୁଡିକରୁ ପ୍ରବାହିତ ଶାଖା ଉପରେ ଚାଷୀମାନେ ବେଶୀ ପରିମାଣର ନିର୍ଭର କରିଥାନ୍ତି। କିନ୍ତୁ ଆଳି ବ୍ଲକ ରମ୍ଭିଲା ନିକଟରେ ବ୍ରାହ୍ମଣୀ ନଦୀରୁ ଆସିଥିବା ପାଣି ନାଳ ଉପରେ ହୋଇଥିବା ଏକ ସେତୁର ଭୁଲ ନିର୍ମାଣ ଶୈଳୀ ଯୋଗୁ ଚାଷକାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଛି। ସେତୁର ନିମ୍ନ ଭାଗରେ ହୋଇଥିବା ପ୍ରାୟ ୫ ଫୁଟ ଉଚ୍ଚର ପାଚେରି ଯୋଗୁ ଚାଷ ଉଜୁଡି ଯାଇଛି। ଚାଷ କାର୍ଯ୍ୟ ନିମନ୍ତେ ଥିବା ରମ୍ଭିଲା ସେତୁ ନିମ୍ନରେ ନିର୍ମାଣ ହୋଇଥିବା ପାଚେରି ଭାଙ୍ଗିବା ସହିତ ଛପୋଲିଆ ସେତୁର ପୁନରୁଦ୍ଧାର ନିମନ୍ତେ ଅଞ୍ଚଳର ଲୋକ ପ୍ରତିନିଧି ଓ ଚାଷୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସୋମବାର ଜିଲାପାଳ ରଘୁରାମ ଆର ଆୟାର ଘଟଣାସ୍ଥଳରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଶତାଧିକ ଲୋକ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ଜିଲାପାଳ ଏ ନେଇ ଡ୍ରେନେଜ ବିଭାଗ, ଜଳ ସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗ ସହିତ ଆଲୋଚନା ପରେ ତୁରନ୍ତ ସମସ୍ୟା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

ଚାଷୀମାନଙ୍କ ଅଭିଯୋଗ ମୁତାବକ ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଏକ ଶାଖା ପାଣିନାଳ ଆଳି ଭେଡାର ମଧ୍ୟ ଭାଗ ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ପର୍ଯ୍ୟନ୍ତ ଯାଇଛି। ଏହି ପାଣି ନାଳ ଉପରେ କଟକ-ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ଏକ ୧୨ ଗେଟ ଫାଟକ ବିଶିଷ୍ଟ ଏକ ସେତୁ ନିର୍ମାଣ କରାଯାଇଥିଲା। ଏହି ଫାଟକ ଦ୍ୱାରା ହଜାର ହଜାର ଏକର ଚାଷ ଜମିକୁ ଆବଶ୍ୟକତା ଅନୁଯାୟୀ ଜଳଧାରଣ ଓ ନିଷ୍କାସନ କରାଯାଏ। ଏହାଦ୍ୱାରା ଏହି ପାଣିନାଳ ମାଧ୍ୟମରେ ଚାଷ କାର୍ଯ୍ୟ ଠିକ୍ ଭାବେ ହେବା ସହିତ ପାଣି ନାଳଟି ସଫା ରହୁଥିବାରୁ ସାଧାରଣ ଲୋକମାନେ ନିତ୍ୟ ବ୍ୟବହାର କରିଥାନ୍ତି। ଶତାଧିକ ମାଛ ବ୍ୟବସାୟୀ ସେହି ପାଣି ନାଳରୁ ପ୍ରତିଦିନ ମାଛମାରି ପରିବାର ପ୍ରତିପୋଷଣ କରିଥାନ୍ତି। କିନ୍ତୁ ୨୦୧୩-୧୪ ମସିହାରେ ରମ୍ଭିଲାଠାରେ ଏକ ସେତୁ ନିର୍ମାଣ କରାଗଲା। ରମ୍ଭିଲାଠାରୁ ଆଳି ଭେଡା ପର୍ଯ୍ୟନ୍ତ ପାଣିନାଳକୁ ପୁନରୁଦ୍ଧାର କରାଯାଇଥିଲା। କିନ୍ତୁ ସେତୁର ଯେଉଁ ୬ ଟି କବାଟ ଲଗାଯାଇଛି ତାର ନିମ୍ନ ଭାଗରେ ପ୍ରାୟ ୫ ଫୁଟ ଉଚ୍ଚର ପାଚେରି ନିର୍ମାଣ କରାଯାଇ ତାର ଉପର ଅଂଶରେ ଏକ ଲୁହାର ବିମ ଲଗାଯାଇଛି। ଏହାଦ୍ୱାରା ୪ ରୁ ୫ ଫୁଟର ପାଣି ସବୁ ସମୟ ପାଇଁ ଆବଦ୍ଧ ହୋଇ ରହିଯାଉଛି। ଜୁଆର ପାଣି ସବୁ ସମୟରେ ଆବଦ୍ଧ ପାଣି ଶହ ମିଶିପାରୁନାହିଁ। ତେଣୁ ସେହି ଆବଦ୍ଧ ପାଣିରେ ଜମି ରହି ଦଳ ପୂର୍ଣ୍ଣ ଗାଡ଼ିଆ ସଦୃଶ ହୋଇଗଲାଣି। ରମ୍ଭିଲାଠାରୁ ପ୍ରାୟ ୮ କିଲୋମିଟର କଳସପୁର ପର୍ଯ୍ୟନ୍ତ ଯାଇଥିବା ଏହି ପାଣିନାଳରେ ଏବେ ଦଳ ଭର୍ତ୍ତି ହୋଇ ରହିଛି। ଏହି ନାଳ ଉପରେ ସିଙ୍ଗିରି, ଚଣ୍ଡିଆଗଡି, ଅରେହିକଣା, ମାଣିକପାଟଣା ପଞ୍ଚାୟତର ବହୁ ହଜାର ଚାଷୀ ଚାଷ କାର୍ଯ୍ୟ ନିମନ୍ତେ ନିର୍ଭର କରିଥାନ୍ତି। ପାଣିନାଳରେ ଦଳ ଭର୍ତ୍ତି ହୋଇ ରହିବା କାରଣରୁ ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରୁନାହିଁ। ଏବେ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବର୍ଷା ପାଣି ଚାଷ ଜମିରେ ରହୁଥିବାରୁ ଚାଷ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହି ନାଳ ଉପରେ ୪ ପଞ୍ଚାୟତର ଲୋକମାନେ ଶୌଚ ହେବା ସହିତ ବିଭିନ୍ନ କାର୍ଯ୍ୟ କରିଥାନ୍ତି। ଦଳ ଭର୍ତ୍ତି ହୋଇପଡିଥିବାରୁ ସାଧାରଣ ଲୋକ କିମ୍ବା ଗୃହ ପାଳିତ ପ୍ରାଣୀ ପାଣିନାଳକୁ ଗଡୁ ନାହାନ୍ତି। ଦୀର୍ଘବର୍ଷ ଧରି ଦଳ ସଫେଇ ହେଉ ନ ଥିବାରୁ ସେଥିରେ ବିଭିନ୍ନ ପ୍ରକାର ବିଷାକ୍ତ ସାପ ବାହାରୁଥିବାରୁ ଅଞ୍ଚଳବାସୀଙ୍କ ସମେତ ଚାଷୀମାନେ ଭୟଭୀତ ହୋଇ ପଡିଛନ୍ତି। ଅନେକ ସମୟରେ ଅଞ୍ଚଳର କେତେଜଣ ଚାଷୀ ମଧ୍ୟ ଚାଷ ଜମିରେ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ନଜିର ରହିଛି। ଦଳଭର୍ତ୍ତି ପାଣିନାଳ ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଏପରିକି ଅନେକ ଚାଷୀ ଚାଷ କାର୍ଯ୍ୟ ବନ୍ଦ କରି ଜମି ବିକ୍ରି କରି ଦେଉଥିବା ମଧ୍ୟ ଦେଖିବାକୁ ମିଳିଲାଣି। ସେହିପରି ଛପୋଲିଆ ସେତୁ ନିମ୍ନ ଭାଗରେ ଥିବା ୧୨ ଟି ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ମଧ୍ୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି। ରମ୍ଭିଲା ସେତୁ ନିମ୍ନଭାଗରେ ଥିବା କଂକ୍ରିଟ ପାଚେରିକୁ ଭାଙ୍ଗି ଦେଇ କବାଟକୁ ସେତୁର ନିମ୍ନ ଚଟାଣ ସହିତ ସଂଯୋଗ କରାଗଲେ ଜୁଆର ପାଣି ଠିକ୍ ଭାବେ ପ୍ରବାହିତ ହେବା ସହିତ ଦଳଗୁଡିକ ସିଧା ସଳଖ ନଦୀକୁ ଚାଲିଯିବ। ଫଳରେ ଚାଷୀ, ସାଧାରଣ ଲୋକ ଓ ଗୃହ ପାଳିତ ପ୍ରାଣୀ ଉପକୃତ ହୋଇପାରିବେ। ତେବେ ଅଞ୍ଚଳବାସୀଙ୍କ ଦାବି ଉପରେ ଜିଲା ପ୍ରଶାସନ କେବେ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ଛପୋଲିଆ ସେତୁ ନିକଟରେ ଜମି ରହିଥିବା ଦଳ ସମ୍ପର୍କରେ ଚାଷୀ ଲୋକମାନେ ଜିଲାପାଳ ରଘୁରାମ ଆର ଆୟାର କହିଛନ୍ତି।

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଗଣଧାରଣା

## ବନିତା ରାଉତ ହତ୍ୟାକାଣ୍ଡ ମାମଲା


ଅତିରିକ୍ତ ଜିଲାପାଳଙ୍କୁ ବନିତାଙ୍କ ପରିବାର ଲୋକ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବିପତ୍ର ଦେଉଛନ୍ତି।

କେନ୍ଦ୍ରାପଡ଼ା, ୮।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବୋଧଗାଁର ଝିଅ ବନିତା ରାଉତ ହତ୍ୟାକାଣ୍ଡ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରି ସୋମବାର ପରିବାର ଲୋକଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଏହି ଗଣଧାରଣାରେ ଓଡ଼ିଶା କୃଷକ ସଭା ଜିଲା ସମ୍ପାଦକ ବିଜୟ ଦାସ ଅଧ୍ୟକ୍ଷତା କରିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, ଅଗଷ୍ଟ ୨୮ରେ ପଟ୍ଟାମୁଣ୍ଡାଇ ସହରସ୍ଥିତ ଭେଣ୍ଡିଂ ଜୋନର କ୍ୟାବିନ ନଂ. ୩୧ରେ ବନିତାଙ୍କ ମୃତଦେହ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଜବତ କରିଥଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ସନ୍ତୋଷ ପରିଡ଼ା ଓରଫ ଚକୁଲିଙ୍କୁ ଗିରଫ କରାଯାଇଛି। ପୋଲିସ ଏହାପରଠାରୁ ନୀରବ ରହିଛି। ମୃତା ବନିତାଙ୍କ ମା'ଙ୍କ ବୟାନକୁ ରେକର୍ଡ କରାଯାଇନି। ଅପରପକ୍ଷରେ ପୋଲିସ ଖବରଦାତା ସମ୍ମିଳନୀ କରି ବନିତାଙ୍କ ଚରିତ୍ର ସଂହାର କରିଛି, ଯାହା ପୋଲିସର ତଦନ୍ତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ଚକୁଲିଙ୍କ କେହି ସହଯୋଗୀ ଥିବା ସନ୍ଦେହ କରାଯାଉଛି। ଏଥିସହ ପାରିପାର୍ଶ୍ୱିକ ସ୍ଥିତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ପ୍ରକୃତ ସତ୍ୟ ବାହାରିବ ବୋଲି ସେ କହିଛନ୍ତି। ଗଣବିକ୍ଷୋଭରେ କୃଷକ ସଭା ଜିଲା ସଭାପତି ଗୟାଧର ଧଳ, କର୍ମକର୍ତ୍ତା ନରୋତ୍ତମ ପାର୍ଥସାରଥି, ଦାଶରଥି ସାହୁ, ପ୍ରକାଶ ଚନ୍ଦ୍ର ମହାନ୍ତି, ଯଦୁମଣି ଦାସ, ସୁଦର୍ଶନ ମଲିକ, ସ୍ଥାନୀୟ ନାଏବ ସରପଞ୍ଚ ସହଦେବ ଦାସ, ଲିଲି ଜେନା, ଗୋଲାପ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ।

# ପାଟକୁରା ଅଞ୍ଚଳରୁ ନିୟମିତ ବସ୍ ସେବା ପାଇଁ ଭାଜପା ପକ୍ଷରୁ ଦାବି


ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଭାଜପା ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ ଦାବିପତ୍ର ଦେଉଛନ୍ତି।

ପାଟକୁରା, ୮।୯(ରବୀନ୍ଦ୍ର ନାଥ ବାରିକ)

ପାଟକୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ନିୟମିତ ବସ୍ ସେବା ନ ଥିବାରୁ ଜନସାଧାରଣ ଗମନାଗମନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ କେନ୍ଦ୍ରାପଡ଼ା ଜିଲାର ପାଟକୁରା, ଗରଦପୁର ଓ କୋରୁଆଠାରୁ ୩ଟି ରୁଟ୍‌ରେ କଟକ ଓ ଭୁବନେଶ୍ୱରକୁ ନିୟମିତ ବସ୍ ସେବା ଆରମ୍ଭ କରିବା ପାଇଁ ଭାଜପା ରାଜ୍ୟ ପ୍ରବକ୍ତା ଓ ସାମାଜିକ ଗଣମାଧ୍ୟମ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ ରାଜ୍ୟ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହ ସାକ୍ଷାତ ସହ ଆଲୋଚନାକରି ଦାବିପତ୍ର ଦେଇଛନ୍ତି। ଏହି ରୁଟ୍‌ଗୁଡ଼ିକ ହେଲା ପାଟକୁରାଠାରୁ ଆଖୁଆ-ବନ୍ଧକଟା- ବାହାକଣ୍ଡିଆ-ରଙ୍କାଳ-କରିଲୋପାଟଣା-ଶ୍ୟାମସୁନ୍ଦରପୁର ଗୋଡ଼ା-ଦୁହୁରିଆ ଭାୟା ସାଲେପୁର ଦେଇ କଟକ- ଭୁବନେଶ୍ୱର ପର୍ଯ୍ୟନ୍ତ ଗୋଟିଏ ରୁଟ୍। ଗରଦପୁରଠାରୁ କୋରୁଆ-ମାହାଳ-ଦାନପୁର-ଚାନ୍ଦୋଳ ଭାୟା ସାଲେପୁର ଦେଇ କଟକ-ଭୁବନେଶ୍ୱର ପର୍ଯ୍ୟନ୍ତ ଗୋଟିଏ ରୁଟ୍ ଓ କୋରୁଆଠାରୁ କଳାବୁଦା-ତଳକୁସୁମା- ଲଙ୍କାପଡ଼ା - ତାରପୁର ଭାୟା ରଘୁନାଥପୁର ଦେଇ କଟକ- ଭୁବନେଶ୍ୱର ଗୋଟିଏ ରୁଟ୍। ଏହିପରି ୩ଟି ରୁଟ୍‌ରେ ନିୟମିତ ବସ୍ ସେବା ନିହାତି ଦରକାର ବୋଲି ସେ ଦାବି କରିଛନ୍ତି। ସେ ତାଙ୍କ ଦାବିପତ୍ରରେ ଏହା ଉଲ୍ଲେଖ କରିଛନ୍ତି, ଏହିସବୁ ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳର ସାଧାରଣ ଜନତା ଲମ୍ବା ସମୟ ଧରି ଯାତାୟାତଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଉପରୋକ୍ତ ମାର୍ଗରେ କୌଣସି ନିୟମିତ ସାର୍ବଜନୀନ ବସ୍ ସେବା ଉପଲବ୍ଧ ନାହିଁ। ଫଳରେ ଶିକ୍ଷାର୍ଥୀ, ଦୈନିକ କର୍ମଜୀବୀ, ମହିଳା, ବୃଦ୍ଧ ଏବଂ ରୋଗୀ ଲୋକମାନେ କଟକ ଓ ଭୁବନେଶ୍ୱରକୁ ଯିବାରେ ହଇରାଣ ହେଉଛନ୍ତି। ଯଦି ଏହି ମାର୍ଗମାନଙ୍କରେ ନିୟମିତ ବସ୍ ସେବା ଆରମ୍ଭ କରାଯାଏ, ତେବେ ଏହା ଦ୍ୱାରା ଦୈନିକ ବହୁ ଯାତ୍ରୀ ଲାଭାନ୍ୱିତ ହେବେ। ଏହି ସବୁ ଅଞ୍ଚଳରେ ଯାତାୟାତ ସଂଯୋଗର ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ ହେବ ବୋଲି ମନ୍ତ୍ରୀଙ୍କ ନିକଟରେ ସେ ଦାବି ରଖିଛନ୍ତି। ମନ୍ତ୍ରୀ ଜେନା ଏହା ଉପରେ ଉପଯୁକ୍ତ ପଦକ୍ଷେପ ନେବେ ବୋଲି କହିଥିବା ସେ ଦର୍ଶାଇଛନ୍ତି।

# ବନ୍ୟା କମୁଛି, ଦୁର୍ଦ୍ଦଶା ବଢୁଛି


ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି।

ପଟ୍ଟାମୁଣ୍ଡାଇ, ୮।୯(କଳ୍ପତରୁ ନାୟକ)

- ବିପଦ ସଂକେତ ଉପରେ ବ୍ରାହ୍ମଣୀ
- ଏବେବି ସିଂହଗାଁ ସମେତ ବହୁ ଅଞ୍ଚଳ ବାହ୍ୟ ଜଗତରୁ ବିଚ୍ଛିନ୍ନ

ବ୍ରାହ୍ମଣୀ ନଦୀରେ ଦେଖା ଦେଇଥିବା ୪ର୍ଥ ବନ୍ୟାସ୍ଥିତିରେ ସୁଧାର ଆସିଛି। ଧୀରେ ଧୀରେ ବନ୍ୟା କମୁଥିବା ବେଳେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଅଳଭାଠାରେ ବନ୍ୟାଜଳ ପତନ ୧୬. ୫ ଫୁଟ ଥିବାବେଳେ ଏଠାରେ ବିପଦ ସଂକେତ ୧୬ ଫୁଟ ରହିଛି। ବିପନ୍ନ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି। ରାସ୍ତାଘାଟ ବୁଡି ଯାଇଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ବନ୍ୟା ଯୋଗୁ ଗରିବ ଖଟିଖିଆ ମୁଲିଆ ଶ୍ରେଣୀର ଲୋକମାନେ କାମକୁ ଯାଇ ନ ପାରି ଭୋକ ଉପାସରେ କାଳାତିପାତ କରୁଛନ୍ତି। ବିଦ୍ୟୁତ ଓ ଟେଲି ସେବା ପ୍ରଭାବିତ ହୋଇଛି। ଚାଷ ଜମି ବୁଡି ଯାଇଥିବାରୁ ଗୋରୁ,ଛେଳି ଓ ମେଣ୍ଢା ଚରିବାକୁ ଯାଇ ନ ପାରି ଡହଳବିକଳ ହେଉଛନ୍ତି। ସରକାରୀ ସହାୟତା ମିଳୁ ନ ଥିବାରୁ ବନ୍ୟା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ବ୍ରାହ୍ମଣୀ ନଦୀରେ ଦେଖା ଦେଇଥିବା ୪ର୍ଥ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ଓ ବାଛରା ପଞ୍ଚାୟତର ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଥିବା ଚାଷ ଜମିରେ ପ୍ରାୟ ମାସେ ଧରି ବନ୍ୟାଜଳ ବୁଡି ରହିଥିବାରୁ ଧାନ, ପନିପରିବା ଫସଲ ପଚି ନଷ୍ଟ ହୋଇଯାଇଛି। ବନ୍ୟାଞ୍ଚଳରେ ପରିବେଶ ଦୂଷିତ ଯୋଗୁ ବିଭିନ୍ନ ସଂକ୍ରାମକ ରୋଗ ଓ ବିଶୁଦ୍ଧ ପିଇବା ପାଣି ସଙ୍କଟ ଦେଖା ଦେଇଛି। ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବା ବେଳେ ମାଳିପୁର ରାସ୍ତାରେ ବନ୍ୟା ସ୍ରୋତ ପ୍ରବାହିତ ଯୋଗୁ ଶ୍ରୀରାମପୁର ଡାମରପୁର ଓ ବଳଭଦ୍ରପୁର ଲୋକେ ଡଙ୍ଗାରେ ଯାତାୟାତ କରୁଛନ୍ତି। ସେହିପରି ବାଛରା-ମଣ୍ଡପଡା ରାସ୍ତାରେ ବନ୍ୟାର ପ୍ରଖର ସ୍ରୋତ ପ୍ରବାହିତ ହେଉଥିବାରୁ ଜରୁରୀ ଯାତାୟତ ଠପ ହୋଇଯାଇଛି। ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲହାନି ଗରିବ ଖଟିଖିଆ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ବନ୍ୟା ଯୋଗୁ ଜଳମଗ୍ନ ହୋଇଥିବା ଅଞ୍ଚଳରୁ ବନ୍ୟା ପାଣି ଛାଡି ଯାଇଥିଲେ ମଧ୍ୟ ଚାଷଜମିଗୁଡିକ ବୁଡି ରହିଥିଲା। ବନ୍ୟାଞ୍ଚଳରେ କୁମ୍ଭୀର ଭୟ ଲାଗି ରହିଛି। ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ବହୁ ହଜାର ଏକର ଜମି ଜଳମଗ୍ନ ହୋଇରହିଛି। ବନ୍ୟା ବିପନ୍ନ ଲୋକମାନଙ୍କୁ ଆବଶ୍ୟକ ଡଙ୍ଗା, ଗୋଖାଦ୍ୟ, କିରୋସିନ, ବ୍ଲିଚିଂ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଶିବାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ଉତ୍ସବ

କେନ୍ଦ୍ରାପଡ଼ା, ୮।୯ (ଜଗନ୍ନାଥ ଧଳ)



ଧର୍ମ, ସତ୍ୟ, ସତକର୍ମ, ଶକ୍ତି ଓ ସମୃଦ୍ଧି ଆଦି ସଦାଚାରରୁ ହିଁ ଉତ୍ପନ୍ନ ହୋଇଥାଏ। ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୮ତମ ଜୟନ୍ତୀ ଉତ୍ସବରେ ଶ୍ରୀମା ଦିବ୍ୟସ୍ୱରୂପ ଚୈତନ୍ୟ ସୋମବାର ଏହା ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ସହର ନିକଟ ଗରାପୁରସ୍ଥିତ ଦିବ୍ୟ ଜୀବନ ସଂଘ ଆଶ୍ରମ ପକ୍ଷରୁ ପୂର୍ବାହ୍ନରେ ଏହି ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପ ଚୈତନ୍ୟ ଯୋଗଦେଇ କହିଥିଲେ, ସଦାଚାର ହେଉଛି ମାନବ ସମାଜ ପାଇଁ ସମୃଦ୍ଧିର ମୂଳମନ୍ତ୍ର। ଏହା ମନୁଷ୍ୟର ସମ୍ମାନ ବୃଦ୍ଧି କରିବା ସହ ଆୟୁ ବୃଦ୍ଧି କରେ। ଏହିପରି ଅନେକ ତତ୍ତ୍ୱକୁ ବୁଝିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀ ନିଜର କର୍ମମୟ ଜୀବନ ଛାଡି ମାଲେସିଆରୁ ଭାରତକୁ ଫେରି ଆସିଥିଲେ। ଗୁରୁଜୀଙ୍କ ଜନ୍ମ ତାମିଲନାଡୁର ପଟ୍ଟାମଡାଇ ଗ୍ରାମରେ ୧୮୮୭ ରେ ହୋଇଥିଲା। ତୁଳସୀ ଦୁଇ ପତ୍ରରୁ ବାସିବା ପରି ଅତି ସାନ ବୟସରୁ ସଂସାରର ବିବିଧତା ଓ ବର୍ଣ୍ଣିଳ ଦୁନିଆ ସମ୍ପର୍କରେ ଅହରହ ଚିନ୍ତା କରୁଥିଲେ। ପିଲାବେଳେ କୁପୁସ୍ୱାମୀ ନାମ ପାଇଥିବା ଗୁରୁଜୀ ଡାକ୍ତରୀ ବିଦ୍ୟା ହାସଲ କରି ମାଲେସିଆରେ କର୍ମରତ ଥିଲେ। ତେବେ ଏଥିରେ ସେ ସନ୍ତୁଷ୍ଟି ନ ପାଇ ହିମାଳୟରେ ତପସ୍ୟା କରିବାକୁ ଚାଲି ଆସିଥିଲେ। ଗୁରୁଜୀଙ୍କ ଜୟନ୍ତୀ ଉତ୍ସବ ଉପଲକ୍ଷେ ଆଶ୍ରମ ପରିସରରେ ଦିନସାରା ଭଜନ କୀର୍ତ୍ତନ ହୋଇଥିଲା। ପୂର୍ବାହ୍ନ ୧୧ଟା ୩୦ ମିନିଟ୍‌ରେ ଗୁରୁଜୀଙ୍କ ପାଦପୂଜା ହୋଇଥିଲା। ପରେ ତାଙ୍କ ସମ୍ପର୍କରେ ଶରତ ଚନ୍ଦ୍ର ପାତ୍ର, ଡ. ସୁରେନ୍ଦ୍ରନାଥ ଆଚାର୍ଯ୍ୟ, ଡ. କାଳୀପ୍ରସନ୍ନ ଶତପଥୀ, ଅଭିମନ୍ୟୁ ଗୋଛାୟତ, ଶରତ ବରାଳ, ପ୍ରମୋଦ ଦାସ ପ୍ରମୁଖ ଆଲୋକପାତ କରିଥିଲେ। ଉତ୍ସବକୁ ବ୍ରହ୍ମଚାରୀ ନୃସିଂହ ଦାସ ଓ ଶ୍ରଦ୍ଧାଳୁମାନେ ପରିଚାଳନା କରିଥିଲେ।

# ଗଛରେ ବାଡେଇ ହୋଇ ଡଙ୍ଗା ବୁଡ଼ିଲା , ୩ ସୁରକ୍ଷିତ ଉଦ୍ଧାର

ରାଜନଗର , ୮।୯(ଭାସ୍କର ରାଉତରାୟ)

ଭିତରକନିକା ଜଙ୍ଗଲ ଭିତରେ ନିଖୋଜ ଥିବା ମା' ପୁଅଙ୍କୁ ଉଦ୍ଧାର କରିବାକୁ ସୋମବାର ୪ ଟି ବୋଟ ଓ ୬ଟି ଡଙ୍ଗା ଯାଇଥିଲା। ସନ୍ଧ୍ୟାରେ ସମସ୍ତ ଡଙ୍ଗା ଫେରି ଆସିଛନ୍ତି। ବନ ବିଭାଗ ବୋଟରେ ବନ୍ଧା ହୋଇଥିବା ଗୋଟିଏ ଡଙ୍ଗା ସନ୍ଧ୍ୟାରେ ବୁଡି ଯାଇଥିଲା। ଗୋଜ ନିକଟରେ ଲୋକଙ୍କୁ ଓହଲାଇ ବୁଲାଇ ଫେରୁଥିବାବେଳେ ଏକ ଗଛରେ ଡଙ୍ଗାଟି ବାଡେଇ ହୋଇଯାଇଥିଲା। ପାଣିର ସ୍ରୋତରେ ଡଙ୍ଗାରେ ପାଣି ପଶି ବୁଡି ଯାଇଥିଲା। ଡଙ୍ଗାରେ ଥିବା ବନପାଳର ୩ ଜଣଙ୍କୁ ସଙ୍ଗେ ସଙ୍ଗେ ବନ ବିଭାଗ ବୋଟ ଉଦ୍ଧାର କରିବାରେ ସକ୍ଷମ ହୋଇଛି।

# ଆଳି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି, ୨୧୭ ଅଭିଯୋଗ


ଯୁଗ୍ମ ଅଭିଯୋଗ ଶୁଣାଣିରେ ୨ ଭିନ୍ନକ୍ଷମଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପ୍ରଦାନ କରାଯାଉଛି।

ଆଳି,୮।୯ (ବନମାଳୀ ସେନାପତି)

ଆଳି ବ୍ଲକ ସଭାଗୃହ ପରିସରରେ କେନ୍ଦ୍ରାପଡ଼ା ଜିଲାପାଳ ଏବଂ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧୭ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୨୨ଟି ସାମୂହିକ ହୋଇଥିବା ବେଳେ ୧୯୫ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାଶନ କାର୍ଡ, ଭତ୍ତା, ଆବାସ ଓ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ଭଳି ଅଭିଯୋଗ ଆସିଥିଲା। ସେହିପରି ସାମୂହିକ ସମସ୍ୟା ମଧ୍ୟରେ ଆଳି ବ୍ଲକରେ ଗାଁ ସାଥୀ ଚୟନରେ ଚଞ୍ଚକତା ଅଭିଯୋଗ ହୋଇଥିବାବେଳେ ଶିକ୍ଷକ ସମସ୍ୟା, ରାସ୍ତା ସମସ୍ୟା, ପାନୀୟଜଳ ସମସ୍ୟା ନେଇ ଅଭିଯୋଗ ହୋଇଛି। ଏହି ଅବସରରେ ୨ ଜଣଙ୍କୁ ୮ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ବଣ୍ଟନ କରାଯାଇଛି। ଶିବିରରେ ଜିଲାପାଳ ରଘୁରାମ ଆର ଆୟାରଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଉପଜିଲାପାଳ ଅରୁଣ କୁମାର ନାୟକ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତିଙ୍କ ସମେତ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କ ସମେତ ଆଳି ବ୍ଲକର ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ, ପ୍ରାଣୀସମ୍ପଦ, କୃଷି ବିଭାଗ, ତଟବନ୍ଧ ବିଭାଗ, ଜଳସେଚନ ବିଭାଗର ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ।

# ଶିକ୍ଷକ ଘନଶ୍ୟାମ ବଳଙ୍କୁ ଗୁରୁଗୌରବ ସମ୍ମାନ

ରାଜନଗର , ୮।୯(ଭାସ୍କର ରାଉତରାୟ)

ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ଭାବରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଅନ୍ତର୍ଗତ ପେଣ୍ଠ ଗ୍ରାମର ଘନଶ୍ୟାମ ବଳଙ୍କୁ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। କଟକ ଟାଉନ ହଲ୍‌ଠାରେ ଉତ୍କଳ ବିଦ୍ୟା ଗୌରବ ପରିଷଦ ଆନୁକୂଲ୍ୟରେ ସଭାପତି ପ୍ରଫେସର ନଟବର ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁ ପୂଜନ ଓ ଗୁରୁ ଗୌରବ ସମ୍ମାନ ପ୍ରଦାନ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ନିଗମ କଳ୍ପତରୁ ଆଶ୍ରମର ମୁଖ୍ୟ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟକ ଭାବେ ଉପସ୍ଥିତ ରହି ବଳଙ୍କୁ ମାନପତ୍ର, ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ପୂର୍ବତନ କୁଳପତି ପ୍ରଫେସର ଓଁକାର ନାଥ ମହାନ୍ତି ମୁଖ୍ୟ ଅତିଥି, ଡା. ନିରଞ୍ଜନ ତ୍ରିପାଠୀ ମୁଖ୍ୟବକ୍ତା, ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ବିଶିଷ୍ଟ ଅତିଥି, ଡା. ଦୀପ୍ତିରାଣୀ ସାମନ୍ତ ଓ ଆଇନଜୀବୀ ଗୋକୁଳାନନ୍ଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ।

# ଘାଟକୂଳରେ ପଡ଼ିରହିଛି ବୋଟ୍ ଆମ୍ବୁଲାନ୍ସ

ମହାକାଳପଡ଼ା, ୮।୯ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ଠିକାଦାରଙ୍କ କବ୍‌ଜାରେ ଆମ୍ବୁଲାନ୍ସ ଘାଟକୂଳ
- ଗଦାହୋଇଛି ଗୋଡ଼ି, ପଥର, ବାଲି, ମୋରମ
- ରୋଗୀ କାନ୍ଧରେ ବୁହାହୋଇ ବୋଟ୍‌କୁ ଯାଉଛନ୍ତି


ବଟିଘର ପଞ୍ଚାୟତରେ ଉତ୍ତର ଖୋଳା ନଦୀ ଆମ୍ବୁଲାନ୍ସ ଘାଟ କୂଳରେ ଠିକାଦାର ଗଦା କରି ରଖିଛନ୍ତି ନିର୍ମାଣ ସାମଗ୍ରୀ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ନଦୀନାଳ ଘେରା ବଟିଘର ପଞ୍ଚାୟତରେ ୧୨ ହଜାର ଲୋକଙ୍କ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଅପହଞ୍ଚ ପାଲଟିଛି। ଏହି ଅଞ୍ଚଳକୁ ସଡ଼କ ପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବାରୁ ରୋଗୀମାନେ ବାଧହୋଇ ନଦୀ ପାର ହୋଇ ପାରାଦୀପ, ମହାକାଳପଡ଼ା ଓ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ଏହି ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮-୧୯ଠାରୁ ଏକ ସ୍ୱତନ୍ତ୍ର ବୋଟ୍ ଆମ୍ବୁଲାନ୍ସ ଯୋଗାଇ ଦେଉଛନ୍ତି। ଅଧିକ ଚିକିତ୍ସା ପାଇଁ ରୋଗୀମାନେ ବୋଟ୍ ଆମ୍ବୁଲାନ୍ସରେ ପାରାଦୀପ, ରାମନଗର, ମହାକାଳପଡ଼ାକୁ ଯାତାୟାତ କରିଥାନ୍ତି। ହେଲେ ସମୁଦ୍ର ଜୁଆର ପଡନ ପାଣି ମାଡ଼ିଲେ ଘାଟ କୂଳକୁ ଯାତାୟାତ ପ୍ରଭାବିତ ହେଉଛି। ଅପରପକ୍ଷରେ ଉତ୍ତର ଖୋଳା ନଦୀ ଆମ୍ବୁଲାନ୍ସ ଘାଟ କୂଳରେ ଆମ୍ବୁଲାନ୍ସ ରହୁଛି। ଫଳରେ ରୋଗୀମାନେ ଚିକିତ୍ସା ପାଇଁ ରାତି ହେଉ କି ଦିନରେ ଏହି ଘାଟକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

୩ ଦିନ ପୂର୍ବେ ଜଣେ ଗୁରୁତର ଅବସ୍ଥାରେ ରୋଗୀଙ୍କୁ ବୋଟ୍ ଆମ୍ବୁଲାନ୍ସ ଯୋଗେ ନେବାକୁ ଘାଟ କୂଳକୁ ପରିବାର ଲୋକେ ନେଇଥିଲେ। ହେଲେ ଠିକାଦାର ଘାଟ କୂଳରେ ବାଲି,ଗୋଡ଼ି, ପଥର, ମୋରମ ଜମା କରିଥିବାରୁ ପରିବାର ଲୋକେ ରୋଗୀଙ୍କୁ ବାଧ ହୋଇ କାନ୍ଧ ଭାରରେ ବୋଟ୍ ଆମ୍ବୁଲାନ୍ସ ନେଇଥିବା ଦେଖିବକୁ ମିଳିଛି। ବଟିଘର ପଞ୍ଚାୟତରେ ବିଭିନ୍ନ ସ୍ଥାନରେ କୋଠାବାଡ଼ି, ଘେରି ନଦୀବନ୍ଧ ନିର୍ମାଣ କାର୍ଯ୍ୟ ହେଉଥିବାରୁ ଠିକାଦାରମାନେ ଏହି ଆମ୍ବୁଲାନ୍ସ ଘାଟକୂଳରେ ସାମଗ୍ରୀ ରଖିଥିବା କୁହାଯାଇଛି। ତୁରନ୍ତ ଏହି ଘାଟକୂଳରୁ ସାମଗ୍ରୀଗୁଡିକୁ ହଟାଇବାକୁ ସ୍ଥାନୀୟ ଲୋକାମାନେ ଦାବି କରିଛନ୍ତି। ନଚେତ୍ ଜିଲା ପ୍ରଶାସନ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତଙ୍କୁ ପଚାରିବାରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍ ଆୟାରଙ୍କୁ ପଚାରିବାରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବାସନ୍ଦ ନିର୍ଯାତନା ସହି ନ ପାରି ଜୀବନ ହାରିଥିଲେ ସୁବାସ

ନୟାଗଡ଼,୮।୯(ଲୋକନାଥ ମିଶ୍ର)

**ରାଜ୍ୟ ମାନବାଧିକାର ଆୟୋଗରେ ଚାହାଲି କଙ୍ଗାରୁକୋର୍ଟ ମାମଲା**

- ନଭେମ୍ବର ୨୫ରେ ଶୁଣାଣି
- ତଦନ୍ତ କରି ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ
- ଗିରଫ ପରେ ପୋଲିସ କନେଷ୍ଟବଲ ହୋଇଥିଲେ ନିଲମ୍ବିତ
- ଗାଁ ସଭାପତିଙ୍କ ସମେତ ୪ଜଣ ଯାଇଥିଲେ ଜେଲ

ରାଜ୍ୟ ମାନବାଧିକାର ଆୟୋଗଙ୍କ ନିକଟରେ ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ ଚାହାଲି ଗାଁର କଙ୍ଗାରୁ କୋର୍ଟ ମାମଲା ପହଞ୍ଚିଛି। ନଭେମ୍ବର ୨୫ରେ ଏହାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଅନ୍ୟପକ୍ଷେ ସମ୍ପୃକ୍ତ ମାମଲାର ତଦନ୍ତ କରି ରିପୋର୍ଟ ଦେବାକୁ ନୟାଗଡ଼ ଏସ୍‌ପିଙ୍କୁ ରାଜ୍ୟ ମାନବାଧିକାର ଆୟୋଗ ଚେୟାରମ୍ୟାନ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଜଣେ ପୋଲିସ କନେଷ୍ଟବଲ ଗିରଫ ହୋଇ ନିଲମ୍ବିତ ହୋଇଥିଲେ। ପୁଣି ଗାଁ ସଭାପତିଙ୍କ ସମେତ ୪ଜଣ ଜେଲ ଯାଇଥିଲେ। ତେବେ କଙ୍ଗାରୁ କୋର୍ଟ ପରି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ କୋହଳ ଦଫା ଲଗାଇବା, ପୋଲିସର ନିଷ୍କ୍ରିୟତା ଓ ମାମଲାର ଅଗ୍ରଗତି ନ ହେବାରୁ ପରିବାରକୁ ୨୦ ଲକ୍ଷ ଟଙ୍କା ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ମୃତକଙ୍କ ଝିଅ ଅର୍ଚ୍ଚନା ବେହେରା ରାଜ୍ୟ ମାନବାଧିକାର ଆୟୋଗରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରାଜ୍ୟ ମାନବାଧିକାର ଆୟୋଗଙ୍କ ପକ୍ଷରୁ ନଂ. ୩୦୮୬/୨୫ରେ ମାମଲା ରୁଜୁ କରାଯାଇ ପ୍ରସଙ୍ଗ ବିଚାରାଧୀନ ଅଛି।

ଚାହାଲି ଗାଁର ସୁବାସ ଚନ୍ଦ୍ର ବେହେରାଙ୍କୁ ଏକ ଘରକିଆ କରି ନିଆଁ, ପାଣି ବାସନ୍ଦ କରାଯାଇଥିଲା। ଏପରିକି ପରିବାରର ସଦସ୍ୟଙ୍କ ପାଇଁ ସ୍କୁଲ, ଟିଉସନ ଓ ଦୋକାନକୁ ଯିବାକୁ ବାରଣ କରାଯାଇଥିଲା। ଗାଁର ଲୋକଙ୍କ ସହ କଥା ହୋଇ ପାରୁ ନ ଥିଲେ। କଥା ହେଲେ ଗାଁ ଲୋକଙ୍କ ପାଇଁ ୧୦ ହଜାର ଟଙ୍କା ଜରିମାନା ଘୋଷଣା କରାଯାଇଥିଲା। ଭୟରେ ଲୋକମାନେ ସୁବାସଙ୍କ ପରିବାର ସହ କଥା ହେଉ ନ ଥିଲେ। ଗାଁରେ ମିଶିବାକୁ ହେଲେ ୫ ହଜାର ଜରିମାନା ଦେବାକୁ କୁହାଗଲା। ୫ ହଜାର ଜରିମାନା ଦେବାକୁ ସୁବାସ ଅରାଜି ହେବା ପରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କଙ୍ଗାରୁକୋର୍ଟରୁ ବାହାର କରି ଦିଆଯାଇଥିଲା। ପୋଲିସରେ ଅଭିଯୋଗ ପରେ ମଧ୍ୟ ନିର୍ଯାତନା କମି ନ ଥିଲା। ପୋଲିସଠାରୁ ନ୍ୟାୟ ନ ପାଇ ସୁବାସ ୨୦୨୪ ଜାନୁଆରୀ ୨୭ରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ବିଷ ପିଇବା ପୂର୍ବର ସୁବାସଙ୍କ ଚିଠି ଓ ଝିଅଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୧/୨୪ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ଗାଁ ସଭାପତିଙ୍କ ସମେତ ୪ଜଣଙ୍କୁ ପୋଲିସ ଗିରଫ କରିଥିଲା। ଜାମିନ ନାମଞ୍ଜୁର ପରେ ଗାଁ ସଭାପତି ରମାକାନ୍ତ ମିଶ୍ର(୬୨), ଗାଁ କମିଟି ସଭ୍ୟ ମାଗୁଣି ବେହେରା (୫୭) ଓ ବଂଶୀଧର ମିଶ୍ର(୭୦) ଏବଂ ଗାଁର ସଭ୍ୟ ତଥା ନୂଆଗାଁ ଥାନାରେ କାର୍ଯ୍ୟରତ କନେଷ୍ଟବଲ ସନ୍ତୋଷ କୁମାର ବେହେରା(୪୮) ଜେଲ ଯାଇଥିଲେ। କନେଷ୍ଟବଲ ଜେଲ ଯିବା ପରେ ତତ୍କାଳୀନ ନୟାଗଡ଼ ଏସ୍‌ପି ନିଲମ୍ବନ କରିଥିଲେ। ଗାଁ ପାଖ ଥାନା ନୂଆଗାଁରେ ଚାକିରି କରି ସନ୍ତୋଷ ଗାଁରେ କଙ୍ଗାରୁ କୋର୍ଟ କରିବାର ମୁଖ୍ୟ ଭୂମିକା ନେଉଥିଲେ ବୋଲି ଅଭିଯୋଗ ହୋଇଥିଲା। ଗାଁର ସଭାପତି ରମାକାନ୍ତ ମିଶ୍ର ଥିଲେ ତେବେ ଦଣ୍ଡ ଓ ଜରିମାନାର ରାୟ ଶୁଣାଉଥିଲେ କନେଷ୍ଟବଳ ସନ୍ତୋଷ। ଗାଁରେ ତାଙ୍କର ଦବଦବା ଥିଲା। ପୋଲିସ କ୍ଷମତା ବଳରେ ସେ ଗାଁକୁ ନିଜ କରାୟତରେ ରଖିଥିଲେ। ଅନ୍ୟପକ୍ଷେ ନୟାଗଡ଼ ସଦର ଥାନା ପକ୍ଷରୁ ଦଫା କୋହଳ କରାଯାଇଥିବା ସୁବାସଙ୍କ ଝିଅ ଅଭିଯୋଗ କରିଥିଲେ। କନେଷ୍ଟବଳ ଓ ଅନ୍ୟ ଅଭିଯୁକ୍ତଙ୍କୁ ଖସାଇବା ପାଇଁ ପୋଲିସ କେବଳ ଦଫା ୩୮୬ ଓ ୩୪ ଆଇପିସି ଲଗାଇବାରୁ ଅଭିଯୁକ୍ତମାନେ ସୁବିଧାରେ ଜାମିନ ପାଇ ପାରିଥିଲେ। ଅର୍ଚ୍ଚନାଙ୍କ ସେ ସମୟର ଅଭିଯୋଗ ଅନୁସାରେ ତାଙ୍କ ବାପା ଗାଁର ଉପସଭାପତି ଥିଲେ। ଉପସଭାପତି ଥିବାବେଳେ କନେଷ୍ଟବଳଙ୍କ କାଟତି ରହୁ ନ ଥିବାରୁ ପଦବୀରୁ ହଟାଇ ଦିଆଯାଇଥିଲା। ପରେ ତାଙ୍କ ବାପାଙ୍କୁ ଚକ୍ରବ୍ୟୁହ ରଚି ଫସାଇ ଦିଆଯାଇଥିଲା।

# ପ୍ରାପ୍ୟ ପ୍ରଦାନ ଦାବିରେ ମିଶନ ଶକ୍ତି ମହିଳାଙ୍କ ହୋ ହଲ୍ଲା



ମିଶନ ଶକ୍ତି ମହିଳାମାନେ ହୋହଲ୍ଲା କରୁଛନ୍ତି।

ଖଣ୍ଡପଡ଼ା, ୮।୯
(ଅଜୟ କୁମାର ମହାରଣା)

ଗତ ୯ ମାସ ହେଲା ମିଶନ ଶକ୍ତିର ମହିଳାମାନଙ୍କୁ ପ୍ରାପ୍ୟ ପ୍ରଦାନରେ ବ୍ଲକ ପ୍ରଶାସନର ଅବହେଳାକୁ ନେଇ ମହିଳାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ସମସ୍ତ ମିଶନ ଶକ୍ତି ସଦସ୍ୟାଙ୍କୁ ତୁରନ୍ତ ବକେୟା ପ୍ରାପ୍ୟ ପ୍ରଦାନ ଦାବି ନେଇ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ମିଶନ ଶକ୍ତିର ସଦସ୍ୟାମାନେ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଉପସ୍ଥିତ ରହି ହୋ ହାଲ୍ଲା କରିଥିଲେ। ଏପରିକି ୫୦ ରୁ ଊର୍ଦ୍ଧ୍ୱ ମହିଳା ବ୍ଲକର ମୁଖ୍ୟ ଫାଟକକୁ ଅବରୋଧ କରି କିଛି ସମୟ ପାଇଁ ନାରାବାଜି କରିଥିଲେ। ମହିଳା ସଦସ୍ୟଙ୍କ ଏକ ପ୍ରତିନିଧିମଣ୍ଡଳୀ ଅଭିଯୋଗ ସମ୍ପର୍କରେ ବିଡିଓ ଅଙ୍କୁର ଅଭିଲାଷଙ୍କ ସହ ଆଲୋଚନା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିବା ସହ ଅପରାହ୍ନରେ ସମସ୍ତ ମହିଳା ଘରକୁ ଫେରିଥିବା ଜଣାପଡିଛି।

# ପଟିଆର ପୂର୍ବତନ ସରପଞ୍ଚ ଜେଲ ଗଲେ



ନୟାଗଡ଼/ରଣପୁର,୮।୯(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

**ରଣପୁର ଅଦାଲତରେ ଆତ୍ମସମର୍ପଣ**

ରଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ରଣପୁର ବ୍ଲକ ପଟିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ ସୋମବାର ଆତ୍ମସମର୍ପଣ କରିଥିଲେ। ଜାମିନ ନାମଞ୍ଜୁର ପରେ ପ୍ରଭାତଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୂର୍ବତନ ସରପଞ୍ଚଙ୍କ ନାଁରେ ଚାନ୍ଦପୁର ଥାନାରେ ନଂ. ୫୬/୨୫, ୫୮/୨୫, ୫୭/୨୫, ୬/୨୫, ୧୦/୨୫, ୧୬୮/୨୫ ପରି ୬ ମାମଲା ରହିଥିଲା। କୁସୁପଲ୍ଲା ଫାର୍ମ ହାଉସ୍ ଭଙ୍ଗାରୁଜା, କର୍ମଚାରୀଙ୍କୁ ମାରପିଟ୍, ପୋଲିସ ଗାଡି ଭାଙ୍ଗାରୁଜା, ଆଦିବାସୀ ମହିଳାପୁରୁଷଙ୍କୁ ଅସଦ୍ ବ୍ୟବହାର ପରି ଘଟଣାରେ ତାଙ୍କ ନାଁ ରହିଛି। ଚାନ୍ଦପୁର ଥାନା ପୋଲିସ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ସଫଳ ହୋଇ ନ ଥିଲା।

# ୨୩,୯୯୦ ଜଣଙ୍କୁ ଦିଆଗଲା କୃମି ନାଶକ ଔଷଧ



ଛାତ୍ରୀଙ୍କୁ କୃମି ନାଶକ ଔଷଧ ପ୍ରଦାନ କରାଯାଉଛି।

ଖଣ୍ଡପଡା,୮।୯(ଅଜୟ କୁମାର ମହାରଣା)

**ବିଦ୍ୟାଳୟ, ଅଙ୍ଗନୱାଡି ଛାତ୍ରୀଛାତ୍ରଙ୍କୁ କୃମି ନାଶକ ଔଷଧ**

ଜାତୀୟ କୃମି ଦିବସ ଅବସରରେ ନୂଆ ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ପିଲା, ପରିବାର ସଦସ୍ୟଙ୍କୁ କୃମି ନାଶକ ଔଷଧ ସୋମବାର ଦିଆଯାଇଛି। ଏହି ଅବସରରେ ସମୁଦାୟ ୨୩,୯୯୦ ଜଣଙ୍କୁ କୃମି ନାଶକ ଔଷଧ ପ୍ରଦାନ କରାଯାଇଥିବା ଗଡିଆସାହି ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିଷାର ପଣ୍ଡାଙ୍କଠାରୁ ସୂଚନା ମିଳିଛି। ଖଣ୍ଡପଡ଼ା ବ୍ଲକ ତଥା ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୮୯ ଅଙ୍ଗନୱାଡ କେନ୍ଦ୍ରରେ ସମସ୍ତ କର୍ମୀ, ଆଶା କର୍ମୀ ଏବଂ ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟତ୍ରୀଶିକ୍ଷକମାନଙ୍କ ଦ୍ୱାରା ଔଷଧ ବିତରଣ କରାଯାଇଛି। ଏହି ଅବସରରେ ୧ ବର୍ଷଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ୨୨,୩୨୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ୨୧,୯୫୭ ଜଣଙ୍କୁ ଏହି ଔଷଧ ବିତରଣ କରାଯାଇଛି। ସେହିପରି ୨୦ ବର୍ଷଠାରୁ ୨୪ ବର୍ଷ ପର୍ଯ୍ୟନ୍ତ ୨୦୩୩ ଜଣ ମହିଳାଙ୍କ ମଧ୍ୟରୁ ୧୮୫୩ ଜଣ ମହିଳା ହିତାଧିକାରୀଙ୍କୁ ଏହି ଔଷଧ ବିତରଣ କରାଯାଇଥିବା ଡା. ପଣ୍ଡାଙ୍କଠାରୁ ସୂଚନା ମିଳିଛି। ୧ରୁ ୨ବର୍ଷର ଶିଶୁଙ୍କୁ କୃମି ନାଶକ ସିରପ ଓ ଅନ୍ୟମାନଙ୍କୁ ବଟିକା ପ୍ରଦାନ କରାଯାଇଥିବା ବେଳେ ଗର୍ଭବତୀ, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ବାଦ ସେଇ ଅନ୍ୟ ସମସ୍ତବର୍ଗର ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଥିବା ପିଲାଙ୍କଠାରୁ ଆରମ୍ଭ କରି ପ୍ରତ୍ୟେକ ବିଦ୍ୟଳୟରେ ଅଧୟନରତ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ କୃମି ନାଶକ ଔଷଧ ପ୍ରଦାନର ବ୍ୟବସ୍ଥା କରାଯାଇଛି। ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରୟାସ ଜାରି ହୋଇଥିଲା। ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟରତ କର୍ମଚାରୀମାନେ ପ୍ରତ୍ୟେକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ କୃମି ନାଶକ ଔଷଧ ବିତରଣ କରିଥିବା ଜଣାଯାଇଛି। ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପଣ୍ଡା ଓ ସହଯୋଗୀମାନେ କୋସକା ଆଞ୍ଚଳିକ ହାଇସ୍କୁଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ କୃମି ନାଶକ ଔଷଧ ପ୍ରଦାନ କରାଯାଇଥିଲେ।

# ୧୪ରେ ଖଣ୍ଡପଡ଼ାରେ ରାଜ୍ୟସ୍ତରୀୟ କ୍ୟାରମ ଟୁର୍ନାମେଣ୍ଟ

ଖଣ୍ଡପଡ଼ା, ୮।୯ (ଅଜୟ କୁମାର ମହାରଣା)

ପଠାଣି ସାମନ୍ତ କ୍ଲବ୍ ଓ ମହାବୀର କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୪ ତାରିଖଠାରୁ ସ୍ଥାନୀୟ ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ରାଜ୍ୟସ୍ତରୀୟ ଦିବାରାତ୍ର ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ମେମୋରିଆଲ କ୍ୟାରମ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ଜଣାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ୩୨ଟି ଟିମ୍ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି। ଟୁର୍ନାମେଣ୍ଟରେ ପ୍ରଥମ ସ୍ଥାନ ଅଧିକାରକରି ଚାମ୍ପିୟନ ହୋଇଥିବା ଟିମ୍‌କୁ ପୁରସ୍କାର ବାବଦରେ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଟୁର୍ନାମେଣ୍ଟର ମୁଖ୍ୟ ଆୟୋଜକ ଭଗବାନ ରାଉତଙ୍କଠାରୁ ପ୍ରକାଶ। ପ୍ରକାଶଥାଉକି ଦିବଂଗତ ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ସ୍ମୃତିକୁ ଉଜ୍ଜୀବିତ କରିବାର ମହତ୍ ଲକ୍ଷ୍ୟ ନେଇ କ୍ୟାରମ ଟୁର୍ନାମେଣ୍ଟର ଆୟୋଜନ କରାଯାଇଥିବା ଜଣାଯାଇଛି।

# ହୃଦ୍‌ରୋଗରେ ଆକ୍ରାନ୍ତ ମହିଳାଙ୍କ ଚିକିତ୍ସାରେ ଅର୍ଥ ବାଧକ

ଖଣ୍ଡପଡ଼ା, ୮।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ୬ ନଂ. ୱାର୍ଡର ମହିଳା ଶାନ୍ତିଲତା ସିଂହ (୬୫) ଦୀଘମାସ ଧରି ହୃଦ୍‌ରୋଗରେ ଆକ୍ରାନ୍ତ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡ଼ିଛି। ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ମହିଳାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜଛି। ପରିବାରବର୍ଗ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବା ଜଣାଯାଇଛି। ଡାକ୍ତରଙ୍କ ପରାମର୍ଶକ୍ରମେ ଏମ୍‌ସରେ ଉକ୍ତ ମହିଳାଙ୍କ ଏବେ ଚିକିତ୍ସା ଜାରି ରହିଥିଲେ ହେଁ ପ୍ରାଥମିକ ଅବସ୍ଥାରେ ସମସ୍ତ ଆନୁଷଙ୍ଗିକ ଚିକିତ୍ସା ନିମନ୍ତେ ଆବଶ୍ୟକ ପଡୁଥିବା ଅର୍ଥର ଅଭାବ ଯୋଗୁ ଶାନ୍ତିଲତାଙ୍କ ଚିକିତ୍ସା ସେବା ଆଗେଇପାରୁ ନ ଥିବା ପରିବାରବର୍ଗ କହିଛନ୍ତି। ଚିକିତ୍ସାଧୀନ ମହିଳାଙ୍କ ନିକଟରେ ଏକ ଆୟୁଷ୍ମାନ କାର୍ଡ ଥିଲେ ହେଁ ଅସ୍ତ୍ରୋପଚାର ସମୟରେ ହିଁ ଉକ୍ତ କାର୍ଡଟି କାର୍ଯ୍ୟରେ ଆସିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିବା ପରେ ଏବେ ପରିବାରବର୍ଗଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ତେବେ ମହିଳାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା ଜଣାପଡିଛି। ହୃଦ୍‌ରୋଗରେ ଆକ୍ରାନ୍ତ ଉକ୍ତ ମହିଳାଙ୍କ ପ୍ରତିପ୍ରଶାସନ ସଦୟ ହେବାକୁ ସାଧାରଣରେ ଦାବି ହେଉଛି। ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ନତୁବା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ମିଳିପାରିଲେ ରୋଗାକ୍ରାନ୍ତ ମହିଳାଙ୍କ ଚିକିତ୍ସା ସୁବିଧାରେ ହୋଇପାରନ୍ତା ବୋଲି ପରିବାର ଲୋକେ କହିଛନ୍ତି। ବେସରକାରୀ ଭାବେ ସହୃଦୟ ବ୍ୟକ୍ତି ଓ ନୟାଗଡ଼ ଜିଲାପାଳ ଉକ୍ତ ମହିଳାଙ୍କ ପ୍ରତି ସଦୟ ହେବାକୁ ସାଧାରଣରେ ନିବେଦନ କରାଯାଇଛି।



ରୋଗ ଶଯ୍ୟାରେ ଶାନ୍ତିଲତା ସିଂହ।

# ତଦନ୍ତ ପାଇଁ ଜିଲାପାଳଙ୍କୁ ଜାତୀୟ ଶିଶୁ ସୁରକ୍ଷା କମିଶନଙ୍କ ନିର୍ଦ୍ଦେଶ

ନୟାଗଡ଼,୮।୯(ଲୋକନାଥ ମିଶ୍ର)

**ଛାତ୍ରୀଙ୍କ ଗଣେଶ ପୂଜା ଭୋଗ ଫେରାଇ ଦେବା ଘଟଣା**

**ଛୁଆଁ ଅଛୁଆଁ ଭେଦଭାବକୁ ନେଇ ଶିକ୍ଷକ ନିଲମ୍ବିତ ହୋଇ ସାରିଲେଣି**

ଛୁଆଁ ଅଛୁଆଁ ଭେଦଭାବ ରଖି ଛାତ୍ରୀଙ୍କ ଗଣେଶ ପୂଜା ଭୋଗ ଫେରାଇ ଦେବା ଘଟଣା ଜାତୀୟ ଶିଶୁ ସୁରକ୍ଷା କମିଶନଙ୍କ ପାଖରେ ପହଞ୍ଚିଛି। ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଛି। ସେପଟେ ଛୁଆଁ ଅଛୁଆଁ ଭେଦଭାବ କରି ନୟାଗଡ ଜିଲା ନୂଆଗାଁ ବ୍ଲକ ବନ୍ଧାଭୂଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲେବଲ ୫ ବରିଷ୍ଠ ଶିକ୍ଷକ ବୁଧି ସାହୁ ନିଲମ୍ବିତ ହୋଇଛନ୍ତି। ଏ ନେଇ ଅଗଷ୍ଟ ୩୦ରେ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୧୯୮/୩୦।୮।୨୫ ରେ ନିଲମ୍ବନ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଛାତ୍ରୀଙ୍କ ଗଣେଶ ପୂଜା ଭୋଗ ନ କରି ଫେରାଇ ଦେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଅଭିଯୋଗ ଅନୁସାରେ ଗଣେଶ ପୂଜାରେ ଅନୁସୂଚିତ ଜାତିର ଜଣେ ଛାତ୍ରୀଙ୍କ ଭୋଗକୁ ବନ୍ଧାଭୂଇଁ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଫେରାଇ ଦେଇଥିଲେ। ଆଧୁନିକ ଯୁଗରେ ଶିକ୍ଷକଙ୍କ ଛୁଆଁ ଅଛୁଆଁ ଭେଦଭାବ ରଖି ଭୋଗ ଫେରାଇ ଦେବା ଘଟଣାକୁ ନେଇ ସମାଲୋଚନା କରାଯାଇଥିଲା। ଏପରିକି ଏ ସମ୍ପର୍କରେ କେବଳ ଧରିତ୍ରୀରେ ଅଗଷ୍ଟ ୨୮ ଓ ୨୯ ତାରିଖ ଖବର ପ୍ରକାଶ ପାଇଥିଲା। ବିଳମ୍ବରେ ହେଲେ ବି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଇଛି। ସେପଟେ ଅଗଷ୍ଟ ୨୮ରେ ଧରିତ୍ରୀରେ ପ୍ରକାଶିତ ଖବର ଗଣେଶ ପୂଜା ଭୋଗ ଫେରାଇ ଦେଲେ ଶିକ୍ଷକ ପ୍ରକାଶ ପରେ ସମ୍ପୃକ୍ତ ଖବରକୁ ନେଇ ଜାତୀୟ ଶିଶୁ ସୁରକ୍ଷା କମିଶନଙ୍କ ପାଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ତଦନ୍ତ ପାଇଁ ସେପ୍ଟେମ୍ବର ୩ରେ ନିର୍ଦ୍ଦେଶ ହୋଇଛି।

# ଆଶାକର୍ମୀ ଆସୋସିଏଶନ ପକ୍ଷରୁ ବ୍ଲକସ୍ତରୀୟ ସମ୍ମିଳନୀ

ଭାପୁର,୮।୯( ପ୍ରଭାତ ବରାଡ)

ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ବ୍ଲକସ୍ତରୀୟ ସମ୍ମିଳନୀ ସିଆଇଟିୟୁ ନେତୃତ୍ୱରେ କେନ୍ଦୁପଲୀ କଲ୍ୟାଣ ମଣ୍ଡପଠାରେ ବ୍ଲକ ସଭାନେତ୍ରୀ ଶଶୀକଳା ନାୟକଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଜିଲା ସଭାପତି ଚାପଧାରୀ ରାଉତ, ଶ୍ରମିକ ନେତା ଗଙ୍ଗାଧର ପଣ୍ଡା, ଜିଲା ନେତ୍ରୀ ସଂଯୁକ୍ତା ସେଠୀ, କାଳନ୍ଦୀ ନାୟକ, ବୈକୁଣ୍ଠ ଖୁଣ୍ଟିଆ, ମଗ୍ଗୁଳି ରାଉତ, ରୂପ ମଞ୍ଜରୀ ସାହୁ, କୃଷକ ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ଆଇନଜୀବୀ ବିରଞ୍ଚି ପ୍ରଧାନ, ପଦ୍ମନାଭ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ, କର୍ମଚାରୀ ତଥା ଜନ ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସରକାରଙ୍କ ଶ୍ରମିକ ଆଇନ ପରିବର୍ତ୍ତେ ଶ୍ରମିକ ବିରୋଧୀ ୪ ଟି ଶ୍ରମକୋଡ଼କୁ ସରକାର ତୁରନ୍ତ ବାତିଲ କରିବାକୁ ଦାବି କରିଥିଲେ। କେନ୍ଦ୍ର ମୋଦି ସରକାରଙ୍କ ଆକାଶ ଛୁଆଁ ଦରଦାମ ବୃଦ୍ଧି, ଅମାନିଆ ଶ୍ରମିକ ସ୍ୱାର୍ଥ ଜନ ବିରୋଧୀ ନୀତିକୁ ଲଗାମ ଦେବା ସହ ଆଶା କର୍ମୀମାନଙ୍କ ଅଧିକାର ପାଇଁ ଦୃଢ଼ ଆନ୍ଦୋଳନ ଗଢିବା ଆହ୍ୱାନ ଦେଇଥିଲେ। ଆଶାକର୍ମୀଙ୍କୁ ନିୟମିତ କର୍ମଚାରୀର ମାନ୍ୟତା, ୨୬ହଜାର ଟଙ୍କା ମାସିକ ଦରମା, ୧୦ହଜାର ଟଙ୍କା ମାସିକ ପେନସନ ଓ ସାମାଜିକ ସୁରକ୍ଷା ସରକାର ଯୋଗାଇ ଦେବାକୁ ଦାବି କରିଥିଲେ। ସମ୍ମିଳନୀରେ ନୂତନ ବ୍ଲକ ସଭାପତି ଭାବେ ସବିତା ମାଝି, ସମ୍ପାଦିକା ଭାବେ ପୁଷ୍ପଲତା ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ଜୟନ୍ତୀ ପ୍ରଧାନ, ଉପସଭାପତି ଭାବେ ଶଶୀକଳା ନାୟକ, ଚାପଧାରୀ ରାଉତ ଓ ସହ ସମ୍ପାଦିକା ଭାବେ ସରୋଜିନୀ ତ୍ରିପାଠୀ ନିର୍ବାଚିତ ହୋଇଥିଲେ। ରଜନୀ କାଠୁଆ, ସୁଷମା ସାହୁ, ଜେମାମଣୀ ସ୍ୱାଇଁ, ପ୍ରତିମା ସ୍ୱାଇଁ, ଅମୂଲ୍ୟ ବରାଡ ପ୍ରମୁଖ ସଦସ୍ୟା ଭାବେ ନିର୍ବାଚିତ ହୋଇଥିଲାବେଳେ ଏକ ୧୧ ଜଣିଆ ବ୍ଲକ କମିଟି ଗଠନ କରାଯାଇଥିଲା।



# ଭାଜପାର କାର୍ଯ୍ୟକର୍ତ୍ତା ସମ୍ମିଳନୀ

**କେନ୍ଦ୍ର, ରାଜ୍ୟରେ ସରକାର ଥାଇ ଉପେକ୍ଷିତ**

ନୟାଗଡ଼,୮।୯(ଲୋକନାଥ ମିଶ୍ର)



ସମ୍ମିଳନୀରେ ଭାଜପା ନେତା ଓ ଅନ୍ୟମାନେ।

ନୟାଗଡ଼ ଭାଜପା କାର୍ଯ୍ୟାଳୟରେ ନୟାଗଡ଼ ନିର୍ବାଚନମଣ୍ଡଳୀସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ତଥା ସେବା ପକ୍ଷ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପାର ବରିଷ୍ଠ ନେତା ସନ୍ତୋଷ ପ୍ରଧାନଙ୍କ ଆବାହକତ୍ୱ ଓ ଜିଲା ଭାଜପା ସମ୍ପାଦକ ରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ଉପସଭାପତି କୃପାସିନ୍ଧୁ ଗୌଡ, ଓଡ଼ଗାଁ ଗ୍ରାମୀଣ ମଣ୍ଡଳ ସଭାପତି ନୃସିଂହ ଚରଣ ମହାପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ପଟ୍ଟନାୟକ ଓ ସଞ୍ଜୟ କୁମାର ନାୟକ, ରାଜ୍ୟ ଯୁବ ମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଅଜୟ ନାୟକ, ବରିଷ୍ଠ ସଙ୍ଗଠକ ତଥା କୃଷକ ନେତା ସ୍ନେହ ରଞ୍ଜନ ଦାସ ଜୟସିଂହ, ଚମ୍ପତିପୁର ସରପଞ୍ଚ ଅମର ପ୍ରସାଦ ସାଥୁଆ, ଗଦାଧରପ୍ରସାଦ ସରପଞ୍ଚ ଦାସ ସ୍ୱାଇଁ, ଭାଜପା ଯୁବନେତା ଅଶୋକ ଭଟ୍ଟ, ସନ୍ତୋଷ ଭଟ୍ଟ, ଓଡଗାଁର ବରିଷ୍ଠ ଭାଜପା ନେତା ଜଗନ୍ନାଥ ପାଣିଗ୍ରାହୀ, ସୁଶାନ୍ତ ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମିଳନୀରେ ଯୋଗ ଦେଇଥିବା ନେତା ଓ କର୍ମୀ କ୍ଷୋଭର ସହ କହିଥିଲେ, କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଥାଇ ବି କର୍ମୀ ଉପେକ୍ଷିତ ହୋଇ ରହିଛନ୍ତି। ସରକାରୀ ଯୋଜନାର ସୁଫଳ ନେଇ ପାରୁନାହାନ୍ତି। ଦଳର ବିଶୃଙ୍ଖଳା ଉପରେ ବିଷୋଦଗାର ହୋଇଥିଲା। ସେହିପରି ନେତ୍ରୀଙ୍କ ଅନୁପସ୍ଥିତିରେ କିପରି ଅନ୍ୟ ଦଳରୁ ଆସି ଭାଜପାର ନେତା ବୋଲାଉଥିବା କେତେଜଣ ମାମଲତାକାର ଦଳର ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରୁଛନ୍ତି ସେନେଇ ସରଗରମ ଆଲୋଚନା ହୋଇଥିଲା। ବିଭିନ୍ନ କାରଣରୁ ଦଳ ବଦନାମର ବୋଝ ମୁଣ୍ଡାଉଥିବାବେଳେ ନୟାଗଡ଼ ନିର୍ବାଚନମଣ୍ଡଳୀରେ ତୃଣମୂଳସ୍ତରରେ କର୍ମୀ ଦୂରେଇ ଚାଲିଛନ୍ତି। ସଙ୍ଗଠନ ଦୁର୍ବଳ ହୋଇ ଚାଲିଛି। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ସଙ୍ଗଠନକୁ ମଜଭୁତ୍ କରିବାକୁ ସହମତି ପ୍ରକାଶ ପାଇଛି। ପ୍ରତି ପଞ୍ଚାୟତ ଓ ଜିଲା ପରିଷଦ ଜୋନରେ ଭାଜପାର ପ୍ରାର୍ଥୀ ଯେପରି ବିଜୟୀ ହେବେ ସେଥିପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି। ଅନ୍ୟପକ୍ଷେ ସରକାରଙ୍କ ଲୋକାଭିମୁଖୀ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ, ଲୋକମାନେ ଯୋଜନାର ସୁଫଳ ନେଇ ପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ହୋଇଛି।

# ବିଦ୍ୟାଳୟକୁ ଫେରିଲେ ୫ ଡ୍ରପଆଉଟ୍ ଛାତ୍ରଛାତ୍ରୀ

ବ୍ରହ୍ମବରଦା,୮।୯(ଯଯାତି କେଶରୀ ବେହେରା) ରାଜ୍ୟରେ ବିଦ୍ୟାଳୟଗୁଡ଼ିକରେ ଡ୍ରପଆଉଟ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହି ପିଲାମାନଙ୍କ ଶିକ୍ଷା ଅଧିକାରକୁ ସୁରକ୍ଷିତ କରିବା ସହିତ ବିଦ୍ୟାଳୟକୁ ଫେରାଇ ଆଣିବାକୁ ରସୁଲପୁର ବ୍ଲକ ବନ୍ଧହିଡ଼ କ୍ଲଷ୍ଟର ଅଧୀନରେ ଥିବା ହାଜିରହିମ୍‌ପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ଆସ୍ଥା ଭିତ୍ତିଛି। ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମରେ କମିଟିର ସଭାପତି ବିଶ୍ୱାଳଙ୍କ ନେତୃତ୍ୱରେ ସଭ୍ୟା ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ, ପୁରାତନ ଛାତ୍ର ରାକେଶ ଦେଓ, ପ୍ରଦୀପ କୁମାର ଦାସ, ପରିଚାଳନା କମିଟି ସଭାପତି ଅନୱର ଖାନ, ଶିକ୍ଷୟିତ୍ରୀ ମମତା ମହାଳିକ, ଶକ୍ତିଶ୍ରୀ ପ୍ରିୟଦର୍ଶିନୀ, ଶ୍ରୀମନ୍ତିନୀ ଜେନା, ମାମିନା ସେଠୀ, ଲକ୍ଷ୍ମୀପ୍ରିୟା ନାୟକ ବ୍ରହ୍ମବରଦା ଅଞ୍ଚଳର ବିଭିନ୍ନ ସାହିରେ ଥିବା ୫ ଜଣ ଡ୍ରପଆଉଟ୍ ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପିତାମାତାଙ୍କୁ ବୁଝାଇ ନିଜ ବିଦ୍ୟାଳୟକୁ ଫେରାଇ ଆଣି ନୂତନଭାବେ ନାମ ଲେଖାଇଛନ୍ତି। ସୂଚନାଯୋଗ୍ୟ ଏହି ଛାତ୍ରମାନେ ବିଭିନ୍ନ ଉପାୟରେ ରୋଜଗାରକ୍ଷମ ହେବାକୁ ପ୍ରୟାସ କରୁଥିବାବେଳେ ଛାତ୍ରୀମାନେ ଘରେ ରହି ମା'ଙ୍କୁ ରୋଷେଇ କାର୍ଯ୍ୟରେ ସାହାଯ୍ୟ କରୁଥିଲେ।

# ସାମଗ୍ରୀ ହଡପ: ୨ ଗିରଫ

ପାଣିକୋଇଲି,୮।୯
(ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ପୋଲିସ ଏକ ଠକେଇ ମାମଲାର ପର୍ଦ୍ଦାଫାଶ କରିବା ସହ ହଡ଼ପ ହୋଇଥିବା ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଛି। ପ୍ରକାଶ ଯେ, ପାଣିକୋଇଲିରେ ପୁରୁଣା ଟୋଲ୍ ଗେଟ୍‌ଠାରେ ରିଲାଏନ୍ସ କମ୍ପାନୀ ନାମରେ ଏକ ଶୋରୁମ୍ ଖୋଲାଯାଇଥିଲା। ଉକ୍ତ କମ୍ପାନୀରେ ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ନୂନପଦି ଗ୍ରାମର ବିନୋଦ ବେହେରାଙ୍କ ପୁଅ ରାଜକିଶୋର ବେହେରା ଏକ ପିକଅପ୍ ଭଡ଼ା ସୂତ୍ରରେ ଲଗାଇଥିଲେ। ସେଠାରେ ପାଣିକୋଇଲି ଥାନା ଅନ୍ତର୍ଗତ ଖଜିରପୁର ଗ୍ରାମର ସମର ମଲ୍ଲିକଙ୍କ ପୁଅ ସୁରେଶ ମଲ୍ଲିକ ମ୍ୟାନେଜର ଭାବେ କାମ କରୁଥିଲେ। ଭଡ଼ା ବାବଦକୁ କମ୍ପାନୀ ଉପରେ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବାକି ରହିଥିଲା। ହେଲେ କମ୍ପାନୀ ଏଠାରୁ ଉଠିଯିବାକୁ ଜାଣିବା ପରେ ମ୍ୟାନେଜରଙ୍କ ସହିତ କଥା ହୋଇ ରାଜକିଶୋର କମ୍ପାନୀର ଲକ୍ଷାଧିକ ଟଙ୍କାର ମାଲ ଗାଡ଼ିରେ ଲୋଡ୍ ହଡ଼ପ କରିଥିଲେ। କମ୍ପାନୀ ଏଠାରୁ ଚାଲିଯିବା ପରେ ସୁରେଶଙ୍କୁ କମ୍ପାନୀ ବାହାର କରିଦେଇଥିଲା। ସାମଗ୍ରୀ ହଡ଼ପ ସମ୍ପର୍କରେ ଯାଜପୁରରୋଡ୍ ଥାନା ଅନ୍ତର୍ଗତ ରାଣ୍ଡିପୁର ଗ୍ରାମର ମାନସୀପ୍ରଭା ରାଉତ ଗତ ଅଗଷ୍ଟ ୨ରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୨୪୪/୨୫ ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଅପରପକ୍ଷେ ସୁରେଶ ଅଗଷ୍ଟ ୧ରେ ରାଜକିଶୋର ମାଲ ହଡ଼ପ କରିଥିବା ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୨୪୧/୨୫ ରୁଜୁ ହୋଇଥିଲା। ରାଜକିଶୋରଙ୍କୁ ପୋଲିସ ବାରମ୍ବାର କହିବା ସତ୍ତ୍ୱେ ସେ ଥାନାକୁ ଆସି ନ ଥିଲେ କି ସାମଗ୍ରୀ ଫେରାଇ ନ ଥିଲେ। ଫଳରେ ପୋଲିସ କଟକରେ ଚଢ଼ାଉ କରି ୩୨ ଇଞ୍ଚ୍ ଏଲଇଡି ଟିଭି ଗୋଟିଏ, ଭୋଲଟାସ୍ ଏସି ୮ଟି, ହୋମ ଥିଏଟର ଗୋଟିଏ, ପୋକୋ ସ୍ମାର୍ଟ ଫୋନ ଗୋଟିଏ ଆଦି କେତେକ ଜବତ କରି ଥାନାକୁ ଆଣିଥିଲା। ଏନେଇ ଦୁଇ ମାମଲାରେ ସୁରେଶ ଓ ରାଜକିଶୋର ପୋଲିସ ଗିରଫ କରିଥିଲା। ସୋମବାର ଉଭୟଙ୍କୁ ଅଦାଳତ ଚାଲାଣ କରାଯାଇଛି।

# ବ୍ରାହ୍ମଣୀରେ ଭାସିଗଲେ ଛାତ୍ର

ବରୀ, ୮।୯ (ମହେନ୍ଦ୍ର ସ୍ୱାଇଁ)

ବରୀ ରାମଚନ୍ଦ୍ରପୁର ଥାନା ସେରପୁର ଗ୍ରାମର ଦଶମ ଶ୍ରେଣୀର ଦୁଇ ଜଣ ଛାତ୍ର ବ୍ରାହ୍ମଣୀ ନଦୀକୁ ସୋମବାର ସନ୍ଧ୍ୟାରେ ଶୌଚହେବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଜଣେ ଭାସିଯାଇଛନ୍ତି। ସେ ହେଲେ ସର୍ବେଶ୍ୱର ଧଳଙ୍କ ପୁଅ ସାହିଲ ଧଳ(୧୫)। ସାହିଲଙ୍କ ସହ ଥିବା ତାଙ୍କ ସାଙ୍ଗ ରାଜା ବାରିକ ଉଦ୍ଧାର କରିବାକୁ ଯାଇ ବିଫଳ ହେବାରୁ ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ବହୁ ଖୋଜାଖୋଜି କରିବା ପରେ ସାହିଲଙ୍କୁ ନ ପାଇବାରୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରାତି ହୋଇଯିବାରୁ ଅଗ୍ନିଶମ ବାହିନୀ କର୍ମଚାରୀ ଫେରିଯାଇଛନ୍ତି।

# ହାଇୱା–ବାଇକ୍ ଧକ୍କା: ୨ ମୃତ, ଜଣେ ଗୁରୁତର

ଧର୍ମଶାଳା/ଜେନାପୁର,୮।୯
(ବଟକୃଷ୍ଣ ପରିଡ଼ା/ ଅଶୋକ ଦାସ)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର କୁସୁନପୁରଠାରେ ସୋମବାର ଅପରାହ୍ନରେ ଏକ ବାଇକ୍ (ଓଆର୦୪ଏମ୍ ୨୨୬୮) ସହିତ ହାଇୱା (ଓଡି୦୪ଏଫ୍ ୧୧୪୫) ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ୩ଜଣ ଯୁବକଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଜେନାପୁର ଥାନା ବଲାଙ୍ଗିଆ ଗ୍ରାମର ସୁନୀଲ ପିଙ୍ଗୁଆ (୨୨) ଓ ଯାନମ ସିଂ ହାଁସଦା (୨୨)। ଗୁରୁତର ଆହତ ଜଣକ ହେଲେ ପାପୁନି ପୂର୍ତ୍ତି (୨୪)। ଏମାନେ ଚଣ୍ଡିଖୋଲ ପଟୁ ଗାଁକୁ ଆସୁଥିବା ବେଳେ କୁସୁନପୁରଠାରେ ସେମାନଙ୍କ ବାଇକ୍ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ସୁନୀଲ ଓ ଯାନମଙ୍କ ମୃତ୍ୟୁ ଘଟିଥିବାବେଳେ ପାପୁନିଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଜେନାପୁର ପୋଲିସ୍ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ବାଇକ୍ ଦୁର୍ଘଟଣା: ଜଣେ ମୃତ, ୨ ଗୁରୁତର

ପାଣିକୋଇଲି, ୮।୯
(ବିକାଶ ଚନ୍ଦ୍ର ମଲ୍ଲିକ)

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁରଠାରେ ସୋମବାର ଅପରାହ୍ନରେ ଏକ ଦ୍ରୁତଗାମୀ ବାଇକ୍ ଏକ ଅଜଣା ଗାଡ଼ି ପଛରେ ପିଟି ହୋଇଯାଇଥିଲା। ଫଳରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୂଚନାନୁଯାୟୀ, ଭଦ୍ରକ ପଟୁ ଏକ ପଲ୍‌ସର ବାଇକ (ଓଡି୦୫ବିୱାଇ ୨୬୬୬) ଦ୍ରୁତଗତିରେ ଆସି ଷଠିପୁର ଓଭରବ୍ରିଜ ଶେଷରେ ଏକ ଅଜଣା ଗାଡ଼ି ପଛକୁ ଧକ୍କା ଦେଇଥିଲା। ଫଳରେ ଉକ୍ତ ବାଇକ୍‌ରେ ଥିବା ତିନି ଜଣ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇପଡ଼ିଥିଲେ। ପାଣିକୋଇଲି ପୋଲିସ ସେମାନଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ଓ ଆହତଙ୍କ ପ୍ରକୃତ ପରିଚୟ ମିଳିପାରିନାହିଁ। ତେବେ ସେମାନେ କଟକ ଯୋବ୍ରା ଅଞ୍ଚଳର ବୋଲି ଜଣାପଡ଼ିଛି।


## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

### ସାମଗ୍ରୀ ପ୍ରବନ୍ଧନ ବିଭାଗ

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୫/୩୯, ତାରିଖ: ୦୨-ସେପ୍ଟେମ୍ବର-୨୦୨୫**

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୫୨୩୧୦ | ବିଓଏକ୍ସଏନ୍ ଏଚ୍‌ଏଲ୍ ୱାଗନ ପାଇଁ ବଗି ସେଣ୍ଟର ପାଇଭଟ୍ ବଟମ୍ ଆରଡିଏସ୍‌ଓ ଡ୍ରଇଂ. ନଂ. ଡବ୍ଲୁଡି-୯୭୦୪୯-ଏସ୍-୦୩, ସାମଗ୍ରୀ ନଂ.୦୧, ଅଲ୍ଟ. ୧୧ ଅନୁରୂପ। | ୧୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୨୪୬ ଗୋଟି |
| ୨ | ୦୩୨୫୨୬୮୩ଏ | ଡ୍ରାଫ୍ଟ ଗିୟର୍ ସମେତ ଡ୍ରାଫ୍ଟ ଗିୟର ଫଲୋଅର, ଆରଡିଏସ୍‌ଓ ଡ୍ରଇଂ ନଂ. ଡବ୍ଲୁଡି-୮୧୦୧୦-ଏସ୍-୦୩, ଅଲ୍ଟ. ୧୩ ଅନୁଯାୟୀ। | ୧୯।୦୯।୨୦୨୫ ୧୦.୩୦ ଘଟିକାରେ | ୪୩୫୦ ଗୋଟି |
| ୩ | ୦୨୨୫୧୭୪୧ | ୩ ଫେଜ୍ ଲୋକୋ ପାଇଁ ୭୦ ବ୍ରେକ୍ ସିଷ୍ଟମର ଇମର୍ଜେନ୍ସି ଏକ୍‌ଜଷ୍ଟ ଭାଲ୍‌ଭ ନିମନ୍ତେ ମେଣ୍ଟେନାନ୍ସ କିଟ୍ ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୩୩୧ ସେଟ୍ |
| ୪ | ୦୨୨୫୪୨୭୬ | ଏମ୍‌ଡିଏଲ୍ ପିଡବ୍ଲ୍ୟୁଆର୍ ୬୮୧୭ ସିଆର୍‌ଆଇଏଏ-ଅକ୍‌ଜିଲାରୀ କନ୍‌ଭର୍ଟର ପାଇଁ ରେକ୍ଟିଫାୟାର୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୦୫ ଗୋଟି |
| ୫ | ୦୨୨୫୪୨୫୨ | ଡିସିୟୁ୨/ଏଚ୍‌ପିପି ୧୧୦ ଭି ଆଇସି୨୧ ପାଇଁ ପାୱାର ସପ୍ଲାଏ ପିଏସ୍‌ୟୁ | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୪୪ ଗୋଟି |
| ୬ | ୦୩୨୫୩୧୬୫ଏ | ବିଓଏକ୍ସଏନ୍‌ଏସ୍ ୱାଗନଗୁଡ଼ିକର ଏଲ୍‌ଡବ୍ଲ୍ୟୁଏଲ୍‌ଏଚ୍ ୨୫ ଟନ୍ ବଗି ପାଇଁ ନେଷ୍ଟେଡ୍ ସ୍ନବର୍ ସ୍ପ୍ରିଙ୍ଗ୍ ଆଉଟର୍ ଓ ଇନର୍ ସେଟ୍ | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୯୭୯ ସେଟ୍ |
| ୭ | ୦୬୨୫୦୧୦୯ସି | ୬୦ କିଗ୍ରା ରେଲ୍ ୧ ଇନ୍ ୮୫ ପାଇଁ ଫ୍ୟାନ୍ ଶେପ୍‌ଡ ଟର୍ନଆଉଟ୍ ନିମନ୍ତେ ୬ ମିମି ମୋଟା ନାଇଲନ୍ କର୍ଡ ରିଇନ୍‌ଫୋର୍ସଡ୍ ଗ୍ରୁଭ୍‌ଡ ରବର ସୋଲ ପ୍ଲେଟ୍‌ର ବିନିର୍ମାଣ ଓ ଯୋଗାଣ | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୪୮୨ ସେଟ୍ |
| ୮ | ୦୨୨୫୩୮୭୭ | ଡିଫରେନ୍ସିଆଲ୍ ଗେଜ୍ ପାଇଁ ଗେଜ୍ (ଏୟାର୍ ଫ୍ଲୋ ଇଣ୍ଡିକେଟର୍) | ୨୬।୦୯।୨୦୨୫ ୧୦.୩୦ ଘଟିକାରେ | ୩୩୭ ଗୋଟି |
| ୯ | ୦୨୨୫୧୭୯୪ | "ଏୟାର୍ ଲାଇନ୍ ସିଭ୍ ପାଇଁ ମେଣ୍ଟେନାନ୍ସ କିଟ୍ ସେଟ୍" | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୧୨୫ ସେଟ୍ |
| ୧୦ | ୦୩୨୫୨୦୨୧ | କ୍ୟାସନବ୍ ବଗି ପାଇଁ ବ୍ରେକ୍ ୱେର୍ ପ୍ଲେଟ୍ (ପକେଟ୍ ଲାଇନର୍) | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୨୯୮୧୫ ଗୋଟି |
| ୧୧ | ୦୨୨୫୧୭୮୪ବି | ୨୧ ଟିଥ୍ ଶାଫ୍ଟ ପିନିୟନ୍" | ୨୨।୦୯।୨୦୨୫ ୧୦.୩୦ ଘଟିକାରେ | ୩୧୩ ଗୋଟି |
| ୧୨ | ୦୬୨୫୫୦୮୨ | ୦୫ (ପାଞ୍ଚ) ଟନ କ୍ଷମତାର ଡିଜେଲ ହାଇଡ୍ରଲିକ୍ ରେଳ କ୍ରେନ୍‌ର ଡିଜାଇନ୍, ବିନିର୍ମାଣ, ଯୋଗାଣ ଓ ଉତ୍ଥାନ, ତାହାକୁ ରେଳବାଇ ଦ୍ୱାରା ଯୋଗାଣ କରାଯାଇଥିବା ବ୍ରଡ୍ ଗେଜ୍ ୱାଗନରେ ମାଉଣ୍ଟିଂ। | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୦୨ ଗୋଟି |
| ୧୩ | ୦୫୨୫୫୧୯୫ | ସିଗ୍‌ନାଲିଂ ଓ ଟେଲିକମ୍ ସ୍ଥାପନା ପାଇଁ ଅଣ୍ଡରଗ୍ରାଉଣ୍ଡ ଜେଲି ଫିଲ୍‌ଡ କ୍ୱାଡ୍ କେବୁଲ, ଆକାର: ୬ କ୍ୱାଡ୍ x ୦.୯ ମିମି ବ୍ୟାସ, ଆରଡିଏସ୍‌ଓ ବିନିର୍ଦ୍ଦିଷ୍ଟତା ସଂ. ଆଇଆର୍‌ଏସ୍:ଟିସି-୩୦/୨୦୦୫ (ସଂସ୍କରଣ ୧) ସଂଶୋଧନ ନଂ. ୧ରୁ ୫ କିମ୍ବା ସର୍ବଶେଷ ସଂଶୋଧନ। | ୨୩।୦୯।୨୦୨୫ ୧୦.୩୦ ଘଟିକାରେ | ୧୫୯୪ କେଏମ୍‌ଏସ୍ |
| ୧୪ | ୦୬୨୫୧୦୩୯ବି | ୬ ମିଟର ୩୨ ମିମି ଏନ୍‌ବି x ହେଭି ଡ୍ୟୁଟି ବାହ୍ୟ ବ୍ୟାସ ଦୈର୍ଘ୍ୟରେ ଏଏସ୍‌ଟିଏମ୍-ଏ ୩୧୨ ସିଡ୍ୟୁଲ୍ ୪୦ଏସ୍ ଜିଆର୍.ଟିପି ୩୦୪ (ସିମ୍‌ଲେସ୍) ଅନୁଯାୟୀ ଷ୍ଟେନଲେସ୍ ଷ୍ଟିଲ୍ ସିମ୍‌ଲେସ୍ ପାଇପର ସଂଗ୍ରହଣ। | ୨୯।୦୯।୨୦୨୫ ୧୦.୩୦ ଘଟିକାରେ | ୧୪୭୫୦ ମିଟର |
| ୧୫ | ୦୬୨୫୦୦୮୨ | "୧୦୧୨୫ ମିମି ମୋଟା ୱେଭ୍ ସୁରଚ୍-୬୦ କିଗ୍ରା ୧ ଇନ୍ ୧୨"ର ଯୋଗାଣ ପାଇଁ ରନିଂ ଠିକା। | ୨୩।୦୯।୨୦୨୫ ୧୦.୩୦ ଘଟିକାରେ | ୮୨୦ ସେଟ୍ |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ଏମ୍‌ଏମ୍/II

CPR/10/AM/302 ପିସିଏମ୍‌ଏମ୍, ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ

South East Central Railway @secrail



## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE

No.O-705

E_mail ID : serw_balasore@yahoo.in, Ph No - 06782/260318, Balia, Balasore

**"e"-Procurement Notice for Road Work**

**Identification No. - Online Tender - Road N.C.B. No. 28 for 2025-26**

**Letter No. : 3075 Dt. : 02.09.2025**

1. Name of the work : **(MMSY-Improvement to existing RD road)**, 2. Total No. of work : **06 Nos. of work**, 3. Estimated Cost : As per annexure, 4. Eligible Class of Contractor : As per annexure, 5. Period of Completion : As per annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle, Balasore** | **NCB No. 28 of 2025-26** | 10.09.2025 at 11.00 A.M. | 25.09..2025 up to 5.00 P.M. | 24.09.2025 up to 5.00 P.M. | 26.09.2025 at 11.00 A.M. | **Will be intimated later** |

● **Further details can be seen from the website : www.tendersodisha.gov.in**

**Sd./- Chief Construction Engineer, R.W. Circle, Balasore**

**OIPR-25105/11/0079/2526**



## OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA

Plot No- GD 2/12, 5th FLOOR, ARANYA BHAWAN, CHANDRASEKHARPUR, BHUBANESWAR, PIN-751023,
Tel. Phone No. 0674-2300916, E-mail Id:- pccfkidak@gmail.com
Notice No. 60 / 3KL (AC) 08/2023
Dated, Bhubaneswar the 08th September, 2025

**ABRIDGED TENDER CALL NOTICE FOR HIRING OF PRIVATE VEHICLE**

Sealed Tenders are invited from interested Travel Agencies for providing **2 Nos. of Swift Dzire (Petrol)** for official use on Hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the Standard Bidding Document. Detailed terms & conditions can be collected from the O/o-the Principal Chief Conservator of Forest, (KL), Odisha. The last date of submission of the Tender is 16.09.2025 up to 1.30 P.M., and to be opened on **17.09.2025** at 4.00 P.M.

**Sd./- Dy. Conservator of Forests-cum-DDO (KL)**
**O/o. The P.C.C.F.(KL), Odisha, BBSR**



## INTEGRATED TRIBAL DEVELOPMENT AGENCY, PARALAKHEMUNDI, GAJAPATI, PARALAKHEMUNDI, DIST. : GAJAPATI, ODISHA

Phone/Fax : 06815-222207, Email Id : itdapla@gmail.com

No.CAD-1686 **E-Procurement Notice No - ITDAPKD/04/2025-26**

1. Type of Work : Civil Work (Buildings) 57 Nos.
2. Form of Contract : Percentage Rate
3. Class of Contractor : As mentioned in DTCN
4. Bid Cost : As mentioned in DTCN
5. Time for completion : As per DTCN

| Procurement Officer | E-Procurement Notice No. | Availability of Tender on-line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| Project Administrator, ITDA, Paralakhemundi | **ITDAPKD/04/2025-26** | **12.09.2025** (10.00 Hours) | **22.09.2025** (17.30 Hours) | **23.09.2025** At 11.00 hours |

Further details can be seen from the website : www.tendersorissa.gov.in. The authority reserves the right to reject any or all the tenders without assigning any reason thereof.

**Sd./- Project Administrator, ITDA, Paralakhemundi**

**OIPR-26078/11/0004/2526**



## GOVERNMENT OF ODISHA OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA

(E-mail ID : eemirgd@ymail.com)

**NOTICE INVITING TENDER**

e-Procurement Notice

e-Procurement Notice No. **SEMIDRGD-02/2025-26**

**Letter No.2924 Dated. 06.09.2025**

**No.A-590** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Improvement to 2 Nos. of MIPs under ERM, 01 No. of MIP under DPIW in Bissamcuttack Block of Rayagada District and construction of 01 No. of new Check Dam in Rayagada Block of Rayagada District under MATY for the year 2025-26.
2. Total Number of works : 04 (Four) Nos.
3. Estimated cost : Approximately varies from Rs.16.78 lakh to Rs.44.75 lakh
4. Period of completion : Varies from 90 (Ninety) to 150 (One Hundred Fifty Days)
5. Class of Contractor : "D", "C" & "B" Class Contractor
6. Date and time of availability of bid documents in the portal : From 10.00 A.M. of 11.09.2025 to 5.00 P.M. of 20.09.2025
7. Last date/time for receipt of bids in the portal : 5.00 P.M. on 20.09.2025
8. Date of opening of bid : At 11.00 A.M. on 22.09.2025 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersorissa.gov.in

**Sd./- Superintending Engineer**
**M.I. Division, Rayagada**

**OIPR-32524/11/0025/2526**



## NATIONAL COMPETITIVE BIDDING THROUGH E-PROCUREMENT

Tel. No. 06752222092, e-mail id : eerwpuri@gmail.com

**TCN NO. TENDER ONLINE - 08 OF 2025-26**

**No.7556 /Dt. 01.09.2025**

**No.O-687** : The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri.
1. Total No. of works : **2 Nos.**, 2. Tender cost of packages : Amount varies from **Rs.57.47 lakh to Rs.58.74**, 3. Class of contractor : **As per DTCN**, 4. Period of completion : **6 (Six) Calendar months**, 5. Period of availability of tenders on-line/Date & time of bidding on-line/last date of seeking calrification/Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Superintending Engineer, Rural Works Division, Puri** | **Online-08** | **10.09.2025 at 11.00 A.M.** | **24.09.2025 up to 5.00 P.M.** | **23.09.2025 up to 01.30 P.M.** | **25.09.2025 at 12.00 Noon Office of the S.E., R.W. Division, Puri** | **Will be intimated to qualified bidders through the website later** |

6. Other details can be seen in the bidding documents, which is available in website "**https://tendersodisha.gov.in**".

**Sd./- Superintending Engineer, R.W. Division, Puri**

**OIPR-25065/11/0028/2526**



## ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/25-26/ E-Tender/68, ତା.03.09.2025ରିଖ

**(1) ଟେଣ୍ଡର ସଂ. e-tenderNorthKUR 235-2025, ତା.28.08.2025ରିଖ**

**ବିବରଣୀ :** ନୟାଗଡ଼ ଏବଂ ଟାଙ୍ଗିରିଆ ପାଳ ମଧ୍ୟରେ ଥିବା ବିଭିନ୍ନ ଷ୍ଟେସନରେ କଲୋନି ରାସ୍ତା, ଷ୍ଟେସନ ଆପ୍ରୋଚ୍ ରାସ୍ତା ଏବଂ ସର୍କୁଲେଟିଂ ଅଞ୍ଚଳଗୁଡ଼ିକର ମରାମତି, ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ କେନ୍ଦୁଝରଗଡ଼ ସେକ୍ସନ ଅଧୀନରେ ଗୋଆଲଡ଼ିହ ଷ୍ଟେସନ ଠାରେ ଏକ ଲନ୍‌ର ବିକାଶ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 204.44 ଲକ୍ଷ, **EMD :** ₹ 2,52,200.00

**(2) ଟେଣ୍ଡର ସଂ. eTender-EastKUR 237-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ନିମନ୍ତେ ହରିଦାସପୁରା ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ ଥିବା **50 MM** ଆକାରର **50,000** ଘନ ମିଟର କଠିନ ପଥର ବାଲାଷ୍ଟର ଯୋଗାଣ ଏବଂ ତାହାକୁ କୌଣସି ପ୍ରକାରର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 865.66 ଲକ୍ଷ, **EMD :** ₹ 5,82,800.00

**(3) ଟେଣ୍ଡର ସଂ. eTender-NorthKUR 233-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଷ୍ଟିଲ୍ ଗିର୍ଡର ବ୍ରିଜ୍ ଉପରେ ହୁକ୍ ବୋଲ୍ଟ ପାଇଁ ସିଙ୍ଗଲ୍ ପିସ୍ ସ୍ପ୍ରିଂ ସନ୍ନିବେଶିତ ପୁନଃବ୍ୟବହାରଯୋଗ୍ୟ ସେଲ୍ଫ ନଟ୍ (**28 MM**) **M-27** ଯୋଗାଇବା ଏବଂ ଲଗାଇବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 151.14 ଲକ୍ଷ, **EMD :** ₹ 2,25,600.00

**(4) ଟେଣ୍ଡର ସଂ. eTender-SouthKUR 236-2025, ତା.29.08.2025ରିଖ**

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)ଙ୍କ ଅଧିକାରକ୍ଷେତ୍ର ଅଧୀନରେ ଥିବା ଖୋର୍ଦ୍ଧା ରୋଡ଼ - ପଲାସା ସେକ୍ସନ ମଧ୍ୟରେ ଫିଟିଂ ନବୀକରଣ ମାଧ୍ୟମରେ (TFR) ଏବଂ ଟର୍ଣ୍ଣଆଉଟ୍ ମାଧ୍ୟମରେ ଫିଟିଂ ନବୀକରଣ (TFRTO), 12ଟିରୁ ୧ଟି ଫ୍ୟାନ୍ ଆକୃତିର ଲେଆଉଟ୍‌ର ନବୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 159.61 ଲକ୍ଷ, **EMD :** ₹ 2,29,800.00

ଶେଷ ହେବା ଅବଧି : **08 (ଆଠ) ମାସ (କ୍ରମ ସଂ. 1 ପାଇଁ), 15 (ପନ୍ଦର) ମାସ (କ୍ରମ ସଂ. 2 ପାଇଁ), 06 (ଛଅ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**19.09.2025**ରିଖ **1500** ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-566/Q/25-26



## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳପଥ ପ୍ରବନ୍ଧକ/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୧୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ରାଜଖରସୁଆଁ-ସୋଙ୍ଗାରି-ଗହ୍ମାରିଆ-ଟାଟାନଗର ସେକ୍ସନ ମଧ୍ୟସ୍ଥ ଫିଡର ରୁଟ୍/୨୫ଟି ଏକ୍ସିଲ ରୁଟ୍ କିଲ୍ୟୁ/କିଡି ରୁଟ୍‌ରେ ପୁଣ୍ଡି ପଦ୍ଧତି ଜରିଆରେ ଆର୍‌ସିସି ବକ୍ସ ଦ୍ୱାରା ପଥର ପୋଲ (୩୦ ଗୋଟି)ଗୁଡ଼ିକୁ ପୁନଃ ନିର୍ମାଣ କରିବା। **ଟେଣ୍ଡର ମୂଲ୍ୟ: ₹୩୬,୯୫,୯୭,୯୧୮.୧୧। ଇଏମ୍‌ଡି: ₹୧୯,୯୮,୦୦୦। ଟେଣ୍ଡର ଫର୍ମ ମୂଲ୍ୟ: ₹୦। ଖୋଲାଯିବା ତାରିଖ:** ତା୦୬।୧୦।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡ଼ରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। **(PR-599)**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକ **ତା୨୬।୦୯।୨୦୨୫ରିଖ ୧୫.୦୦** ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୧, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** (i) ୧୦ଟି ଷ୍ଟେସନଠାରେ ଗୁଡ୍‌ସ ଶେଡ୍ କିମ୍ବା ପବ୍ଲିକ୍ ସାଇଡିଂରେ ଆଇପି ଭିତ୍ତିକ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବା। (ii) ବିରାଜପୁରଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ। **ଟେଣ୍ଡର ମୂଲ୍ୟ: ₹୭୦,୧୧,୬୬୭.୪୦। ଅମାନତ ରାଶି: ₹୧,୪୦,୨୦୦। ସମାପ୍ତି ଅବଧି: ୦୬ (ଛଅ) ମାସ। କ୍ର.ସଂ.-୨। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ଡାଙ୍ଗୋଆପୋଷୀ ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ ପାଇଁ ଅବଶିଷ୍ଟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ: ₹୧୧,୮୭,୧୫୫.୭୦। ଅମାନତ ରାଶି: ₹୨୩,୮୦୦। ସମାପ୍ତି ଅବଧି: ୨୪ (ଚବିଶ) ମାସ। କ୍ର.ସଂ.-୩। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୩, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଏଲ୍‌ଭିସିଡି ଓ ଏମ୍‌ଏସ୍‌ଡିଏସି ଲାଗି କପର୍ ପ୍ଲେଟ୍ ଆର୍ଥିଂର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ: ₹୨,୭୮,୫୬,୩୬୮.୫୦। ଅମାନତ ରାଶି: ₹୨,୮୯,୩୦୦। ସମାପ୍ତି ଅବଧି: ୦୯ (ନଅ) ମାସ।** ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡ଼ରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। **(PR-604)**



## ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ
## Airports Economic Regulatory Authority of India (AERA)

ଭାରତ ସରକାର/Government of India
୩ୟ ମହଲା, ଉଡ଼ାଣ ଭବନ, ସଫଦରଜଙ୍ଗ ବିମାନବନ୍ଦର, ନୂଆଦିଲ୍ଲୀ - ୧୧୦୦୦୩
ଫୋନ୍: ୦୧୧-୨୪୬୯୫୦୪୪

**ସର୍ବସାଧାରଣ ବିଜ୍ଞପ୍ତି**

**ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ଅଂଶଧାରକଙ୍କ ପରାମର୍ଶ ବୈଠକ**

ଏଇଆର୍‌ଏ ଅଧିନିୟମ, ୨୦୦୮ର ଧାରା ୫୧(୨)(ଚ)ର ବ୍ୟବସ୍ଥା ଅନୁଯାୟୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପ୍ରମୁଖ ବିମାନବନ୍ଦରଗୁଡ଼ିକରେ ସେବା ଓ ତତ୍‌ସମ୍ବନ୍ଧୀୟ ଗତିବିଧିଗୁଡ଼ିକର ଗୁଣବତ୍ତା, ନିରନ୍ତରତା ଏବଂ ବିଶ୍ୱସନୀୟତାର ପ୍ରଦର୍ଶନ ମାନକ ପ୍ରସ୍ତୁତି ନିମନ୍ତେ ନିୟମାବଳୀ ପ୍ରସ୍ତୁତି ପ୍ରକ୍ରିୟାରେ ଅଛନ୍ତି। ଏ ସଂକ୍ରାନ୍ତରେ ଭାରତୀୟ ବିମାନବନ୍ଦର ଆର୍ଥିକ ନିୟାମକ ପ୍ରାଧିକରଣ (ଏଇଆର୍‌ଏ) ତା୧୮।୦୮।୨୦୨୫ରିଖରେ ଏକ ପରାମର୍ଶ ପତ୍ର ସଂ. ୦୩/୨୦୨୫-୨୬ ଜାରି କରିଛନ୍ତି, ଯେଉଁଥିରେ ପ୍ରସ୍ତାବିତ ପ୍ରଦର୍ଶନ ମାନକ ସମେତ ତାହାର ତତ୍ତ୍ୱାବଧାନ ପ୍ରଣାଳୀ ରହିଛି (ଯାହା ଏଇଆର୍‌ଏ ୱେବ୍‌ସାଇଟ୍‌ରେ ୟୁଆର୍‌ଏଲ୍ https://aera.gov.in ରେ ଉପଲବ୍ଧ)।

ପରାମର୍ଶ ପତ୍ରରେ ସମ୍ବଳିତ ରହିଥିବା ବିଭିନ୍ନ ପ୍ରସ୍ତାବଗୁଡ଼ିକୁ ଅଂଶଧାରକଙ୍କ ବିଚାର ପାଇଁ ଉପସ୍ଥାପନ କରାଯାଇଛି। ଏ ସଂକ୍ରାନ୍ତରେ ୧୦ ସେପ୍ଟେମ୍ବର, ୨୦୨୫ ଅପରାହ୍ନ ୦୧.୩୦ ଘଟିକାରେ ହାଇବ୍ରିଡ୍ ପଦ୍ଧତି (ଫିଜିକାଲ/ଅନଲାଇନ୍)ରେ ଏକ ଅଂଶଧାରକ ବୈଠକ ନିମ୍ନଲିଖିତ ସ୍ଥାନରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଛି:

**ଇଣ୍ଡିଆନ୍ ଆଭିଏଶନ୍ ଏକାଡେମୀ, ବସନ୍ତ କୁଞ୍ଜ, ନୂଆଦିଲ୍ଲୀ -୧୧୦୦୭୦।**

| Superintending Engineer, Rural Works Division, Puri | Online-08 | 10.09.2025 at 11.00 A.M. | 24.09.2025 up to 5.00 P.M. | 23.09.2025 up to 01.30 P.M. | 25.09.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "**https://tendersodisha.gov.in**".

Sd./- Superintending Engineer,
R.W. Division, Puri
OIPR-25065/11/0028/2526

## यूनियन बैंक ऑफ इंडिया Union Bank of India

भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ଯେହେତୁ ନିମ୍ନସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪) ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।** ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ପଟିଆ ଶାଖା /** ଋଣଗ୍ରହୀତା: ମେସର୍ସ କେବିବି ଫୁଡ୍ ପ୍ରଡକ୍ଟସ୍ ପ୍ରା. ଲିଃ., ନିର୍ଦ୍ଦେଶକ: ଶେଖ୍ ମହମ୍ମଦ ସାଦିକ୍, ପିତା: ଶେଖ୍ ଅବ୍‌ଦୁଲ ରଉଫ୍, ଠିକଣା-୧: ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪, ଠିକଣା-୨: ସା: ପ୍ଲଟ୍ ନଂ.: ୨୫, ଖାତା ନଂ.: ୩୧/୬୩, ମୌଜା: ରାମେଶ୍ୱର, ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା / ନିର୍ଦ୍ଦେଶକ/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନେ: ୧) ଶେଖ୍ ମହମ୍ମଦ ସାଦିକ୍, ପିତା: ଶେଖ୍ ଅବ୍‌ଦୁଲ ରଉଫ୍, ୨) ସାଇରା ବିବି, ସ୍ୱାମୀ: ଶେଖ୍ ଅବ୍‌ଦୁଲ ରଉଫ୍, ୩) ଶେଖ୍ ଅବ୍‌ଦୁଲ ରଉଫ୍, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୧୪/୪୩୬୬, ବଜରଙ୍ଗ ବିହାର, ପଟିଆ, ପୋ: କିଟ୍ କ୍ୟାମ୍ପସ୍, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୧୦୨୪ | ଟ.୮୨,୨୯,୦୮୨.୬୩ + ସେବାବଦ ସୁଧ | ୨୬.୦୫.୨୦୨୫ / ୦୬.୦୯.୨୦୨୫ | ସମ୍ପତ୍ତି-୧: ସାଇରା ବିବିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୧/୬୩, ପ୍ଲଟ୍ ନଂ.: ୨୫, ମୋଟ ଜମିର କ୍ଷେତ୍ର: ଏକର ୦.୧୭୯ ଡିସିମିଲି (୭୭୯୭ ବର୍ଗଫୁଟ), ମୌଜା: ରାମେଶ୍ୱର, ଥାନା: ଟାଙ୍ଗି (ନଂ.: ୧୪୭), ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୨୦, ସମ୍ପତ୍ତିର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୩୯ ଏବଂ ୩୮, ଦକ୍ଷିଣ: ପ୍ଲଟ୍ ନଂ.: ୨୬ ଏବଂ ୨୦/୨୦୧ (ଶେଖ୍ ଅବ୍‌ଦୁଲ ରଉଫ୍), ପୂର୍ବ: ପ୍ଲଟ୍ ନଂ.: ୩୮, ପଶ୍ଚିମ: ପ୍ଲଟ୍ ନଂ.: ୨୦/୨୦୧ ଏବଂ ପ୍ଲଟ୍ ନଂ.: ୨୪ ଓ ୨୦/୨୦୧ ଉପରେ ଥିବା ରାସ୍ତା, **ସମ୍ପତ୍ତି-୨: ସାଇରା** ବିବିଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୩୧/୧୬, ପ୍ଲଟ୍ ନଂ.: ୨୦/୨୦୧, କ୍ଷେତ୍ର: ଏକର ୦.୦୪୨ ଡିସିମିଲି, ଅନୁରୂପ ଖାତା ନଂ.: ୪, ପ୍ଲଟ୍ ନଂ.: ୨୦, ମୌଜା: ରାମେଶ୍ୱର, ତହସିଲ/ଥାନା: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା |
| **ଶହୀଦ ନଗର ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ସସ୍ମିତା ପରିଜା, ୨) ଶ୍ରୀ ଓମ୍‌ପ୍ରକାଶ ଭବାନୀଶଙ୍କର ପରିଜା, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଇ/୧୨୫, ପୋ: ଭିଏସ୍‌ଏସ୍ ନଗର, ବାଣୀ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୭ / ଗ୍ୟାରେଣ୍ଟିଦାତା: ଶ୍ରୀ ରବି ନାରାୟଣ ଆଚାର୍ଯ୍ୟ, ଠିକଣା-୧: କ୍ୱାର୍ଟର ନଂ.: ଏଚ୍‌ସି ୩୪, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର, ଭୁବନେଶ୍ୱର-୭୫୧୦୦୭, ଠିକଣା-୨: ସା/ପୋ: ପିପଳମାଧବ, ଭାୟା: ତିରଣ, ପୋ: ତିର୍ତ୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁର, ପିନ୍-୭୫୪୧୩୭ | ଟ.୧୨,୩୫,୫୬୦.୮୮ + ସେବାବଦ ସୁଧ | ୦୫.୦୪.୨୦୨୫/ ୦୬.୦୯.୨୦୨୫ | ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ଇଡବ୍ଲୁଏସ୍ ଓଏସ୍‌ଏଚ୍‌ବି ନଂ.: ଏଇ/୧୨୫, ହାଉସିଂ ସ୍କିମ୍ ଫେଜ୍-୨, ଭିଏସ୍‌ଏସ୍ ନଗର, ମୌଜା: ଗାଡକଣ, ତହସିଲ: ଭୁବନେଶ୍ୱର, ଡିଏସ୍‌ଆର୍: ଭୁବନେଶ୍ୱର ଅଧୀନ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଡ୍ରଇଂ ନଂ.: ବିଏସ୍/୧-୦୧/ପିସି, କ୍ଷେତ୍ର: ୬୦୦ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଖୋଲା ସ୍ଥାନ, ପୂର୍ବ: ହାଉସ୍ ନଂ.: ଏଇ/୧୨୪, ପଶ୍ଚିମ: ହାଉସ୍ ନଂ.: ଏଇ/୧୨୬ |

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୦୯.୨୦୨୫
ସ୍ୱା/- ମୁଖ୍ୟ ପ୍ରବନ୍ଧକ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ପୂର୍ବ ତଟ ରେଳପଥ

ଫାଇଲ ସଂ: DRM/Engg/KUR/25-26/ E-Tender/68, ତା.03.09.2025ରିଖ

(1) ଟେଣ୍ଡର ସଂ. e-tenderNorthKUR 235-2025, ତା.28.08.2025ରିଖ
**ବିବରଣୀ :** ନୟାଗଡ଼ ଏବଂ ଟାଙ୍ଗିଆ ପାଳ ମଧ୍ୟରେ ଥିବା ବିଭିନ୍ନ ଷ୍ଟେସନରେ କଲୋନି ରାସ୍ତା, ଷ୍ଟେସନ ଆପ୍ରୋଚ୍ ରାସ୍ତା ଏବଂ ସର୍କୁଲେଟିଂ ଅଞ୍ଚଳଗୁଡ଼ିକର ମରାମତି, ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ କେନ୍ଦୁଝରଗଡ଼ ସେକ୍ସନ ଅଧୀନରେ ଗୋଆଳଡ଼ିହ ଷ୍ଟେସନ ଠାରେ ଏକ ଲନ୍‌ର ବିକାଶ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ **204.44** ଲକ୍ଷ, **EMD : ₹ 2,52,200.00**

(2) ଟେଣ୍ଡର ସଂ. eTender-EastKUR 237-2025, ତା.29.08.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳ ନିମନ୍ତେ ହରିଦାସପୁରା ଡିପୋ ଠାରେ ମେସିନ୍ ଦ୍ୱାରା ଭଙ୍ଗା ଯାଇ ଥିବା **50 MM** ଆକାରର **50,000** ଘନ ମିଟର କଠିନ ପଥର ବାଲାଷ୍ଟର ଯୋଗାଣ ଏବଂ ତାହାକୁ କୌଣସି ପ୍ରକାରର ରେଳବାଇ ୱାଗନରେ ବୋଝେଇ କରିବା କାର୍ଯ୍ୟ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ **865.66** ଲକ୍ଷ, **EMD : ₹ 5,82,800.00**

(3) ଟେଣ୍ଡର ସଂ. eTender-NorthKUR 233-2025, ତା.29.08.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଷ୍ଟିଲ୍ ଗିର୍ଡର ବ୍ରିଜ୍ ଉପରେ ହୁକ୍ ବୋଲ୍ଟ ପାଇଁ ସିଙ୍ଗଲ ପିସ୍ ସ୍ପ୍ରିଂ ସନ୍ନିବେଶିତ ପୁନଃବ୍ୟବହାରଯୋଗ୍ୟ ସେଲ୍ଫ ନଟ୍ (28 MM) M-27 ଯୋଗାଇବା ଏବଂ ଲଗାଇବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ **151.14** ଲକ୍ଷ, **EMD : ₹ 2,25,600.00**

(4) ଟେଣ୍ଡର ସଂ. eTender-SouthKUR 236-2025, ତା.29.08.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)ଙ୍କ ଅଧିକାରକ୍ଷେତ୍ର ଅଧୀନରେ ଥିବା ଖୋର୍ଦ୍ଧା ରୋଡ୍ - ପଲାସା ସେକ୍ସନ ମଧ୍ୟରେ ଫିଟିଂ ନବୀକରଣ ମାଧ୍ୟମରେ (TFR) ଏବଂ ଟର୍ଣ୍ଣଆଉଟ୍ ମାଧ୍ୟମରେ ଫିଟିଂ ନବୀକରଣ (TFRTO), 12ଟିରୁ ୧ଟି ଫ୍ୟାନ୍ ଆକୃତିର ଲେଆଉଟ୍‌ର ନବୀକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ **159.61** ଲକ୍ଷ, **EMD : ₹ 2,29,800.00**

**ଶେଷ ହେବା ଅବଧି : 08 (ଆଠ) ମାସ (କ୍ରମ ସଂ. 1 ପାଇଁ), 15 (ପନ୍ଦର) ମାସ (କ୍ରମ ସଂ. 2 ପାଇଁ), 06 (ଛଅ) ମାସ (କ୍ରମ ସଂ. 3 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ. 4 ପାଇଁ)।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।**

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ),
PR-566/Q/25-26 ଖୋର୍ଦ୍ଧା ରୋଡ୍

## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ମଣ୍ଡଳ ରେଳପଥ ପ୍ରବନ୍ଧକ/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୧୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ରାଜଖରସୁଆଁ–ସୋଙ୍ଗାରି–ଗମ୍ହାରିଆ–ଟାଟାନଗର ସେକ୍ସନ ମଧ୍ୟସ୍ଥ ଫିଡର ରୁଟ୍/୨୫ଟି ଏକ୍ସିଲ ରୁଟ୍ ଜିକ୍ୟୁ/ଜିଡି ରୁଟ୍‌ରେ ପୁଶିଂ ପଦ୍ଧତି ଜରିଆରେ ଆର୍‌ସିସି ବକ୍ସ ଦ୍ୱାରା ପଥର ପୋଲ (୩୦ ଗୋଟି)ଗୁଡ଼ିକୁ ପୁନଃ ନିର୍ମାଣ କରିବା। **ଟେଣ୍ଡର ମୂଲ୍ୟ:** ₹୩୬,୯୫,୯୭,୯୧୮.୧୧। **ଇଏମ୍‌ଡି:** ₹୧୯,୯୮,୦୦୦। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ତା୦୬।୧୦।୨୦୨୫ରିଖ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-599)

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ଟେଣ୍ଡର ନଂ. ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯେଉଁଗୁଡ଼ିକ ତା୨୬।୦୯।୨୦୨୫ରିଖ ୧୫.୦୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫରଗୁଡ଼ିକ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୧, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** (i) ୧୦ଟି ଷ୍ଟେଶନଠାରେ ଗୁଡ୍‌ସ ଶେଡ୍ କିମ୍ବା ପବ୍ଲିକ୍ ସାଇଡିଂରେ ଆଇପି ଭିତ୍ତିକ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବା। (ii) ବିରରାଜପୁରଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନୟନ/ଆଧୁନିକୀକରଣ। **ଟେଣ୍ଡର ମୂଲ୍ୟ:** ₹୭୦,୧୧,୬୨୭.୪୦। **ଅମାନତ ରାଶି:** ₹୧,୪୦,୨୦୦। **ସମାପ୍ତି ଅବଧି:** ୦୬ (ଛଅ) ମାସ। **କ୍ର.ସଂ.-୨। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୨, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଏସ୍‌ଏସ୍‌ଇ/ଟେଲି/ଡାଙ୍ଗୋଆପୋଷୀ ଅଧୀନରେ ପରିଚାଳନା ପାଇଁ ୧ ଗୋଟି ୧ ଟନ କ୍ଷମତା ବିଶିଷ୍ଟ ଟ୍ରକ୍‌ର ନିୟୋଜନ ପାଇଁ ଅବଶିଷ୍ଟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧୧,୮୭,୧୫୫.୭୦। **ଅମାନତ ରାଶି:** ₹୨୩,୮୦୦। **ସମାପ୍ତି ଅବଧି:** ୨୪ (ଚବିଶ) ମାସ। **କ୍ର.ସଂ.-୩। ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୨୫-୨୬-୬୩, ତାରିଖ: ୦୪।୦୯।୨୦୨୫। କାର୍ଯ୍ୟର ନାମ:** ଚକ୍ରଧରପୁର ମଣ୍ଡଳରେ ଏଲ୍‌ଭିସିଡି ଓ ଏମ୍‌ଏସ୍‌ଡିଏସି ଲାଗି କପର୍ ପ୍ଲେଟ୍ ଆର୍ଥିଂର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୨,୭୮,୫୬,୩୬୮.୫୦। **ଅମାନତ ରାଶି:** ₹୨,୮୯,୩୦୦। **ସମାପ୍ତି ଅବଧି:** ୦୯ (ନଅ) ମାସ। ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (PR-604)

# ପୂର୍ତ୍ତ ବିଭାଗର ଅଧିକାଂଶ ରାସ୍ତା ମରଣଯନ୍ତା

## ଜିଲାପାଳଙ୍କୁ ମରାମତି ପାଇଁ ନିବେଦନ କଲେ ବିଞ୍ଝାରପୁରବାସୀ

ଯାଜପୁର,୮।୯(ହର୍ଷବର୍ଦ୍ଧନ ବେହେରା):

ଯାଜପୁର ଜିଲା ପାଣିକୋଇଲି ରାସ୍ତା ଓ କୋଠାବାଡି (ଆର୍ ଆଣ୍ଡ ବି) ତଥା ପୂର୍ତ୍ତ ବିଭାଜନ ଅଧୀନରେ ପ୍ରାୟ ୧୦୦୦ କିମି ରାସ୍ତା ରହିଛି। ଏଥିରୁ ଅଧିକାଂଶ ରାସ୍ତା ଏବେ ଗମନାଗମନ ଅନୁପଯୋଗୀ ହୋଇପଡ଼ିଛି। କେତେକ ରାସ୍ତା ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। ସେଥିମଧ୍ୟରୁ ବିଞ୍ଝାରପୁର ବ୍ଲକ ମାଂସଡାଠାରୁ ଦଶରଥପୁର ବ୍ଲକର ମଧୁପୁର ରାସ୍ତାର କପିଳାଠାରୁ ଅଳକୁଣ୍ଡ ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ରାସ୍ତାର ଦୁରବସ୍ଥାକୁ ଆଖିଆଗରେ ରଖି ଏହାର ତୁରନ୍ତ ମରାମତି ଓ ପୁନଃନିର୍ମାଣ ପାଇଁ ଅଞ୍ଚଳବାସୀ ସୋମବାର ବିଞ୍ଝାରପୁର ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲାପାଳ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ଆସନ୍ତା ୨ ସପ୍ତାହ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ସାରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି।


ଖାଲଖମାରେ ପରିପୂର୍ଣ୍ଣ କପିଳାଠାରୁ ଅଳକୁଣ୍ଡ ପର୍ଯ୍ୟନ୍ତ ରାସ୍ତା।

ହାଇଓ୍ୱା ଯୋଗେ ବାଲି ବୁହାହେଉଥିବାରୁ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ଅଞ୍ଚଳବାସୀଙ୍କ ପକ୍ଷରୁ ଏହି ରାସ୍ତାର ସ୍ଥାୟୀ ମରାମତି ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଉଥିଲେ ମଧ୍ୟ ଅର୍ଥ ନ ଥିବା ଆଳରେ ଆଜକୁ ଏକ ବର୍ଷ ହେବ ରାସ୍ତା ମରାମତି ହୋଇପାରିନାହିଁ। ଅପରନ୍ତୁ ପୂର୍ତ୍ତ ବିଭାଗ ଦ୍ୱାରା ଭଲ ଥିବା ରାସ୍ତାକୁ ମରାମତି ନାମରେ ଗୁପ୍ତ ଟେଣ୍ଡର କରାଯାଇ ବିପୁଳ କୋଟି ଟଙ୍କା ଠିକାଦାର, ନେତା ଓ ଯନ୍ତ୍ରୀ ହରିଲୁଟ କରୁଛନ୍ତି ବୋଲି ଭୁବନାନନ୍ଦ ସାମଲ, ବଳରାମ ବଳ, ସନାତନ ସାହୁ, ଅମୂଲ୍ୟ ଦେବତା, ନୀହାର ରଞ୍ଜନ ସାମଲ, ଧନେଶ୍ୱର ସାମଲ, ପ୍ରଦୀପ ସାମଲ, ନବକିଶୋର ଜେନା, କୁଶ ମଲିକ ପ୍ରମୁଖ ଜିଲାପାଳଙ୍କୁ ଭେଟି ସୂଚନା ଦେଇଛନ୍ତି।

ପୂର୍ତ୍ତ ବିଭାଗରେ ବିନା ଟେଣ୍ଡରରେ ଅନେକ ପ୍ରକଳ୍ପ ଗୁପ୍ତ ଟେଣ୍ଡର ତଥା ଏଫ୍-ଟୁ ଜରିଆରେ ମରାମତି ଓ ନିର୍ମାଣ ଅଭିଯୋଗ ଏବେ ସାଧାରଣ କଥା ହୋଇଛି। ଅନ୍‌ଲାଇନ୍ ଟେଣ୍ଡର ନ କରି ୫୦୦ରୁ ଊର୍ଦ୍ଧ୍ୱ ଗୁପ୍ତ ଟେଣ୍ଡର କରି ସରକାରଙ୍କ ବିପୁଳ କୋଟି ଟଙ୍କାର ରାଜସ୍ୱ ଫାଙ୍କି ହେଉଥିବାବେଳେ ଠିକାଦାର ଓ ଯନ୍ତ୍ରୀ ମାଲାମାଲ୍ ହେଉଛନ୍ତି। ବିଶେଷକରି ଯାଜପୁର, ଚଣ୍ଡିଖୋଲ, ବିଞ୍ଝାରପୁର ଉପଖଣ୍ଡରେ ଶତାଧିକ ଗୁପ୍ତ ଟେଣ୍ଡର କରାଯାଇ ଅନୁଦାନ ଅର୍ଥ ହରିଲୁଟ କରାଯାଇଥିବା ଅଭିଯୋଗ ହେଉଛି। ବ୍ୟାସନଗର ସହରର ପ୍ରାୟ ସମସ୍ତ ପୂର୍ତ୍ତ ବିଭାଗ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ୬ ମାସ ମଧ୍ୟରେ ରାସ୍ତାଗୁଡ଼ିକ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଦଳା ଛକଠାରୁ ଶଙ୍ଖଚିଲା ରାସ୍ତାର ଇନ୍ଦିରାଗାନ୍ଧୀ ମହିଳା କଲେଜ ସମ୍ମୁଖ ରାସ୍ତା ମରଣଯନ୍ତା ପାଲଟିଛି। ଛାତ୍ରୀମାନେ ଏହି ରାସ୍ତାରେ ଯିବା ଆସିବା କରୁଥିବା ସମୟରେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଦଳା ବାଇପାସ୍ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ସହରର ଡାକ୍ତରଖାନାଠାରୁ ଯୋକଡ଼ିଆ ରାସ୍ତାର ଅନୁରୂପ ଅବସ୍ଥା ହୋଇଛି। ଏହାବାଦ୍ ଯାଜପୁର ରୋଡ୍‌ଠାରୁ କଳିଙ୍ଗନଗର ଡୁବୁରୀ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଭଳି ଜିଲାର ଅଧିକାଂଶ ପୂର୍ତ୍ତ ବିଭାଗ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ପୂର୍ତ୍ତ ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କ କାର୍ଯ୍ୟ ସ୍ୱଚ୍ଛତା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କମଳ ଲୋଚନ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାଗୁଡ଼ିକର ନିର୍ମାଣ ସମୟରେ ଉପଯୁକ୍ତ ତଦାରଖ କରାଯାଇ ଅଟକଳ ଅନୁସାରେ କାର୍ଯ୍ୟ ସମ୍ପନ୍ନ ହେଉଛି। ଏଥିରେ କୌଣସି ପ୍ରକାର ଅନିୟମିତତା ହେଉନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅସିତ


@ ବିକୁନ୍


@ ହରନାରାୟଣ


@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆର୍‌ଏସ୍‌ଏସ୍ ବଡ଼ଚଣା ଖଣ୍ଡର ପଦ ସଞ୍ଚାଳନ


ଗଣ ବେଶରେ ସ୍ୱୟଂସେବକମାନେ।

ବଡ଼ଚଣା/ଚଣ୍ଡିଖୋଲ , ୮।୯ (ଦିଲୀପ କୁମାର ମହାନ୍ତି/ ପ୍ରଦୀପ୍ତ କୁମାର ପୃଷ୍ଟି):

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ଏକ ଶତ ବର୍ଷ ପୂରଣ ଅବସରରେ ସୋମବାର ବଡ଼ଚଣା ଖଣ୍ଡ ପକ୍ଷରୁ ପଦ ସଞ୍ଚାଳନ (ପଦଯାତ୍ରା) ଆୟୋଜିତ ହୋଇଯାଇଛି। ୧୯୨୫ ସେପ୍ଟେମ୍ବର ୨୭ ତାରିଖ ବିଜୟାଦଶମୀରେ ରାଷ୍ଟ୍ରର ସେବା ପାଇଁ ନାଗପୁରରେ ପ୍ରଥମ ସରସଂଘଚାଳକ ଡ କେଶବ ବଳିରାମ ହେଡଗୋଓ୍ୱାରଙ୍କ ଦ୍ୱାରା ଆରଏସ୍‌ଏସ୍‌ର ପ୍ରଥମ ଶାଖା ସ୍ଥାପିତ ହୋଇଥିଲା। ଏହାର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଏକ ବର୍ଷ ଧରି ଦେଶର କୋଣ ଅନୁକୋଣରେ ପଥ ସଞ୍ଚାଳନ କରାଯିବାକୁ ସଂଘ ନିଷ୍ପତ୍ତି ନେଇଛି। ସୋମବାର ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ବଡ଼ଚଣା ଖଣ୍ଡ ଆନୁକୂଲ୍ୟରେ ଶତାବ୍ଦୀ ବର୍ଷ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୦ ସ୍ୱୟଂସେବକ ଗଣବେଶରେ ପାରମ୍ପରିକ ଘୋଷବାଦ୍ୟ ସହିତ ପଦ ସଞ୍ଚାଳନ କରିଥିଲେ। ପରେ ଶାରୀରିକ ପ୍ରଦର୍ଶନ, ବ୍ୟକ୍ତିଗତ ଗୀତ ଓ ସୁଭାଷିତ ପାଠ, ମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରାନ୍ତ ପ୍ରଚାରକ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ଓ ବିଶିଷ୍ଟ ଜ୍ୟୋତିର୍ବିଦ ବିଜୟ କୁମାର କର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖଣ୍ଡ ସଂଘଚାଳକ ଅକ୍ଷୟ ଗୋଛାୟତ, ଖଣ୍ଡ କାର୍ଯ୍ୟବାହ ବ୍ରଜ ସୁନ୍ଦର ମହାପାତ୍ର ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ବଟକୃଷ୍ଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲା ଭାଜପା ସଭାପତି ଦେବଯାନୀ ପ୍ରଧାନ, ସାହିତ୍ୟିକ ଅଶୋକ ସାମଲ, କ୍ଷୀରୋଦ ଚନ୍ଦ୍ର ମହଲା ପ୍ରମୁଖ ଯୋଗଦେଇଥିଲେ। ସହପ୍ରାନ୍ତ ପ୍ରଚାରକ ଅସିତ୍ ସାହୁ ପଦ ସଞ୍ଚାଳନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ମୁଖ୍ୟ ଶିକ୍ଷକ ଭାବେ ଗଙ୍ଗା ପ୍ରସାଦ ପରିଡା ଏବଂ ପ୍ରାର୍ଥନା ପ୍ରମୁଖ ଭାବେ ଅମିତାଭ ବେହେରା ଦାୟିତ୍ୱ ସମ୍ପାଦନ କରିଥିଲେ। ଜିଲା ପ୍ରଚାରକ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବରିଷ୍ଠ ସଦସ୍ୟ ଧର୍ମାଶୋକ ମହାନାୟକ, ପ୍ରମୋଦ ଜେନା, ପ୍ରଶାନ୍ତ ଜେନା, ପରିକ୍ଷିତ ପଣ୍ଡା, ରଞ୍ଜନ ଦାସ, ଯତିନ୍ଦ୍ର ନାୟକ, ହେମଶ କୁମାର ଜେନା, ଜ୍ଞାନ ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସାହିତ୍ୟିକ ବୀର କିଶୋର ପାଢ଼ୀଙ୍କ ସ୍ମୃତିସଭା

ଯାଜପୁର, ୮।୯ (ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବଉଳଫୁଲ ସାହିତ୍ୟ ସଂସଦ ମିଳିତ ସହଯୋଗରେ ରବିବାର ଜାରକା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାଠାଗାର ପରିସରରେ ଶିଶୁ ସାହିତ୍ୟିକ ବୀର କିଶୋର ପାଢ଼ୀଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ବିଜେତା ରାଜ କିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଟ୍ୟକାର ବିଜୟ କୁମାର ମହାନ୍ତି ମୁଖ୍ୟଅତିଥି, ସଂସଦର ଉପଦେଷ୍ଟା ତଥା ଗୋଧୂଳି ପତ୍ରିକାର ସମ୍ପାଦିକା ବିମଳା ସିଂହ ସମ୍ମାନିତ ଅତିଥି, ରମାକାନ୍ତ ଜେନା ମୁଖ୍ୟବକ୍ତା, ପ୍ରଶାନ୍ତ କୁମାର ସ୍ୱାଇଁ ଏବଂ ବସନ୍ତ କିଶୋର ସାହୁ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଶ୍ୱରୂପା ପଣ୍ଡା ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କବି ପଦ୍ମଜା ଶରଣ ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ବ୍ରଜେଶ୍ୱରୀ ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବସନ୍ତ କିଶୋର ସାହୁ ତାଙ୍କ ରଚିତ କବିତାରୁ କିଛି ପଂକ୍ତି ଆବୃତ୍ତି କରିବା ସହ ଶିଶୁ ସାହିତ୍ୟିକ ପାଢ଼ୀଙ୍କ ଗୁଣାବଳୀ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ କବି ସରୋଜିନୀ ପତିଙ୍କ ସଭାପତିତ୍ୱରେ ରାଜ୍ୟ ସ୍ତରୀୟ ଶିଶୁ କବିତା ପାଠ କରାଯାଇଥିଲା। କବି ଧରିତ୍ରୀ ଦାସ, ଜିତେନ୍ଦ୍ର ବେହେରା ଏବଂ ଗଣେଶ୍ୱର ବେହେରା ସଂଯୋଜନା କରିଥିଲେ। ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ନୀଳିମା ମହାନ୍ତି, ଦୀନବନ୍ଧୁ କର, ଅଶୋକ ମହାନ୍ତି, ନବଘନ ନାୟକ,ସନ୍ଧ୍ୟାରାଣୀ ମିଶ୍ର, ଅକ୍ଷୟ କୁମାର ଦାସ, ରତ୍ନାକର ନାୟକ, ପ୍ରେମ ଲତା ମହାରଣା, ବ୍ରଜ କିଶୋର ଦାସ, ଦେବସ୍ମିତା ଘଡେଇ, ସରୋଜିନୀ ପଣ୍ଡା, ସୁନାକାର ସାହୁ, ରମାକାନ୍ତ ଜେନା, ନଟବର ସେଠୀ, କୁନି କବି ଗାର୍ଗୀ ଦାସ ପ୍ରମୁଖ କବିତା ପାଠ କରିଥିଲେ। ଆଲୋଚନା ପର୍ବରେ ପ୍ରଭାତ ମଲ୍ଲିକ ଏବଂ କବିତା ପାଠୋତ୍ସବରେ ନବଘନ ସ୍ୱାଇଁ ଧନ୍ୟବାନ ଅର୍ପଣ କରିଥିଲେ।


ଶିଶୁ ସାହିତ୍ୟିକ ବୀର କିଶୋର ପାଢ଼ୀଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ପିତୃହନ୍ତାଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ, ୮।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ବାପାକୁ ହତ୍ୟା କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ସୋମବାର ଯାଜପୁର ଜିଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀଜଣକ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ଗ୍ରାମର ଗୁରୁଚରଣ ବେହେରା। ସୂଚନା ଅନୁଯାୟୀ ବାଛୋଳର ବାଇଧର ବେହେରା ଦୁଇ ସନାତନ ଓ ଗୁରୁଚରଣଙ୍କ ସହ ରହିଆସୁଥିଲେ। ବାଇଧର ତାଙ୍କ ସାନପୁଅ ଗୁରୁଚରଣଙ୍କୁ ରାଶନ ଚାଉଳ ନ ଦେବାରୁ ସେମାନଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ୨୦୨୦ ସେପ୍ଟେମ୍ବର ୨୯ ରାତିରେ ଗୁରୁଚରଣ ଗୋଟିଏ ଧାରୁଆ ଅସ୍ତ୍ରରେ ବାଇଧରଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ବାଇଧରଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବଡ଼ପୁଅ ସନାତନ ବିଞ୍ଝାରପୁର ଥାନାରେ ଏତଲା ଦେବାପରେ ପୋଲିସ୍ ୩୦୬/୨୦ ନଂ.ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣା ପରେ ଫେରାର ଥିବା ଗୁରୁଚରଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ବିଚାରପତି ନନ୍ଦ ମାମଲାର ଚୂଡାନ୍ତ ଶୁଣାଣି କରି ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସ୍ୟୁକ୍ୟୁଟର ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ।

# ଅଲେଖ ମହିମା ଆଶ୍ରମରେ ନୂଆଁଖାଇ ପର୍ବ



ଯାଜପୁର,୮।୯(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ରୋଡ୍ ବ୍ୟାସସରୋବର ନିକଟସ୍ଥ ଅଲେଖ ମହିମା ଆଶ୍ରମରେ ରବିବାର ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ଭଜନ, କୀର୍ତ୍ତନ ପରିବେଷଣ ହୋଇଥିଲା। ନୂଆଁ ଧାନରେ ପ୍ରସ୍ତୁତ ଭୋଗକୁ ପ୍ରଥମେ ମହାପ୍ରଭୁଙ୍କ ନିକଟରେ ଅର୍ପଣ କରିବା ପରେ ସମସ୍ତେ ଏକାସାଥିରେ ନୂଆଁ ଭକ୍ଷଣ କରିଥିଲେ। ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କେତେଜଣ ପରିବାରବର୍ଗ ରାଇରଙ୍ଗପୁର ଅଞ୍ଚଳରୁ ଆସି ସାମିଲ ହୋଇଥିଲେ। ଏହାସହ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ଜିଲାର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ରୁଦ୍ର ମଣି ବାବା, ମୋହନ ବାବା, ଅନ୍ତର୍ଯ୍ୟାମୀ ବାବା, ଭୀମସେନ ବାବା, ସ୍ୱାଧୀନ ବାବା, ସାଧୁ ଅଜୟ ଦାସ, ସାଧୁ କୁନା ଦାସ, ସାଧୁ ଆକାଶ ଦାସ, ଦିପୁନ ବୈରାଗୀ, ରାଜୁ ବୈରାଗୀ, ସନ୍ତୋଷ ବୈରାଗୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅଖଣ୍ଡ ଭାରତ, ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ ଶୀର୍ଷକ ଆଲୋଚନାଚକ୍ର

ଧର୍ମଶାଳା, ୮।୯ (ବଟକୃଷ୍ଣ ପରିଡ଼ା)

ଜାରକା ହାଇସ୍କୁଲସ୍ଥିତ ପାଠାଗାର ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଖଣ୍ଡ ଭାରତ ଓ ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ ଶୀର୍ଷକ ଆଲୋଚନାଚକ୍ରକୁ ନୃସିଂହ ଚରଣ ମିଶ୍ର ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସ୍ତମ୍ଭକାର ଯୋଗେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ସାହିତ୍ୟ ପରିଷଦର ରାଜ୍ୟ ସମ୍ପାଦକ ଡ. ସନ୍ତୋଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପବିତ୍ର ମୋହନ ଦାଶ, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ଭାଗବତ ତତ୍ତ୍ୱ ଉପରେ ଆଲୋଚନା କରିବା ସହ ଭାରତକୁ ଏକ ବୈଭବଶାଳୀ ରାଷ୍ଟ୍ରରେ ପରିଣତ କରିବା ଦିଗରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷ ନାରଦ ସମ୍ମାନରେ କଳିଙ୍ଗ ଟିଭିର ଯାଜପୁର ପ୍ରତିନିଧି ଅବିନେଶ୍ୱର ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା।

# ଜିଲା କଂଗ୍ରେସ ସଭାପତି ଚୟନ କରିବେ କର୍ମୀ

## 'ସଂଗଠନ ସୃଜନ ଅଭିଯାନ'

ଯାଜପୁର ଟାଉନ୍, ୮।୯ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)




କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ କାହାରି ସୁପାରିସ୍‌ରେ ଦଳୀୟ ସଂଗଠନରେ ସଭାପତି ଚୟନ ହୋଇପାରିବ ନାହିଁ। ଏଭଳିସ୍ଥଳେ 'ସଂଗଠନ ସୃଜନ ଅଭିଯାନ' ମାଧ୍ୟମରେ ଗ୍ରାମ ଓ ପୌରାଞ୍ଚଳଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମୀଙ୍କ ମତାମତ ସଂଗ୍ରହ କରଯାଇ ସଭାପତି ଚୟନ ହେବ। କଂଗ୍ରେସ ଜିଲା ସ୍ତରରୁ ଏହି ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ କଂଗ୍ରେସର ଯାଜପୁର ଜିଲା ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଜିଲା ସଂଯୋଜକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ସୋମବାର ୧୦ଟାରେ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଭାବେ ଚାରୁଲତା ଟୋକାସ୍, ପର୍ଯ୍ୟବେକ୍ଷକ ଭାବେ ହିତେସ୍ ମେଟୱାନି ଏବଂ ପିସିସି ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ଶାନ୍ତନୁ ସାହୁ ଓ ୟାକୁବ୍ ଉଜ୍‌ମାନ ଖାଁ ଉପସ୍ଥିତ ରହି ସଂଗଠନ ସୃଜନ ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସ୍କୃତି ଭବନଠାରେ ଜିଲା କଂଗ୍ରେସ ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ପୂର୍ବରୁ ଜିଲାର କିଏ ନେତୃତ୍ୱ ନେବେ ତାହା ଦଳର ଶୀର୍ଷନେତୃତ୍ୱ ନିର୍ଣ୍ଣୟ କରୁଥିବା ବେଳେ ଏବେ ଗ୍ରାମ ଓ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା କର୍ମୀମାନେ ଜିଲା ସଭାପତି ଚୟନ କରିବେ ବୋଲି ସେମାନେ କହିଥିଲେ। ଏହାଦ୍ୱାରା ଦଳର ସଂଗଠନ ତୃଣମୂଳସ୍ତରରୁ ସଶକ୍ତ ଓ କ୍ରିୟାଶୀଳ ହୋଇପାରିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜିଲାର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ଗସ୍ତକରି ଏକ ବଳିଷ୍ଠ ନେତୃତ୍ୱ ସମ୍ପନ୍ନ ଜିଲା ସଭାପତି ଚୟନ କରାଯିବ ସେମାନେ କହିଥିଲେ। ସମ୍ମିଳନୀରେ ସଭାପତିତ୍ୱ କରୁଥିବା ଶରତ ରାଉତ ସମସ୍ତ ବ୍ଲକରେ ଓ ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକରୁଥିବା ନେତୃମଣ୍ଡଳୀ ଓ କର୍ମୀମାନେ ସଂଗଠନ ସୃଜନ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ଅଜୟ ସାମଲ, ପୂର୍ବତନ ପୌରାଧକ୍ଷା ବନ୍ଦିତା ପରିଡ଼ା, ସନ୍ତୋଷ ନନ୍ଦ, ଶିଶିର ନାୟକ, ଧର୍ମଶାଳା ନେତ୍ରୀ ମଧୁସ୍ମିତା ଆଚାର୍ଯ୍ୟ, ଦୁର୍ଯ୍ୟୋଧନ ବେହେରା, ଶ୍ରୀନାଥ ମିଶ୍ର, କନକଲତା ମଲ୍ଲିକ, ନାରାୟଣ ସାମନ୍ତ, ଦିଲୀପ ଦାଶ, ପୟୋଧର ରାୟ, ଦେବେନ୍ଦ୍ର ପଣ୍ଡା, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଯୋଗଦେଇଥିବା ବେଳେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ ଧନ୍ୟବାଦ ଜଣାଇଥିଲେ।

## ବନ୍ୟା ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ, (କଳ୍ପତରୁ ନାୟକ): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ବ୍ରାହ୍ମଣୀ ନଦୀ ବନ୍ୟାଜଳରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଶ୍ରୀରାମପୁର ଗାଁର ରତ୍ନାକର ରାଉତ (୬୨)ବୋଲି ଜଣାପଡ଼ିଛି। ଡଙ୍ଗାରେ ପାର ହେବା ପାଇଁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଖସି ପଡି ପାଣିରେ ପଡ଼ି ଯାଇଥିଲେ। ଫଳରେ ବନ୍ୟା ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ତାଙ୍କୁ ତତ୍କାଳ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସହାୟତା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

# ଶେଷ ହେଲା ପ୍ରସିଦ୍ଧ ଖୁଦୁରୁକୁଣୀ ମେଲଣ

ଡେରାବିଶ, ୮।୯ (ବେବର୍ତ୍ତା ଅଜୟ ଦାସ)

ଭାଇମାନଙ୍କ ମଙ୍ଗଳ କାମନା ପାଇଁ ଶ୍ରାବଣ ପୂର୍ଣ୍ଣିମାର ପର ରବିବାରରୁ ଆରମ୍ଭ ହୋଇଥିବା ଭାଲୁକୁଣୀ ତଥା ଖୁଦୁରୁକୁଣୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ୫ଟି ରବିବାର ସନ୍ଧ୍ୟାରେ ଗ୍ରାମର ଯୁବତୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ। ମାସେ ଧରି ଚାଲିଥିବା ଏହି ଖୁଦୁରୁକୁଣୀ ପୂଜା ପାଇଁ ଡେରାବିଶ ବ୍ଲକ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଶେଷରେ ସୋମବାର ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତସ୍ଥିତ ହାଟ ପଡିଆଠାରେ ପ୍ରସିଦ୍ଧ ଖୁଦୁରୁକୁଣୀ ମେଲଣ ଉଦ୍‌ଯାପିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ମଧ୍ୟରେ ଏହି ମେଲଣ ରବିବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଥିଲା। ସକାଳେ ପ୍ରଥମେ ଏହି ମେଲଣର ଥାନପତି ଥିବା ରଥପଡିଆର ସୁସଜ୍ଜିତ ଖୁଦୁରୁକୁଣୀ ଠାକୁରାଣୀଙ୍କ ମେଢ ମେଲଣ ପଡିଆରେ ଉପବେଶନ କରିବା ପରେ ବିଭିନ୍ନ ଗ୍ରାମରୁ ଆସିଥିବା ଖୁଦୁରୁକୁଣୀଙ୍କ ସୁସଜ୍ଜିତ ମେଢ ଘଣ୍ଟ,



ମେଲଣକୁ ଆସିଥିବା ଖୁଦୁରୁକୁଣୀ ମେଢ଼।

ସଂକୀର୍ତ୍ତନ, ବାଜାପଟୁଆର ଓ ରଙ୍ଗବେରଙ୍ଗର ଆତସବାଜି ମଧ୍ୟରେ ମେଳଣ ପଡିଆକୁ ପ୍ରବେଶ କରିଥିଲା। ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସମସ୍ତବର୍ଗର ଅଞ୍ଚଳବାସୀ ମାନଙ୍କ ମରେ ଭାଇଚାରା ଭାବନାରେ ସୃଷ୍ଟି କରୁଥିବା ଏହି ନିଆରା ମେଲଣରେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତର ଦୁମୁକା, ତିଲକପୁର, କଚେରୀତଳ, ଓଝାସାହି, ଚଷାଖଣ୍ଡ, ପାଣ୍ଡେସାହି, ବଣିଆସାହି, କାଜିପୁର ଓ ଦିଆପଡା ଗ୍ରାମ ସମେତ ବାଲିଆ ପଞ୍ଚାୟତର ତୋଟାସାହି, ହୁରାସାହି, ମୁଲଣାପାଟଣା ଓ ଦରବୋଲ, ଚାଟରାଚକଡ଼ା ପଞ୍ଚାୟତର ଗୋବିନ୍ଦପୁର ଓ ଚାଟରାଚକଡା ଏବଂ କାଉପଡ଼ା ପଞ୍ଚାୟତର ସାନଭୋଗଲ ଗ୍ରାମରୁ ୨୦ରୁ ଊର୍ଦ୍ଧ୍ୱ ମେଢ ସୋମବାର ୧୧ଟା ସୁଦ୍ଧା ମେଲଣ ପଡ଼ିଆରେ ପହଞ୍ଚି ଥିଲେ। ପରେ ରଥପଡିଆର ଥାନପତି ମେଢ଼ ପକ୍ଷରୁ ସମସ୍ତ ମେଢ ନିକଟରେ ଭୋଗ ଲାଗି କରାଯିବା ସହିତ ଆସନ୍ତାବର୍ଷ ମେଲଣ ପାଇଁ ବରଣୀ କରାଯାଇଥିଲା। ପରେ ବିଭିନ୍ନ ଗ୍ରାମରୁ ଆସିଥିବା ମେଢ ରୋସଣି ମଧ୍ୟରେ ନିଜ ଗ୍ରାମକୁ ଫେରିଥିଲେ। ଏହି ଅବସରରେ ପରମ୍ପରା ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ବିଭିନ୍ନସ୍ଥାନରେ ଖୁଦୁରୁକୁଣୀ ଠାକୁରାଣୀଙ୍କ ମେଢ଼ ଅଟକି ଭୋଗ ଗ୍ରହଣ କରିଥିଲେ। ବିଭିନ୍ନ ମେଢ ସହ ଆସିଥିବା ଗ୍ରାମର ମୁରବିମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇବା ସହ ଭାଇଚାରାର ବାର୍ତ୍ତା ବହନ କରିଥିଲେ। ଏହି ମେଲଣ ଅବସରରେ ପଡ଼ିଆରେ ଶତାଧିକ ଦୋକାନୀ ସେମାନଙ୍କ ବ୍ୟବସାୟ ପସରା ମେଲାଇଥିଲେ। ମେଲଣକୁ ବହୁ ସଂଖ୍ୟାରେ ଆସିଥିବା ଅଞ୍ଚଳବାସୀ ସେମାନଙ୍କ ଦରକାରୀ ସାମଗ୍ରୀ କିଣାକିଣି କରିଥିଲେ। ଖୁଦୁରୁକୁଣୀ ମେଲଣ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ମେଲଣରେ ଶୃଙ୍ଖଳାରକ୍ଷା ପାଇଁ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ, ଡେରାବିଶ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## କଣ୍ଟା ଜଙ୍ଗଲ ମଧ୍ୟରୁ ୬ ଦିନ ପରେ ଉଦ୍ଧାର

### ଭିତରକନିକା ଜଙ୍ଗଲରେ ମା' ପୁଅ ନିଖୋଜ ଘଟଣା



୬ ଦିନ ଧରି ନିଖୋଜ ଥିବା ମା' ପୁଅଙ୍କୁ ବନ ବିଭାଗ ଉଦ୍ଧାର କରି ଆଣୁଛି।

ରାଜନଗର, ୮।୯(ଭାସ୍କର ରାଉତରାୟ)

ଭିତରକନିକା ଜଙ୍ଗଲ ନାଳ ମଧ୍ୟରେ କଙ୍କଡ଼ା ଧରିବାକୁ ଯାଇ ୬ ଦିନ ହେଲା ବାଟବଣା ହୋଇ ନିଖୋଜ ହୋଇଯାଇଥିବା ମା'ପୁଅଙ୍କୁ ସୁରକ୍ଷିତ ଭାବେ ସୋମବାର ଉଦ୍ଧାର କରାଯାଇଛି। ବନ ବିଭାଗ ପକ୍ଷରୁ ୧୦ଟି ଟିମରେ ପ୍ରାୟ ୧୦୦ ଜଣ ସକାଳୁ ତନଖି ପ୍ରକ୍ରିୟା ଆରମ୍ଭ କରିଥିଲେ। ଜଙ୍ଗଲ ମଧ୍ୟରେ ଥିବା ମା' ପୁଅଙ୍କୁ ଗୋଟିଏ ଟିମ୍ ଠାବ କରିଥିଲା। ନାଳ ମଧ୍ୟରେ ଗାଁଠାରୁ ପ୍ରାୟ ୨୦ କିମି ଦୂରରେ ମା'ପୁଅଙ୍କୁ ଠାବ କରାଯାଇଛି। ୨ଜଣଙ୍କୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରି ବୋଟ ଯୋଗେ କୂଳକୁ ଅଣାଯାଇଛି।

ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁର ଦିଲୀପ ମିର୍ଦ୍ଧାଙ୍କ ସ୍ତ୍ରୀ ଅଞ୍ଜନା ଓ ପୁଅ ରତିକାନ୍ତଙ୍କ ସହ ସେହି ଗାଁର ଅହଲ୍ୟା ମଣ୍ଡଳ, ପୁଅ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟକୁ ବେଆଇନ ଭାବେ କଙ୍କଡ଼ା ଧରିବାକୁ ବୁଧବାର ଯାଇଥିଲେ। ସେମାନେ ୫ ଦିନ ପାଇଁ ରାଶନ ସାମଗ୍ରୀ, ଚାଉଳ ଓ ହାଣ୍ଡି କଢା ନେଇ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଗାଁଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧୮ କିଲୋମିଟର ଦୂରରେ ଥିବା ହାବଳ ଫରେଷ୍ଟ ବ୍ଲକର ପିମ୍ପଳା ପୋଖରୀ ନିକଟରେ ୪ ଜଣ ପହଞ୍ଚିଥିଲେ। ସେଠାରେ ରାଶନ ସାମଗ୍ରୀ ରଖି ରୋଷେଇ କରି ଖାଇ ସାରି ଅଲଗା ଅଲଗା ଦିଗରେ କଙ୍କଡ଼ା ଧରିବାକୁ ଯାଇଥିଲେ। ମାତ୍ର ଜଙ୍ଗଲ ଭିତରେ ବାଟବଣା ହୋଇଯାଇବା ଅଞ୍ଜନା ଓ ରତିକାନ୍ତଙ୍କୁ ଖୋଜାଖୋଜି କରି ନ ପାଇ ଗୁରୁବାର ଅହଲ୍ୟା ଓ ତାଙ୍କ ପୁଅ ଘରକୁ ଫେରି ଆସିଥିଲେ। ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରି ନ ପାଇବାରୁ ବନ ବିଭାଗକୁ ଜଣାଇଥିଲେ। ଶନିବାର ୨୦ ଜଣ ବନ କର୍ମଚାରୀ ଜଙ୍ଗଲ ମଧ୍ୟକୁ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଜଙ୍ଗଲ ଭିତରେ ନାଳରେ ପଶି ଯାଇଥିବାରୁ କୁମ୍ଭୀର ଆକ୍ରମଣ କିମ୍ବା ଜଙ୍ଗଲୀ ବାର୍ହା ଓ ସାପ ଆକ୍ରମଣ କରିଥିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ସୋମବାର ବନ ବିଭାଗର ୪ ଟି ବୋଟ ଓ ୬ଟି ଡଙ୍ଗା ମାଧ୍ୟମରେ ବନ ବିଭାଗର ୪୦ ଜଣ କର୍ମଚାରୀ ଓ ସ୍ଥାନୀୟ ଲୋକେ ୬୦ ଜଣ ଜଙ୍ଗଲ ମଧ୍ୟରେ ତନଖି କରିଥିଲେ। ଅପରାହ୍ନ ୩ଟା ବେଳେ ମାଙ୍କୁଆ ନାଳ ନିକଟରେ ବୋଟ ଶବ୍ଦ ଶୁଣି ମା' ପୁଅ ଡାକ ପକାଇଥିଲେ। ଡାକଶୁଣି ବୋଟକୁ ନଦୀ ନିକଟରେ ରଖି ଜଙ୍ଗଲ ମଧ୍ୟକୁ ଯିବା ପରେ ଘଞ୍ଚ କଣ୍ଟା ଜଙ୍ଗଲ ମଧ୍ୟରେ ମା' ପୁଅ ଗୋଟିଏ ସ୍ଥାନରେ ଥିବା ଦେଖିଥିଲେ। ଦୁଇଜଣଙ୍କୁ ଉଦ୍ଧାର କରି ନଦୀ ମଧ୍ୟରେ କୂଳକୁ ଆଣିବାକୁ ୪ ଘଣ୍ଟା ସମୟ ଲାଗିଥିଲା। ସେମାନଙ୍କୁ ଉଦ୍ଧାର ପରେ ବୋଟରେ ତାଙ୍କୁ ଖାଇବାକୁ ଦିଆଯାଇଥିଲା। ସେମାନେ ୫ ଦିନ ଧରି କିଛି ଖାଇ ନ ଥିବାରୁ ଠିକ୍ ସେ କଥା କହି ପାରୁନାହାନ୍ତି। ସେମାନେ କୂଳରେ ପହଞ୍ଚିବା ପରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି।

## ବିରିଡୋଳ ମରଣାନ୍ତକ ଆକ୍ରମଣ ମାମଲା

# ଅସିତଙ୍କୁ ୭ ବର୍ଷ ଜେଲ

ଜଗତ୍‌ସିଂହପୁର, ୮।୯ (ପ୍ରମୋଦ କୁମାର ନାୟକ)

ତିର୍ତ୍ତୋଲ ଥାନା ଅନ୍ତର୍ଗତ ବିରିଡୋଳ ଗ୍ରାମର ରାକେଶ କୁମାର ମଲ୍ଲଙ୍କୁ ୨୦୨୫ ଫେବୃୟାରୀ ୧୬ରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହାର ବିଚାରକରି ଜଗତ୍‌ସିଂହପୁର ଅତିରିକ୍ତ ଜିଲାଜଜ୍ (ଏଡିଜେ) ହରପ୍ରସାଦ ପଟ୍ଟନାୟକ ଅଭିଯୁକ୍ତ ତଥା ଏହି ଗାଁର ଅସିତ ରଞ୍ଜନ ବିଶ୍ୱାଳଙ୍କୁ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଥିବା ଓକିଲ ଭଜହରି କର କହିଛନ୍ତି ୨୦୨୫ ଫେବୃୟାରୀ ୧୬ରେ ରାତି ପ୍ରାୟ ୧ଟା ବେଳେ ଏହି ଗାଁର ପ୍ରଭାକର ବେହେରାଙ୍କ ଝିଅ ବାହାଘର ଭୋଜିରେ ଯୋଗଦେବା ପାଇଁ ରାକେଶ ଓ ତାଙ୍କ ମା' ଲତିକା ଯାଇଥିଲେ। ଏହି ସମୟରେ ରାକେଶଙ୍କୁ ଅଭିଯୁକ୍ତ ଅସିତ ଗାଁ ଦାଣ୍ଡକୁ ଆସିବାକୁ ଡାକିଥିଲେ। ରାକେଶ ଗଲା ପରେ ଅସିତ ତାଙ୍କ ଘର ସମ୍ମୁଖରେ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ରାକେଶ ତଳେ ପଡିଯାଇଥିଲେ ସୁଦ୍ଧା ସେ ଛାଡି ନ ଥିଲେ। ତଳେ ପଡିଥିବା ମେଟାଲରେ ରାକେଶଙ୍କ ମୁହଁକୁ ଆକ୍ରମଣ କରିବାରୁ ସେ ଚିତ୍କାର କରିଥିଲେ। ଏହି ସମୟରେ ବିବାହ ସ୍ଥଳରେ ଉପସ୍ଥିତ ଲୋକେ ସେଠାରେ ପହଞ୍ଚି ତୁରନ୍ତ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନେବା ପାଇଁ ବ୍ୟବସ୍ଥା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ କଟକ ବଡ ଡାକ୍ତରଖାନା ଓ ପରେ ଏକ ଘରୋଇ ନର୍ସିଂ ହୋମକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ରାକେଶଙ୍କ ମା' ଲତିକାଙ୍କ ଅଭିଯୋଗ ଆଧାରରେ ତିର୍ତ୍ତୋଲ ଥାନାରେ ମାମଲା (ନଂ.୫୫/୨୫) ରୁଜୁହୋଇଥିଲା। ଏହି ମାମଲାରେ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ରାଜେନ୍ଦ୍ର ଭୋଳ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ।

# ୫୯ ଅଭିଯୋଗରୁ ୬ ତତ୍କାଳ ଫଇସଲା




ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଜଗତ୍‌ସିଂହପୁର, ୮।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୬ଟି ତତ୍କାଳ ଫଏସଲା ହୋଇଥିଲା। ଶିବିରରେ ବ୍ୟକ୍ତିଗତ ୪୯ ଓ ଗୋଷ୍ଠୀଗତ ତଥା ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୦ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ମଧ୍ୟରୁ ରାଶନ କାର୍ଡ ସମସ୍ୟା ୨, ଆବାସ ଯୋଜନାରେ ଘର ପାଇବା ପାଇଁ ୩, ଜମିଜମା ସମସ୍ୟା ୯, ଭତ୍ତା ପାଇଁ ୫, ପୋଲିସ ସହାୟତା ପାଇଁ ୬ ଓ ଅନ୍ୟାନ୍ୟ ୧୮ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ , ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଦାସ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବିରିଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆୟୁଷୀ ପତି, ତହସିଲଦାର ସଞ୍ଜୟ କୁମାର ବେହେରା, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅସିତ୍



@ ଚିକୁନ୍



@ ହରନାରାୟଣ



@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାସ୍ତରୀୟ ନବଭାରତ ସାକ୍ଷରତା ସଚେତନତା

ଜଗତ୍‌ସିଂହପୁର, ୮।୯ (ପ୍ରମୋଦ କୁମାର ନାୟକ)

ଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ନବ ଭାରତ ସାକ୍ଷରତା ସଚେତନତା ସଭା 'ଉଲ୍ଲାସ' ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪୦ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ, ୫୬ ପ୍ରାଥମିକ ଓ ଜଗତ୍‌ସିଂହପୁର ଡାଏଟ୍ (ଡିଷ୍ଟ୍ରିକ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଏଜୁକେଶନ୍ ଆଣ୍ଡ ଟ୍ରେନିଂ)ର ୪ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ଜିଲା ନୋଡାଲ ଅଧିକାରୀ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ଜିଲାରେ ଏହା କିପରି କାର୍ଯ୍ୟକାରୀ ହେବ ସେ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ । କାର୍ଯ୍ୟକ୍ରମରେ କୁଜଙ୍ଗ ଓ ରଘୁନାଥପୁରର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବ୍ଲକ ନୋଡାଲ ଅଧିକାରୀ ଭାବେ ଯୋଗଦେଇଥିଲେ।

## ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

କୁଜଙ୍ଗ, ୮।୯(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅଞ୍ଚଳରେ ଜଣେ ୧୭ ବର୍ଷିୟା ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଅଞ୍ଚଳର ଅସଲାମ ଖାଁ। ଏନେଇ ଥାନାରେ (ନଂ.୩୩୬/୨୫) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ରବିବାର ସନ୍ଧ୍ୟାରେ ସମ୍ପୃକ୍ତା ନାବାଳିକା ବାହାରକୁ ଶୌଚ ହେବାକୁ ଯାଉଥିବାବେଳେ ଏକୁଟିଆ ପାଇ ତାଙ୍କୁ ଅସଲାମ ଟେକି ନେଇ ନିକଟରେ ଥିବା ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ବାରାଣ୍ଡାରେ ବଳାତ୍କାର କରିଥିଲେ। ଏସମ୍ପର୍କରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ଏହାକୁ ଗୁରୁତର ନେଇ ବଂଶୀଧର ଗ୍ରାମରେ ସଦଳବଳ ଚଢ଼ାଉ କରି ଅସଲାମଙ୍କୁ ଧରି ଥାନାକୁ ନେଇଥିଲେ।

# ୟୁରିଆ ସାର ଅଭାବ: ଚାଷୀ ହନ୍ତସନ୍ତ

- ଖୋଲା ବଜାରରୁ ଚଢା ଦରରେ କିଣିବାକୁ ବାଧ ହେଉଛନ୍ତି
- ସରକାରୀ ଗୋଦାମରେ ତାଲା ଝୁଲୁଛି

ରଘୁନାଥପୁର, ୮।୯(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ ୟୁରିଆ ସାରର ଉତ୍କଟ ଅଭାବ ଦେଖାଦେଇଛି। ଫଳରେ ଖୋଲା ବଜାରରୁ ସାର ଚଢ଼ାଦରରେ କିଣି ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସରକାର ଚାଷୀମାନଙ୍କୁ ପ୍ରତିବର୍ଷ ମାର୍କଫେଡ୍ ଜରିଆରେ ବିଭିନ୍ନ ପ୍ରକାର ସାର ପ୍ରାଥମିକ ସମବାୟ ସମିତି ଦ୍ୱାରା ଯୋଗାଇ ଦେଇଥାନ୍ତି। ଚଳିତବର୍ଷ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଚାଷୀଙ୍କୁ ଯୋଗାଇଦେବାରେ ଅହେତୁକ ବିଳମ୍ବ ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଫଳରେ ପ୍ରାଥମିକ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଛି। ଅପରପକ୍ଷରେ ୟୁରିଆ ସାର ଖୋଲାବଜାରରେ ଚଢ଼ା ଦରରେ ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଯଦି ସରକାରଙ୍କ ପାଖରେ ସାର ନାହିଁ ତାହାଲେ ଖୋଲାବଜାରରେ ଏତେ ପରିମାଣରେ ସାର କେଉଁଠୁ ଆସିଛି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଏନେଇ କୃଷି ବିଭାଗ ଓ ଯୋଗାଣ ବିଭାଗର ନୀରବତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷେ ରଘୁନାଥପୁର ବ୍ଲକ ନିକଟରେ ଥିବା ମାର୍କଫେଡ ଗୋଦାମ ଗୃହ କେଉଁ କାର୍ଯ୍ୟରେ ଲାଗେ ଲୋକଙ୍କୁ ଜଣାନାହିଁ। ଉକ୍ତ ଗୃହର ଗେଟ୍ ସମ୍ମୁଖରେ ତାଲା ଝୁଲୁଥିବାବେଳେ ଉକ୍ତ ସ୍ଥାନ ଅନାବନା ଘାସ ଓ ଅଳିଆ ଆବର୍ଜନାରେ ପୂରିଯାଇଛି।



ବନ୍ଦ ହୋଇପଡିଛି ସରକାରୀ ସାର ଗୋଦାମ।

ୟୁରିଆ ସାରର ଅଭାବକୁ ନେଇ ବ୍ଲକ କୃଷି ଅଧିକାରିଣୀ ଆକାଂକ୍ଷା ପାଣିଗ୍ରାହୀଙ୍କୁ ପଚାରିବାରେ, ମାର୍କଫେଡ୍ ଜରିଆରେ ସମସ୍ତ ପ୍ରାଥମିକ ସମବାୟ ସମିତିମାନଙ୍କୁ ସାର ଯୋଗାଇ ଦିଆଯାଇଛି। ତେବେ ଚାଷୀମାନେ କାହିଁକି ସାର ପାଇପାରୁ ନାହାନ୍ତି ବୋଲି ପଚାରିବାରେ ସେ ନୀରବ ରହିବା ସହ ବୁଝି କହିବେ ବୋଲି ପ୍ରକାଶ କରିଛନ୍ତି। ସରକାରୀ ଓ ବେସରକାରୀ ସାର ବିକ୍ରେତା ଏବଂ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ବଡ଼ ଧରଣର ଡିଲ୍ ଥିବାରୁ ଚାଷୀ ମହରଗରୁ ଯାଇ କାନ୍ତାରରେ ପଡୁଛନ୍ତି ବୋଲି ବହୁ ଚାଷୀ ଅଭିଯୋଗ କରିଛନ୍ତି। ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦିଆ ନ ଗଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଏସ୍‌ଏଚ୍‌ଜି ସଭାପତି, ସମ୍ପାଦିକାଙ୍କ ନାମରେ ଠକେଇ ଅଭିଯୋଗ

କୁଜଙ୍ଗ, ୮।୯(ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ଜିଲାନାସୀ ପଞ୍ଚାୟତ ଜିଲାନାସୀ ଗ୍ରାମର ଏକ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଭାନେତ୍ରୀ ଓ ସମ୍ପାଦିକାଙ୍କ ନାମରେ ଟଙ୍କା ହଡ଼ପ ଅଭିଯୋଗ ହୋଇଛି। ଉଭୟେ ଗୋଷ୍ଠୀର ୪ ଲକ୍ଷ୍ୟ ୩୨ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ତଦନ୍ତ ପରେ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁଜଙ୍ଗ ଥାନା ଅଧିକାରୀ ବଂଶୀଧର ପ୍ରଧାନ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୨ ସେପ୍ଟେମ୍ବରରେ ସରକାରଙ୍କ ପକ୍ଷରୁ ଏହି ଗୋଷ୍ଠୀକୁ ୫୦ ଲକ୍ଷ ଟଙ୍କା ଋଣ ମିଳିଥିଲା । ପୂର୍ବରୁ ରହିଥିବା ମୂଳ ଜମାକୁ ମିଶାଇ ଗ୍ରୁପର ୧୦ ଜଣ ସଦସ୍ୟ ୫୧ ହଜାର ଟଙ୍କା ଲେଖାଏ ଏକ ପ୍ରତିଶତ ସୁଧରେ ଋଣ ନେଇଥିଲେ। ପ୍ରତିମାସ ୧୦ ତାରିଖରେ ଏହି ଟଙ୍କାର ମାସିକ ସୁଧ ମୂଳ ମିଶାଇ ସଭାନେତ୍ରୀ ଓ ସମ୍ପାଦିକା କୁଜଙ୍ଗସ୍ଥିତ ଏକ ଜାତୀୟ ବ୍ୟାଙ୍କରେ ଜମା ଦେଉଥିଲେ। ମାତ୍ର ସେମାନେ କମ୍ ପରିମାଣର ଟଙ୍କା ଜମା କରି ମିଥ୍ୟା ତଥ୍ୟ ବ୍ୟାଙ୍କ ରସିଦରେ ଉଲ୍ଲେଖ କରି ଗ୍ରୁପର ସଦସ୍ୟାମାନଙ୍କୁ ଦେଉଥିଲେ। ବ୍ୟାଙ୍କରେ ଋଣ ଟଙ୍କା ଜମା ହେଉ ନ ଥିବାରୁ ବ୍ୟାଙ୍କ ମ୍ୟାନେଜର ଅନ୍ୟ ଏକ ଗୋଷ୍ଠୀର ସଭାପତି ଓ ସମ୍ପାଦିକାଙ୍କ ଦ୍ୱାରା ଏବିଷୟରେ ଜଣାଇଥିଲେ। ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିବା ପରେ ସଦସ୍ୟାମାନେ ସ୍ଥାନୀୟ ସରପଞ୍ଚଙ୍କ ମଧ୍ୟସ୍ଥତାରେ ହୋଇଥିବା ଆଲୋଚନା କରିଥିଲେ। ଏହି ସମୟରେ ସମ୍ପୃକ୍ତା ସଭାନେତ୍ରୀ ଓ ସମ୍ପାଦିକା ଟଙ୍କା ନେଇଥିବା ସ୍ୱୀକାର କରିଥିଲେ। ଏଥିସହ ଏକ ମାସରେ ଟଙ୍କା ପୈଠ କରିବେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଉ ଧରାଛୁଆଁ ଦେଇ ନ ଥିଲେ। ଫଳରେ ମହିଳାମାନେ ବାଧହୋଇ କୁଜଙ୍ଗ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

# ରୋକାଯାଇପାରିଲାନି ୟୁରିଆ ସାର କଳାବଜାର

■ ଅଭିଯୋଗ ନାହିଁ କହି ଚୁପ୍ ବସିଛି କୃଷି ବିଭାଗ
■ ସେପ୍ଟେମ୍ବର ୩୦ ପରେ ଆଉ ପଡ଼ିବନି ସାର
■ ଜିଲାକୁ ଆସିଲାନି ୧୯୧୪ ମେଟ୍ରିକ୍ ଟନ୍ ସାର
■ ସରକାରୀ ଭାବେ ୩୫୦ ଟଙ୍କାରେ ବିକ୍ରି ହେଉଛି

ନୟାଗଡ଼,୮।୯ (ଲୋକନାଥ ମିଶ୍ର)

ଗାଁଠାରୁ ସହର ଜିଲାର ସବୁଠାରେ ଶୁଣିବାକୁ ମିଳୁଛି ୟୁରିଆ ସାର ମିଳୁନାହିଁ। ସାର କଳାବଜାର ରୋକିବାରେ କୃଷି ବିଭାଗ ଅସମର୍ଥ। ପାନଦୋକାନଠାରୁ ଆରମ୍ଭକରି ସଉଦା ଦୋକାନରେ ୟୁରିଆ ସାର ୭୦୦ରୁ ୮୫୦ ଟଙ୍କାରେ ବିକ୍ରି ହେଉଛି। ୪୫ କେଜି ୟୁରିଆର ସରକାରୀ ଦାମ ୨୬୬.୫୦ ରହିଥିବାବେଳେ ୪୫୦ରୁ ୫୫୦ ଟଙ୍କା ଅଧିକ ଦାମ୍‌ରେ କାହିଁକି ସାର ବିକ୍ରି ହେଉଛି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ସେପଟେ ଜିଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ସାର ୨୬୬.୫୦ ଟଙ୍କାରେ ବିକ୍ରି ନ ହୋଇ ୩୫୦ ଟଙ୍କାରେ ବିକ୍ରି ହେଉଛି। କୃଷି ବିଭାଗ କହୁଛି ସରକାରୀ ଦରଠାରୁ ଅଧିକ ଦରରେ ସାର ବିକ୍ରି କରାଯାଇପାରିବନାହିଁ। ହେଲେ ପାକ୍ସ ଓ ରିଟେଲର ପଏଣ୍ଟରେ ସାର ୩୫୦ ଟଙ୍କାରେ ବ୍ରିକି ହେଉଛି କିପରି ବୋଲି ଅନୁରୂପ ଭାବେ ପ୍ରଶ୍ନ ଉଠିଛି। ହେଲେ ଚାଷୀଙ୍କ ଉତ୍ତର ଦେବାକୁ କେହି ପ୍ରସ୍ତୁତ ନୁହନ୍ତି। ଅନ୍ୟପକ୍ଷେ ସାର କଳାବଜାର ସମ୍ପର୍କରେ ଅଭିଯୋଗ ନାହିଁ ଦର୍ଶାଇ କୃଷି ବିଭାଗ ଚୁପ୍ ବସି ରହିଛି। ସେପଟେ ସେପ୍ଟେମ୍ବର ୩୦ ପରେ ଆଉ ଜମିରେ ସାର ପଡିବନାହିଁ। ଜୁନ୍ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଧାନ ଫସଲରେ ସାର ପଡ଼େ। ତେବେ ଜିଲାର ଟାର୍ଗେଟ ମୁତାବକ ସାର ଆସି ନ ଥିବାରୁ ଚାଷୀ ଜମିରେ ସାର ପକାଇବା କ୍ଷେତ୍ରରେ ହଇରାଣ ହୋଇ ଆସୁଛନ୍ତି। ଜିଲା ପାଇଁ ୮, ୫୦୦ ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକତା ଥିବାବେଳେ ୬,୫୮୬ ମେଟ୍ରିକ ଟନ ସାର ଆସିଛି। ଅବଶିଷ୍ଟ ୧୯୧୪ ମେଟ୍ରିକ୍ ଟନ୍ ସାର ଏଯାବତ ଆସି ନାହିଁ। ୫ ଦିନ ଭିତରେ ସାର ନ ଆସିଲେ ସାରର କୃତ୍ରିମ ଅଭାବ ବଢ଼ିବ ବୋଲି ଚାଷୀ ସତର୍କ କରାଇ ଦେଇଛନ୍ତି।

ସାର କଳାବଜାର ନେଇ ନୂଆଗାଁ ଚାଷୀ ହେମନ୍ତ ପ୍ରଧାନ, ଗଣିଆର ଚାଷୀ ବିମଳ ନାୟକ, ରଣପୁର ଚାଷୀ ସୁବଳ ସାହୁ କହିଛନ୍ତି, କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଚିନ୍ତା ମୁଣ୍ଡାଇବାକୁ ପ୍ରସ୍ତୁତ ନୁହନ୍ତି। କଳାବଜାର କିଏ କରୁଛି କେଉଁଠାରେ ହେଉଛି କୃଷି ବିଭାଗ ଜାଣେ। ହେଲେ ନୀରବତା ଅବଲମ୍ବନ କରିବା ଦ୍ୱାରା ସମସ୍ୟା ବଢ଼ି ଚାଲିଛି। ସାର ସମସ୍ୟା ନେଇ ଅଭିଯୋଗ କଲେ ଲେଖିକରି ଦିଅ, କେଉଁଠାରେ ହେଉଛି ଦେଖାଇ ଦିଅ, ଆମେ ଅନୁଧ୍ୟାନ କରି ପଦକ୍ଷେପ ନେବୁ କୁହାଯାଉଛି। ଶେଷରେ ଅଭିଯୋଗ ନାହିଁ ଦର୍ଶାଇ ଦୋଷ ଖସାଇବାରୁ ପ୍ରତିବର୍ଷ ସାର କଳାବଜାର ବଢ଼ି ଚାଲିଛି ବୋଲି ଚାଷୀମାନେ କହିଛନ୍ତି। ଏ ନେଇ ଜିଲା ଫର୍ଟିଲାଇଜର ହୋଲସେଲର ଆସୋସିଏଶନର ସଭାପତି ଉମେଶ ଚନ୍ଦ୍ର ସାହୁ କହିଛନ୍ତି, ସରକାରୀ ଦରଠାରୁ ଅଧିକ ଦରରେ ସାର ବିକ୍ରି କରା ନ ଯିବା ଠିକ୍। ତେବେ ପରିବହନ ଖର୍ଚ୍ଚ ଆମେ କେଉଁଠାରୁ ଆଣିବୁ। ଏଣୁ ପରିବହନ ଖର୍ଚ୍ଚ ପାଇଁ ୪୫ କେଜି ସାର ବସ୍ତାର ଦାମ ୩୫୦ ଟଙ୍କା ନେବାକୁ ପଡୁଛି। ଅନ୍ୟପକ୍ଷେ ଆମେ ସାର କଳାବଜାର କରୁନାହୁଁ। ଯେଉଁମାନେ କଳାବଜାର କରୁଛନ୍ତି ସେମାନଙ୍କ ଉପରେ ଚଢ଼ାଉ କରାଯିବା ଦରକାର। ଜିଲାରେ ବେସରକାରୀ ଭାବେ ଥିବା ୧୦ ହୋଲ୍‌ସେଲର ପଏଣ୍ଟରେ ଆଦୌ ୟୁରିଆ ସାର ନାହିଁ। ଯାହା ବାଲୁଗାଁ ଚଢ଼ାଉରେ ପ୍ରମାଣିତ ମଧ୍ୟ ହୋଇଛି ବୋଲି କହିଥିଲେ।



ବାଲୁଗାଁ ସାର ଗୋଦାମ ଉପରେ ପ୍ରଶାସନିକ ଅଧିକାରୀ ଚଢ଼ାଉ କରୁଛନ୍ତି।

## ବାଲୁଗାଁ ଗୋଦାମ ଉପରେ ଚଢ଼ାଉ

ଜିଲାରେ ସାର ଅଭାବ ଅଭିଯୋଗ ବଢୁଥିବାବେଳେ କୃଷି ବିଭାଗର ଟିମ୍ ସହ ନୟାଗଡ଼ ତହସିଲଦାର ନୟାଗଡ଼ ବ୍ଲକ୍‌ର ବାଲୁଗାଁ ମହାବୀର କୃଷି ପ୍ରତିଷ୍ଠାନର ଗୋଦାମ ଉପରେ ସୋମବାର ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଜଣାପଡିଥିଲା ଗୋଦାମରେ ସାର ଗଚ୍ଛିତ ନାହିଁ। ଚଢ଼ାଉରେ ଜିଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂ, ଅତିରିକ୍ତ ଜିଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ, ନୟାଗଡ଼ ବ୍ଲକ କୃଷି ଅଧିକାରୀ ରାଜେଶ କୁମାର ନନ୍ଦ, ଫର୍ଟିଲାଇଜର ଇନ୍ସପେକ୍ଟର ପ୍ରସାଦ ପୁରୁଷୋତ୍ତମ ସୁବୁଦ୍ଧି, ନୟାଗଡ଼ ତହସିଲଦାର ରାଜ କିଶୋର ସ୍ୱାଇଁ ସାମିଲ ଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଶିବନାରାୟଣ ସିଂଙ୍କୁ ପଚାରିବାରେ ସାର କଳାବାଜାର ରୋକିବାକୁ ଆମେ ପଦକ୍ଷେପ ନେଉଛୁ। ହେଲେ ଆମକୁ ସାର କଳାବଜାର ନେଇ କେହି ଅଭିଯୋଗ କରୁନାହାନ୍ତି। ଗୋଟିଏ ଅଭିଯୋଗ ଖଣ୍ଡପଡ଼ାରୁ ମିଳିଥିଲା ହେଲେ ଅଭିଯୋଗକାରୀ ସହଯୋଗକରି ନ ଥିଲେ। ସାର ଅଭାବକୁ ଦୂରକରିବାକୁ ନୟାଗଡ଼ ସମବାୟ ସମିତିର ଉପନିବନ୍ଧକ(ଡିଆର୍‌ସିଏସ୍)ଙ୍କ ସହ ଆଲୋଚନା ହୋଇଛି। ମାର୍କଫେଡ୍ ଜରିଆରେ ପାକ୍ସକୁ ୧୫୫୦ ମେଟ୍ରିକ୍ ଟନ୍ ସାର ଯୋଗାଇ ଦିଆଯିବ। ସମ୍ପୃକ୍ତ ସାର ଆଇଏଫ୍‌ଏଲ୍ ଯୋଗାଇବ। ଏ ନେଇ ମୁଖ୍ୟ ସଚିବଙ୍କ ସମୀକ୍ଷା ସମୟରେ କୁହାଯିବା ପରେ ସାର ଆସିବ ବୋଲି ପ୍ରତିଶ୍ରୁତି ମିଳିଛି। ସେପ୍ଟେମ୍ବର ୩୦ ପରେ ଆଉ ଧାନ ଫସଲରେ ସାର ପକାଯିବ ନାହିଁ। ଏଣୁ ଏହାକୁ ଗୁରୁତ୍ୱ ଦେଇ ସାର ସଙ୍କଟର ସମସ୍ୟା ପାଇଁ ପଦକ୍ଷେପ ନିଆ ଯାଉଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅସିତ୍



@ ଟିକୁନ୍



@ ହରନାରାୟଣ



@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲଡୁବାବାଙ୍କ ହୁଣ୍ଡିରୁ ମିଳିଲା ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଶରଣକୁଳ, ୮।୯ (ଦୀପକ କର)

ଶରଣକୁଳର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ହୁଣ୍ଡି ସୋମବାର ଖୋଲାଯାଇଥିଲା। ହୁଣ୍ଡିରୁ ମୋଟ ୩ ଲକ୍ଷ ୧୬,୨୬୯ଟଙ୍କା ମିଳିଥିଲା। ଦେବୋତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ, ରାଜସ୍ୱ ନିରୀକ୍ଷିକା ମିନତି ସାହୁ, ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଏବଂ ସେବାୟତଙ୍କ ଉପସ୍ଥିତିରେ ହୁଣ୍ଡି ଖୋଲା ଯାଇଥିଲା। ମିଳିଥିବା ଟଙ୍କା ମଧ୍ୟରୁ ୫ଶହ ଟଙ୍କିଆ ନୋଟ ୯୦ଖଣ୍ଡ, ୨ଶହ ଟଙ୍କିଆ ୯୨ ଖଣ୍ଡ, ଶହେ ଟଙ୍କିଆ ୯୧୯ଖଣ୍ଡ, ୫୦ଟଙ୍କିଆ ୧୦୯୬ଖଣ୍ଡ, ୨୦ ଟଙ୍କିଆ ୨୬୩୧ଖଣ୍ଡ, ୧୦ ଟଙ୍କିଆ ୨୨୦୮ ଖଣ୍ଡ ଏବଂ ୫ଟଙ୍କିଆ ୧୯ ଖଣ୍ଡ ନୋଟ୍ ମିଳିଥିବା ଜଣାପଡ଼ିଛି। ସେହିପରି ୨୦ଟଙ୍କିଆ କଏନ୍ ୪୩ଟି, ୧୦ ଟଙ୍କିଆ କଏନ୍ ୧୨୧୧ଟି, ୫ ଟଙ୍କିଆ କଏନ୍ ୧୯୫୭ଟି, ୨ ଟଙ୍କିଆ କଏନ୍ ୩୫୯୭ଟି ଏବଂ ଟଙ୍କିକିଆ କଏନ୍ ୧୪୨୫ଟି ମିଳିଥିବା ଦେବୋତର ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହାସହ ପିତଳ ଓ ସିଲଭର ଆଦି ଜିନିଷ ଶ୍ରଦ୍ଧାଳୁମାନେ ଦାନ କରିଛନ୍ତି। ସମସ୍ତ ଦାନ ଟଙ୍କାକୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ହୁଣ୍ଡି ଖାତାରେ ଜମା କରାଯାଇଥିବା ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ କହିଛନ୍ତି।



ହୁଣ୍ଡିରୁ ବାହାରିଥିବା ଟଙ୍କାକୁ ଗଣତି କରାଯାଉଛି।

# ସରକାରୀ ବାସଗୃହ ସୁରକ୍ଷା ପ୍ରତି ଆଖିବୁଜି ଦେଇଛି ପ୍ରଶାସନ



ଖଣ୍ଡପଡ଼ା, ୮।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ବିଭିନ୍ନ ସ୍ଥାନରେ ସରକାରୀ କର୍ମଚାରୀମାନଙ୍କ ରହିବା ନିମନ୍ତେ ବାସଗୃହଗୁଡିକ ନିର୍ମାଣ କରାଯାଇଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ସମୟାନୁକ୍ରମେ ବାସଗୃହଗୁଡିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ। କେଉଁଠି ବାସଗୃହଗୁଡିକ ଭାଙ୍ଗିଯାଇ ମାଟିରେ ମିଶିଲାଣି ତ ପୁଣି କେଉଁଠାରେ ବାସଗୃହ ମଧ୍ୟରେ ଅନାବନା ଗଛଲତା ଉଠି ତାହା ବିଷଧର ସରୀସୃପଙ୍କ ନିମନ୍ତେ ଆଶ୍ରୟସ୍ଥଳ ପାଲଟିଛି। ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ବାସଗୃହଗୁଡିକର ପୁନରୁଦ୍ଧାର ଦିଗରେ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ଫଳରେ ବ୍ଲକ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ସରକାରୀ ବାସଗୃହ ଅଭାବରୁ ବାଧହୋଇ ବାହାରେ ଘରଭଡ଼ା ନେଇ ରହୁଛନ୍ତି। ସେହିପରି ତହସିଲ ପ୍ରଶାସନ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ , ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ବନ ବିଭାଗ, ପୋଲିସ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ ସମେତ ଅନ୍ୟ ବିଭାଗଗୁଡିକରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବା ନିମନ୍ତେ ଦୀର୍ଘବର୍ଷ ତଳୁ ଏକାଧିକ ସରକାରୀ ବାସଗୃହ ନିର୍ମାଣ କରାଯାଇଥିଲା। ଏବେ ସେହି ବାସଗୃହଗୁଡିକ କର୍ମଚାରୀମାନଙ୍କ ସେବାରେ ଲାଗୁନାହିଁ। ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ବାସଗୃହଗୁଡିକରୁ କବାଟ, ଝରକା, ଲୁହାଗ୍ରୀଲ, ଚଉକାଠ, ଟିଣ ଓ ଆଜ୍‌ବେଷ୍ଟସ୍ ଆଦି ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଉଥିବା ଅଭିଯୋଗ ହେଉଛି। ତେଣୁ ସରକାରୀ ବାସଗୃହଗୁଡିକର ପୁନରୁଦ୍ଧାର ଦିଗରେ ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜଙ୍ଗଲରେ ଲାଗିବ ଔଷଧୀୟ ଚାରା

ଓଡ଼ଗାଁ, ୮।୯(ଆଦର୍ଶ କୁମାର ପଟ୍ଟନାୟକ)

## ଏକ ପେଡ ମା' କେ ନାମ

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳ ରଙ୍ଗଣିପାଟଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡ଼ଗାଁ ବନ ବିଭାଗ ଦ୍ୱାରା ଆୟୋଜିତ ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଙ୍ଗଲରେ ଔଷଧୀୟ ଚାରା ଲାଗିବ ବୋଲି ଅତିଥିମାନେ କହିଥିଲେ। ଏଥିରେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ ଯୋଗଦେଇ ଉପସ୍ଥିତ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମା' ଓ ଭଉଣୀଙ୍କୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ବର୍ଷ ଚଳିତ ମାସ ଆଗାମୀ ୧୭ ତାରିଖ ସୁଦ୍ଧା ୭୫ ଲକ୍ଷ ଚାରା ରୋପଣ ଅଭିଯାନ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। କେବଳ ବନ ବିଭାଗ ନୁହେଁ, ଅନ୍ୟ ସମସ୍ତ ଲାଇନ୍ ବିଭାଗମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଚାରାରୋପଣ ଅଭିଯାନକୁ ସଫଳ କରିବା ନିମନ୍ତେ ପଦକ୍ଷେପର ତଥ୍ୟ ଭିତ୍ତିକ ସୂଚନା ଦେଇଥିଲେ। ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀର ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହିତ ଗଛଟିଏ ମୁଁ ଗଛଟିଏ ଗୋଷ୍ଠୀ ଗତ ନୃତ୍ୟ ସଙ୍ଗୀତ ପରିବେଷଣ ଦେଖି ଅତିଥିମାନଙ୍କ ସହିତ ଅନ୍ୟ ସମସ୍ତେ କିଛି ସମୟ ପାଇଁ ଭାବୁକ ହୋଇପଡ଼ିଥିଲେ। ସେଲ୍ଫି ପଏଣ୍ଟରେ ବିଭିନ୍ନ ଗୋଷ୍ଠୀରୁ ଆସିଥିବା ମା' ମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ନୟାଗଡ଼ ଜିଲା ବନଖଣ୍ଡ ଅଧିକାରୀ ଦେବର୍ଜ୍ଜନ ବେହେରା, ସହକାରୀ ବନ ସଂରକ୍ଷକ ହିମାଂଶୁ ଶେଖର ମୁଦୁଲି, ମହିପୁର ରେଞ୍ଜର ଅମ୍ରିତ ସାହୁ, ଓଡ଼ଗାଁ ରେଞ୍ଜର ଅଭିମନ୍ୟୁ ମଲିକ ପ୍ରମୁଖ ଯୋଗଦେଇଥିଲେ। ଓଡ଼ଗାଁ ବନଖଣ୍ଡ ସରିତା ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଙ୍ଗଣିପାଟଣା ସରପଞ୍ଚ ସସ୍ମିତା ପାତ୍ର ଅତିଥିମାନଙ୍କୁ ପଞ୍ଚାୟତ ପକ୍ଷରୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଗସ୍ତ ଅବସରରେ ମହିପୁର ବନାଞ୍ଚଳ ଗୁମିଠାରେ ନିର୍ମାଣ ହୋଇଥିବା ଶିକାରୀ ନିରୋଧୀ ଶିବିରକୁ ଉଦ୍‌ଘାଟିତ କରିବା ସହିତ ଓଡ଼ଗାଁ ବନାଞ୍ଚଳ ବାହାଡାଝୋଲା ସେକ୍ସସନ ବାଲିସିଂଶା ବଧୂଲିପୁର ବନିକରଣ ବ୍ୟବସ୍ଥାକୁ ବୁଲି ଦେଖିଥିଲେ। ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଉଦ୍ଧବ ପ୍ରଧାନ, ଦିଲୀପ ପ୍ରଧାନ, ଅଳିଭା ବରାଳ, ଦୀପ୍ତିମୟୀ ରାଉତ ଏବଂ ସମସ୍ତ ସ୍କାଉମାନେ ସହଯୋଗ କରିଥିଲେ।



ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ ଚାରା ବଣ୍ଟନ କରୁଛନ୍ତି।

# ୨୨ ବ୍ୟକ୍ତିଗତ, ୧୩ ସାମୂହିକ

ଗଣିଆ,୮।୯(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ୩୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୩୯ ଅଭିଯୋଗ ମଧ୍ୟରୁ ୨୨ ବ୍ୟକ୍ତିଗତ ଓ ସାମୂହିକ ୧୩ଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ପାଇଁ ୪ଟି ପଞ୍ଜୀକୃତ ହୋଇଥିଲା। ଆଦର୍ଶ ବିଦ୍ୟାଳୟରେ ଗ୍ରୁପ ମାଧ୍ୟମରେ ରାତ୍ରୀ ଜଗୁଆଳ ଓ ଝାଡୁଦାର ନିଯୁକ୍ତି ପାଇଁ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ, କେନ୍ଦୁଆବିଡ଼ାର ମହିଳାମାନେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଦିବାସୀ ଅଧ୍ୟୁଷିତ ବଡ଼ସିଲିଙ୍ଗା ପଞ୍ଚାୟତର ଡୁଇସିଙ୍ଗ, ବାଙ୍କଝରୀ, ଡୁମୁଡୁମା, ଡିପସାହି, ଗେରେଗେଡ଼ି, ଓସାମସ୍କା, ଶେକେଟାପଲ୍ଲୀ ଆଦି ୭ ଗ୍ରାମବାସୀ ବସାଗଣ୍ଡଠାରେ ସରକାରଙ୍କ ଦ୍ୱାରା ଏକ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଛି। କିନ୍ତୁ ଜାଗା ନିରୂପଣ ହୋଇ ପାରୁ ନ ଥିବାରୁ ନିର୍ମାଣ କାର୍ଯ୍ୟ ହୋଇପାରୁ ନ ଥିବାରୁ ସ୍ଥାନୀୟ ଅଧିବାସୀ ବସ ରହଣି ସ୍ଥଳରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ସର୍ବସାଧାରଣ ଗ୍ରାମ୍ୟ ରାସ୍ତା, ଦଣ୍ଡା ରାସ୍ତା, ଗୋଚର, ଶ୍ମଶାନ ଓ ନଦୀକୂଳ ବଗାୟତ ଜମିକୁ ଦଖଲ କରିଥିବା ଜାଗାକୁ ଚିହ୍ନଟ କରିବାକୁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସେହିପରି ଗଣିଆରେ ଶ୍ରମ ବିଭାଗର ଏକ କାର୍ଯ୍ୟାଳୟ ଖୋଲିବା ପାଇଁ ସରପଞ୍ଚ ସେଠୀ ଅନୁରୋଧ କରିଥିଲେ। କିଶୋରପ୍ରସାଦ ପଞ୍ଚାୟତରେ ୭ ମାସ ହେବ ୪୦ଟି ଷ୍ଟ୍ରିଟ ଲାଇଟରୁ ୨୭ଟି ଖରାପ ହୋଇଛି। ତାର ୱାରେଣ୍ଟି ଥିଲେ ମଧ୍ୟ ବାରମ୍ବାର ଫୋନ ଓ ମେସେଜ କଲେ ବି କେହି ସଜାଡ଼ିବାକୁ ଆସୁନାହିନ୍ତି ବୋଲି ସରପଞ୍ଚ ଗୀତାରାଣୀ ବେହେରା ଅଭିଯୋଗ କରିଥିଲେ। ସାମାଜିକ ସୁରକ୍ଷା ପକ୍ଷରୁ ସ୍ୱାବଲମ୍ବୀ ହେବା ପାଇଁ କଳାଶିମିଳି ଗ୍ରାମର ପ୍ରତାପ କୁମାର ବେହେରାଙ୍କୁ ଡିଜିଟାଲ ଓଜନ ମେଶିନ, ୫କିଲୋ ଗ୍ୟାସ ଟାଙ୍କି, ସସପେନ୍ସ, କେଟିଲ, ଗଣିଆ ଗ୍ରାମର ଶ୍ରୀନିବାସ ସାହୁଙ୍କୁ ଗୋଟିଏ ଫ୍ରିଜ ଓ ଡଙ୍କାରିସାହି ଗ୍ରାମର ମାନସ କୁମାର ମାଟିଙ୍କୁ ଗାଡ଼ିମଟରର ପମ୍ପଦିଆ ମେଶିନ, ନୂଆପଡ଼ାର ଚନ୍ଦ୍ରକାନ୍ତ ପଟ୍ଟନାୟକଙ୍କୁ ମାଟି ଚକଟା ମେଶିନ, ବସନ୍ତପୁର ଗ୍ରାମର ଜ୍ୟୋତିରଞ୍ଜନ ବାରିକଙ୍କୁ ଗୋଟିଏ ଅଲ ଇନ ୱାନ ପ୍ରିଣ୍ଟର ମେଶିନ ପ୍ରଦାନ କରାଯାଇଛି। ଶିବିରରେ ପିଡି ଲଗ୍ନଜିତ ରାଉତ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଏଡିଏମ୍ ପୁଷ୍ପ ଲିଲିମା ଲାକ୍ରା, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ପ୍ରତିବାଳା ରଣା, ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀ ସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି

# ପାସେଞ୍ଜର ବର୍ଗରେ ୦.୯୩%, ଦୁଇ ଚକିଆ ବର୍ଗରେ ୨.୧୮% ବୃଦ୍ଧି

ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)



ଭାରତର ଅଟୋମୋବାଇଲ ବଜାର ୨୦୨୫ ଅଗଷ୍ଟରେ ସାମାନ୍ୟ ବୃଦ୍ଧି ହାସଲ କରିଛି। ଫେଡେରେଶନ ଅଫ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ (ଫାଡା) ତଥ୍ୟ ଅନୁଯାୟୀ, ଅଗଷ୍ଟରେ ଯାନବାହନ ରିଟେଲ ବିକ୍ରି ୨.୮୪% ବୃଦ୍ଧି ପାଇ ୧୯,୬୪,୫୪୭ ୟୁନିଟରେ ପହଞ୍ଚିଛି। ୨୦୨୪ ଏହି ସମୟରେ ଏହା ୧୯,୧୦,୩୧୨ ୟୁନିଟ ଥିଲା। ପାସେଞ୍ଜର ଯାନ ବର୍ଗରେ ମାତ୍ର ୦.୯୩% ବୃଦ୍ଧି ଦେଖାଯାଇଛି। ଅଗଷ୍ଟରେ ଏହି ବର୍ଗରେ ୩,୨୩,୨୫୬ ୟୁନିଟ ବିକ୍ରି ହୋଇଛି, ଯାହା ଗତବର୍ଷ ୩,୨୦,୨୯୧ ୟୁନିଟ ତୁଳନାରେ ଅଳ୍ପ ଅଧିକ। ମାସ ଆରମ୍ଭରେ ଅନେକ ଲୋକ ବୁକିଂ କରିଥିବାବେଳେ ଜିଏସ୍‌ଟି ସଂସ୍କାର ଘୋଷଣା ପରେ ଅନେକ ଗ୍ରାହକ ମୂଲ୍ୟ ହ୍ରାସର ଆଶାରେ ସେପ୍ଟେମ୍ବର ପର୍ଯ୍ୟନ୍ତ କିଣାକିଣି ସ୍ଥଗିତ ରଖିଛନ୍ତି। ଦୁଇଚକିଆ ଯାନ ବିକ୍ରି ଅଗଷ୍ଟରେ ୧୩,୭୩,୬୭୫ ୟୁନିଟରେ ପହଞ୍ଚିଛି। ଏହା ଗତ ବର୍ଷର ୧୩,୪୪,୩୮୦ ୟୁନିଟ ତୁଳନାରେ ୨.୧୮% ଅଧିକ। ଓନାମ ଓ ଗଣେଶ ଚତୁର୍ଥୀ ଆଦିରେ ବିକ୍ରି ବଢ଼ିଥିଲା। ମାତ୍ର ଉତ୍ତର ଭାରତରେ ପ୍ରବଳ ବର୍ଷା ଓ ବନ୍ୟା ଗ୍ରାମାଞ୍ଚଳରେ ବ୍ୟବସାୟକୁ ପ୍ରଭାବିତ କରିଛି। ଏହା ସହ ଲୋକପ୍ରିୟ ସ୍କୁଟର ମଡେଲର ସୀମିତ ଯୋଗାଣ ମଧ୍ୟ ବିକ୍ରିକୁ ହ୍ରାସ କରିଛି। ବାଣିଜ୍ୟିକ ଯାନ ବର୍ଗରେ ୮.୫୫% ବୃଦ୍ଧି ସହ ୭୫,୫୯୨ ୟୁନିଟ ବିକ୍ରି ହୋଇଛି। ଏହା ଗତବର୍ଷ ୬୯,୬୩୫ ୟୁନିଟ ଥିଲା। ମାତ୍ର ତିନି ଚକିଆ ଯାନ ବିକ୍ରି ୨.୨୬% ହ୍ରାସ ପାଇ ୧,୦୩,୧୦୫ ୟୁନିଟରେ ପହଞ୍ଚିଛି। ଏହା ଗତବର୍ଷ ୧,୦୫,୪୯୩ ୟୁନିଟ ଥିଲା। ଏ ଅବସରରେ ଫାଡା ଅଧ୍ୟକ୍ଷ ସି.ଏସ. ବିଗ୍ନେଶ୍ୱର କହିଛନ୍ତି, ଅଗଷ୍ଟରୁ ପାର୍ବଣ ଋତୁର ଆରମ୍ଭ ହୋଇଛି। ପୂର୍ବବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ଗ୍ରାହକମାନେ ଉତ୍ସାହ ଦେଖାଇ ବହୁ ସଂଖ୍ୟାରେ ବୁକିଂ କରିଛନ୍ତି। ମାତ୍ର ଜିଏସ୍‌ଟି ୨.୦ ସଂସ୍କାର ଯୋଗୁ ଗ୍ରାହକଙ୍କ କିଣାକିଣି ଧିମା ପଡ଼ିଛି, କାରଣ ସେମାନେ ସେପ୍ଟେମ୍ବର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଚାହୁଁଛନ୍ତି। ସେ ଜିଏସ୍‌ଟି ୨.୦ ସଂସ୍କାରକୁ ପ୍ରଶଂସା କରି କହିଛନ୍ତି, ଏହା ଜନସାଧାରଣଙ୍କୁ ପ୍ରାଧାନ୍ୟ ଦେଇ ଦୁଇଟି ସ୍ଲାବ ସହ ଟିକସ ବ୍ୟବସ୍ଥାକୁ ସରଳ ଓ ସ୍ୱଚ୍ଛ କରିବ। ଫାଡା ଅନୁମାନ କରିଛି, ସେପ୍ଟେମ୍ବରର ପ୍ରଥମ ପର୍ଯ୍ୟାୟରେ ଶ୍ରାଦ୍ଧ ପକ୍ଷ ଓ ଜିଏସ୍‌ଟି ସଂସ୍କାର ଯୋଗୁ ଗ୍ରାହକମାନେ କିଣାକିଣି ସ୍ଥଗିତ ରଖିପାରନ୍ତି। ମାତ୍ର ନବରାତ୍ରି ଓ ଦୁର୍ଗାପୂଜା ସମୟରେ କମ୍ପାନୀଗୁଡ଼ିକର ଯୋଜନା ଓ ନୂଆ ଟିକସ ହାରର ଲାଭ ମିଳିଲେ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ଦେଖାଯିବ।

# ସୁନା ଦର ସାମାନ୍ୟ କମିଲା



ଭୁବନେଶ୍ୱର,୮।୯(ଅନୁରାଧା ମହାରଣା)

ସୁନାଦରରେ ସୋମବାର ସାମାନ୍ୟ ହ୍ରାସ ପରେ ୨୪ କ୍ୟାରେଟ ୧୦ ଗ୍ରାମ ସୁନା ଦର ୧,୦୮,୩୮୦ ଟଙ୍କା ରହିଛି । ରବିବାର ଏହା ୧,୦୮,୪୯୦ ଟଙ୍କା ଥିଲା। ଏଥିରେ ୧୧୦ ଟଙ୍କା ହ୍ରାସ ହୋଇଛି । ସେହିପରି ୨୨ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୯୯,୩୫୦ ଟଙ୍କା ରହିଛି। ଗତକାଲି ୯୯,୪୫୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି । ୧୮ କ୍ୟାରେଟ ୧୦ ଗ୍ରାମ ସୁନା ଦାମ ୮୧,୨୯୦ ଟଙ୍କା ରହିଛି। ଗତକାଲି ୮୧,୩୭୦ ଟଙ୍କା ଥିଲା। ଏଥିରେ ୮୦ ଟଙ୍କା ହ୍ରାସ ହୋଇଛି। ଅନ୍ୟପଟେ ୧୦୦ ଗ୍ରାମ ରୁପା ଦର ୧୩,୭୦୦ ଟଙ୍କା ରହିଛି। ରବିବାର ଏହା ୧୩,୮୦୦ ଟଙ୍କା ଥିଲା। ଏଥିରେ ୧୦୦ ଟଙ୍କା ହ୍ରାସ ହୋଇଛି।

# ସ୍ୱାସ୍ଥ୍ୟ ବୀମାରେ ବଢ଼ିପାରେ ବେସ୍ ପ୍ରିମିୟମ

ଭୁବନେଶ୍ୱର,୮।୯

